୬ ଗୁଜରାଟ ଟାଇଟାନ୍ସକୁ ୯ ୱିକେଟରେ ହରାଇଲା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
# ସମ୍ବାଦ କଳିକା
TM
The Sambad Kalika
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ-୩୧ ● ସଂଖ୍ୟା-୯୨ ● ୨୯ ଅପ୍ରେଲ ୨୦୨୪, ସୋମବାର ● ଭୁବନେଶ୍ୱର ● Vol -31 ● Issue-92 ● 29th April 2024, Monday ● Bhubaneswar
Licensed to post without pre-payment of postage No- BN-60/22-24

# ଓଡ଼ିଶାରେ କଂଗ୍ରେସ କ୍ଷମତାକୁ ଆସିଲେ ଲୋକଙ୍କ ଖାତାକୁ ଟଙ୍କା ଦିଆଯିବ

ଭୁବନେଶ୍ୱର, ୨୮।୪
ନ୍ୟୁଜ୍ ବ୍ୟୁରୋ

ରବିବାର ଓଡ଼ିଶା ଗସ୍ତରେ ଆସି କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲେ। ସେଠାରେ ପିସିସି ସଭାପତି ଶରତ ପଟ୍ଟନାୟକ ଏବଂ ପ୍ରଭାରୀ ଡ. ଅଜୟ କୁମାରଙ୍କ ସହିତ ବହୁ କଂଗ୍ରେସ ନେତା ଓ କର୍ମୀ ତାଙ୍କୁ ସ୍ୱାଗତ କରିଥିଲେ। ଭୁବନେଶ୍ୱରରୁ ସିଧାସଳଖ ହେଲିକପ୍ଟର ଯୋଗେ ମଧୁବାବୁଙ୍କ ଜନ୍ମସ୍ଥଳୀ ସତ୍ୟଭାମାପୁର ଯାଇଥିଲେ। ରାହୁଲ ଗାନ୍ଧୀ ସତ୍ୟଭାମାପୁରରେ ଥିବା ମଧୁବାବୁଙ୍କ ୧୭୬ତମ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ମାଲ୍ୟାର୍ପଣ ପରେ ମଧୁବାବୁଙ୍କ ଜନ୍ମପୀଠ ବୁଲି ଦେଖିଥିଲେ।

ରାହୁଲ ଗାନ୍ଧୀ ସେଠାରୁ ଯାଇ ସାଲେପୁର ନ୍ୟାୟ ସମାବେଶରେ ସାମିଲ ହୋଇଥିଲେ। କଂଗ୍ରେସର ସାଲେପୁର ନ୍ୟାୟ ସମାବେଶରେ ଉଦ୍‌ବୋଧନ ଦେଇ ରାହୁଲ ଗାନ୍ଧୀ ଆରମ୍ଭରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ। ରାହୁଲ ଗାନ୍ଧୀ କହିଥିଲେ ଯେ ସରକାର ଏଠାରେ କିଛି ନିର୍ଦ୍ଦିଷ୍ଟ ଲୋକଙ୍କୁ ନେଇ ଶାସନ ଚଳାଉଛନ୍ତି। ଅଳ୍ପ କିଛି ଲୋକ ହିଁ ସବୁ ଫାଇଦା ଉଠାଉଛନ୍ତି। କଂଗ୍ରେସ ତେଲେଙ୍ଗାନାରେ ବିଜେପି-ବିଆରଏସ ମେଣ୍ଟ ପଦାକୁ ଆଣିଥିଲା। ନିର୍ବାଚନ ହେଲା, ସେଠାରେ ବିଆରଏସ ପୂରା ଉଡ଼ିଗଲା।



ଓଡ଼ିଶାରେ କଂଗ୍ରେସ କ୍ଷମତାକୁ ଆସିଲେ ଲୋକଙ୍କ ଖାତାକୁ ଟଙ୍କା ଦିଆଯିବ। ୨୦୦ ୟୁନିଟ ମାଗଣା ବିଜୁଳି, ଗ୍ୟାସ ୫୦୦ ଟଙ୍କାରେ ଦିଆଯିବ। ଧାନ କ୍ୱିଣ୍ଟାଲ ୩ ହଜାର ଟଙ୍କା କରିବୁ। ମହିଳାଙ୍କୁ ୨ ହଜାର, ଯୁବକଙ୍କୁ ୩ ହଜାର, ଚାଷୀଙ୍କୁ ୩ ହଜାର ମିଳିବ। ୨୨ ଜଣଙ୍କୁ ୧୬ଲକ୍ଷ ଟଙ୍କା ଦେଇଛନ୍ତି ମୋଦି। ଦେଶର ସବୁ ଗରିବ ପରିବାରର ଜଣେ ଜଣେ ମହିଳାଙ୍କୁ ବଛାଯିବ। ଉକ୍ତ ମହିଳାଙ୍କ ବ୍ୟାଙ୍କ ଖାତାକୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ପ୍ରତିମାସରେ ୮ହଜାର ୫ଶହ ଟଙ୍କା ମହିଳାଙ୍କ ଖାତାକୁ ଯିବ। 'ପେହଲି ନୌକରୀ ପକ୍କି' ଯୋଜନା ଆଣିବ କଂଗ୍ରେସ।

ସମସ୍ତ ବେକାର ଯୁବକ ଯୁବତୀଙ୍କୁ ଚାକିରି ଗ୍ୟାରେଣ୍ଟି ଦେଉଛୁ। ସରକାରଙ୍କୁ କେହି ଚାକିରି ମାଗିଲେ ନିଶ୍ଚିତ ଚାକିରି ମିଳିବ। ଚାକିରି ମାଗିବା କ୍ଷଣି ବର୍ଷକ ପାଇଁ ଆପ୍ରେଣ୍ଟିସ ଦିଆଯିବ। ଆମ ଦେଶର କୋଟି କୋଟି ଲୋକଙ୍କୁ ଲକ୍ଷପତି ବନାଇବୁ। ଦେଶର କୋଟି କୋଟି ଲୋକଙ୍କ ଖାତାକୁ ଲକ୍ଷେ ଟଙ୍କା ଦେବୁ। ବହୁତ ହୋଇଗଲା, ବହୁତ ପାନ ଖାଇ ପେଟ ଖରାପ ହେଲାଣି। କମିଶନ ବସାଇବୁ, ଚାଷୀଙ୍କ ଋଣ ଛାଡ଼ କରିବୁ। ଆଶା ଓ *(ପୃଷ୍ଠା ୭ରେ)*

# ମଧୁବାବୁଙ୍କ ଜନ୍ମପୀଠରେ ଶ୍ରଦ୍ଧାଞ୍ଜଳି ଜଣାଇଲେ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ

କଟକ, ୨୮।୪
ନ୍ୟୁଜ୍ ବ୍ୟୁରୋ

ରବିବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ । ଏହି ପବିତ୍ର ଦିବସରେ ମଧୁବାବୁଙ୍କ ଜନ୍ମପୀଠରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ। ଏହାସହ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତି ଚାରଣ କରିଛନ୍ତି କାର୍ତ୍ତିକ ପାଣ୍ଡିଆନ। ସେ ମଧୁବାବୁଙ୍କ ଏନ୍ତୁଡ଼ିଶାଳ ପରିଦର୍ଶନ କରିଛନ୍ତି। ସତ୍ୟଭାମାପୁରରେ ପହଞ୍ଚିବା ପରେ କାର୍ତ୍ତିକ ପାଣ୍ଡିଆନଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ସ୍ଥାନୀୟ ଲୋକେ। ଆବାଳ ବୃଦ୍ଧବନିତା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ଲୋକଙ୍କ ସହ ବିଭିନ୍ନ ବିଷୟକୁ ନେଇ ଆଲୋଚନା କରିଥିଲେ କାର୍ତ୍ତିକ ପାଣ୍ଡିଆନ । ଲୋକଙ୍କ ସହ ସୁଖଦୁଃଖ ହୋଇଥିଲେ । ପିଲାଙ୍କ ସହ ବେଶ କିଛି ସମୟ କାଟିଥିଲେ । ଏହାପରେ ଏନ୍ତୁଡିଶାଳ ପରିଦର୍ଶନ କରି ମହାପୁରୁଷଙ୍କୁ ମନେ ପକାଇଥିଲେ କାର୍ତ୍ତିକ ପାଣ୍ଡିଆନ । ରାଜ୍ୟ ସରକାରଙ୍କ ପକ୍ଷରୁ କଟକ ସତ୍ୟଭାମାପୁର ମଧୁ ସ୍ମୃତି ପୀଠର ଉନ୍ନତିକରଣ ଜାରି ରହିଛି। ମୁଖ୍ୟତଃ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କଲାଭଳି ଏକ ସୁବିଧା କେନ୍ଦ୍ର, ରାସ୍ତାର ପ୍ରଶସ୍ତୀକରଣ, ପୀଠ ଭିତରେ ବ୍ୟାଟେରୀ ଚାଳିତ ଯାନ, ଗାଡି ରହଣୀସ୍ଥଳ, ବିକାଶ ଓ ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ ଦିଆଯାଇଛି । ଏଭଳି କାର୍ଯ୍ୟକୁ ସ୍ଥାନୀୟବାସୀ ପ୍ରଶଂସା କରିଛନ୍ତି ।



# ରାଜ୍ୟରେ ତାତିର ରାଜୁତି : ପୁଣି ୪୩ ଡେଇଁଲା ଭୁବନେଶ୍ୱର ତାପମାତ୍ରା

ଭୁବନେଶ୍ୱର, ୨୮।୪
ନ୍ୟୁଜ୍ ବ୍ୟୁରୋ

ଘର ବାହାରେ ମୁଣ୍ଡଫଟା ଖରା, ଭିତରେ ପ୍ରବଳ ଗରମ, ଗୁଳୁଗୁଳି। କାନ୍ଥ, ଛାତ, ଶେଯ ସବୁ ତାତି ଯାଉଛି। ଫ୍ୟାନ୍ ତ ଦୂରର କଥା, କୁଲର୍ ବି କାମ କରୁନି। ନିଆଁ ହୁଳା ଭଳି ସେଥିରୁ ବାହାରୁଥିବା ଗରମ ପବନ ଦେହମୁଣ୍ଡକୁ ଅଥୟ କରିପକାଉଛି। ତେଣୁ ଶାନ୍ତିରେ ନା ବସି ହେଉଛି ନା ଟିକିଏ ଶୋଇ ହେଉଛି। ଏଭଳି ସ୍ଥିତି ରବିବାର ପୂରା ରାଜ୍ୟବାସୀଙ୍କୁ ନାକରେ କନ୍ଦାଇଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ରର ଆକଳନ ଅନୁଯାୟୀ ରବିବାର ଟୁଇନ ସିଟି ଭୁବନେଶ୍ୱର-କଟକ ସମେତ ପୂରା ଓଡ଼ିଶା ପ୍ରଚଣ୍ଡ ତାତିରେ ଜଳିଥିଲା।

ରବିବାର ଦିନ ସାଢ଼େ ୨ଟା ସୁଦ୍ଧା ଭୁବନେଶ୍ୱର ପୁଣି ସବୁଠୁ ଉତ୍ତପ୍ତ ସହର ହୋଇଛି। ରାଜଧାନୀରେ ତାପମାତ୍ରା ୪୩.୨ ଡିଗ୍ରୀ ରେକର୍ଡ କରାଯାଇଛି। କେନ୍ଦୁଝରରେ ୪୨.୭ଡିଗ୍ରୀ, ଚାନ୍ଦବାଲିରେ ୪୨.୨ ଡିଗ୍ରୀ, ବାଲେଶ୍ୱରରେ ୪୧.୪ ଡିଗ୍ରୀ, ରାଉରକେଲାରେ ୪୦.୬ ଡିଗ୍ରୀ, ଝାରସୁଗୁଡ଼ାରେ ୩୯.୯ ଡିଗ୍ରୀ, ସମ୍ବଲପୁରରେ ୩୯.୪ ଡିଗ୍ରୀ, ହୀରାକୁଦରେ ୩୭.୮ଡିଗ୍ରୀ, ପୁରୀରେ ୩୪.୯ ଡିଗ୍ରୀ, ଗୋପାଳପୁରରେ ୩୪.୨ଡିଗ୍ରୀ ଓ ପାରାଦୀପରେ ତାପମାତ୍ରା ୩୩.୪ ଡିଗ୍ରୀ ରେକର୍ଡ କରାଯାଇଛି।

ଅନ୍ୟପଟେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ କହିଛନ୍ତି, ତାତି ଓ ଗୁଳୁଗୁଳିରୁ ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ନିସ୍ତାର ନାହିଁ। ସାମୁଦ୍ରିକ ବାୟୁର *(ପୃଷ୍ଠା ୭ରେ)*



## ଆମକୁ ଓଡ଼ିଶାର ଲୋକଙ୍କ ସେବା କରିବାର ସୁଯୋଗ ମିଳିବା ଦରକାର: ପ୍ରଧାନମନ୍ତ୍ରୀ ମୋଦି

ଭୁବନେଶ୍ୱର, ୨୮।୪
ନ୍ୟୁଜ୍ ବ୍ୟୁରୋ

ଓଡ଼ିଆ ଅସ୍ମିତା ସଙ୍କଟରେ ଅଛି। ଓଡ଼ିଆ ଭାଷା ବିପଦରେ ଅଛି। କିନ୍ତୁ ମୋତେ ଲାଗୁନି ଦୀର୍ଘ ସମୟ ଧରି ଓଡ଼ିଶାର ଲୋକେ ଏହାକୁ ସହିଯିବେ। ଦେଶରେ ସାଧାରଣ ନିର୍ବାଚନ-୨୦୨୪ ଜାରି ଥିବା ବେଳେ ଜାତୀୟ ଗଣମାଧ୍ୟମକୁ ଏକ ସାକ୍ଷାତକାରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହା କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଆହୁରି ମଧ୍ୟ କହିଛନ୍ତି ଯେ, ଓଡ଼ିଶାରେ ଯେତେ ପ୍ରାକୃତିକ ସମ୍ବଳ ଅଛି, ଏହାକୁ ବିନିଯୋଗ କରି ସବୁଠାରୁ ଧନୀ ରାଜ୍ୟ ହେବା କଥା। କିନ୍ତୁ ଓଡ଼ିଶା ବହୁତ ପଛରେ ଅଛି। ଆମକୁ ଓଡ଼ିଶାର ଲୋକଙ୍କ ସେବା କରିବାର ସୁଯୋଗ ମିଳିବା ଦରକାର। ଆମେ ଓଡ଼ିଶାକୁ ବହୁ ଆଗକୁ ନେଇପାରିବୁ।

ଗତ ମାର୍ଚ୍ଚ ମାସରେ ବହୁ ଚର୍ଚ୍ଚିତ ବିଜେଡି ସହିତ-ବିଜେପିର 'ମେଣ୍ଟ' ନେଇ ଚର୍ଚ୍ଚା ଧରିଥିଲା। ପ୍ରଧାନମନ୍ତ୍ରୀ ମୋଦି ଏହି ପ୍ରସଙ୍ଗରେ କହିଛନ୍ତି- ବିଜୁ ଜନତା ଦଳ ଆମକୁ କେନ୍ଦ୍ରରେ ପ୍ରସଙ୍ଗ ଭିତ୍ତିରେ ସମର୍ଥନ କରିଛି। ବହୁତ ଦଳ ଆମକୁ ପ୍ରସଙ୍ଗ ଭିତ୍ତିରେ ସମର୍ଥନ କରି ଆସିଛନ୍ତି।

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ପରିବାରର ସମସ୍ତ ସଦସ୍ୟଙ୍କୁ ଅଖିଳେଶ ପ୍ରାର୍ଥୀ କରିଦେଇଥାନ୍ତେ: ଅମିତ ଶାହ

ନୂଆଦିଲ୍ଲୀ, ୨୮।୪

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ରବିବାର ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଯେ ଯଦି ସବୁ କଥା ଅଖିଳେଶ ଯାଦବଙ୍କ ଅଧୀନରେ ରହିଥାନ୍ତା ତେବେ ସେ ତାଙ୍କ ପରିବାର ସଦସ୍ୟଙ୍କୁ ଉତ୍ତରପ୍ରଦେଶର ସମସ୍ତ ଆସନରେ ପ୍ରାର୍ଥୀ କରିଦେଇଥାନ୍ତେ । ରବିବାର ଉତ୍ତରପ୍ରଦେଶର ଏଟାଠାରେ ଏକ ରାଲିରେ ସମ୍ବୋଧିତ କରିବାବେଳେ ଅମିତ ଶାହା କହିଛନ୍ତି ଯେ ଲୋକସଭା ନିର୍ବାଚନର ଦୁଇଟି ପର୍ଯ୍ୟାୟ ସମାପ୍ତ ହେବା ପରେ ମଧ୍ୟ ଇଣ୍ଡିଆ ଆଲାଏନ୍ସ ଗୋଟିଏ ବି ଆସନ ଜିତିବାର ଦେଖିବାକୁ ମିଳୁନାହିଁ।



ଅମିତ ଶାହ ଏସପି ମୁଖ୍ୟଙ୍କୁ ଟାର୍ଗେଟ କରିଥିଲେ। ସେ କହିଛନ୍ତି ଯେ ଅଖିଳେଶ ନିଜେ କନୌଜରୁ ଏବଂ ଡିମପଲ ଯାଦବ ମେନପୁରୀରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏହା ବ୍ୟତୀତ ଅଖିଳେଶଙ୍କ ଭଣଜା ଅକ୍ଷୟ ଯାଦବ ଫିରୋଜାବାଦରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ଆଦିତ୍ୟ ଯାଦବ ବଦାଉଁ ଏବଂ ଆଜମଗଡରୁ ଧର୍ମେନ୍ଦ୍ର ଯାଦବ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଯଦି ସବୁକିଛି ଅଖିଳେଶ କରିପାରୁଥାନ୍ତେ, ତେବେ ସେ ଉତ୍ତରପ୍ରଦେଶର ସମସ୍ତ ଆସନରେ ତାଙ୍କ ପରିବାର ସଦସ୍ୟଙ୍କୁ ପ୍ରାର୍ଥୀ କରିଥାନ୍ତେ। ସେ ଆହୁରି ମଧ୍ୟ କହିଛନ୍ତି ଯେ ସମାଜବାଦୀ ପାର୍ଟି ସରକାରରେ ଗୁଣ୍ଡାମାନେ ଲୋକଙ୍କୁ ହଇରାଣ କରୁଥିଲେ। କିନ୍ତୁ ଏବେ ଯୋଗୀ ସରକାର ଆଇନ ବ୍ୟବସ୍ଥାକୁ ନିୟନ୍ତ୍ରଣରେ ରଖିଛନ୍ତି ।

# ଓଡ଼ିଶାର ବିକାଶ ପାଇଁ ଏହି ନିର୍ବାଚନ: ଜେପି ନଡ୍ଡା



ଭୁବନେଶ୍ୱର/ବ୍ରହ୍ମପୁର, ୨୮।୪
ନ୍ୟୁଜ୍ ବ୍ୟୁରୋ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁ ବିକାଶ ଦିଲ୍ଲୀରେ କରୁଛନ୍ତି, ତାହା ଓଡ଼ିଶାରେ ମଧ୍ୟ କରିବେ। ମୋଦିଙ୍କ ରାଜନୀତିରେ ଭାରତ ବଦଳିଛି। ଏହା ବିଶ୍ୱ କହୁଛି। ପରିବର୍ତ୍ତିତ ଭାରତରେ ଉତ୍ସାହ ଦେଖାଯାଉଛି। ଭାରତୀୟ ଜନତା ପାର୍ଟି (ବିଜେପି)ର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡା ବ୍ରହ୍ମପୁରର ଆମ୍ବପୁଆ ଠାରେ ଅନୁଷ୍ଠିତ 'ବିଜୟ ସଂକଳ୍ପ ସମାବେଶ'ରେ ଏହା କହିଛନ୍ତି। ସେ କହିଛନ୍ତି ଯେ, ଏହି ନିର୍ବାଚନ ମୋଦିଙ୍କ ନେତୃତ୍ୱରେ ବିକଶିତ ଭାରତ ନିର୍ମାଣ ପାଇଁ। ଓଡ଼ିଶାର ବିକାଶ ପାଇଁ। ଦେଶର ୮୦ କୋଟି ଲୋକଙ୍କୁ ମୋଦି ସରକାର ପ୍ରତିମାସ ରାସନ ଦେଉଛନ୍ତି। ଓଡ଼ିଶାରେ ୩ କୋଟି ୨୦ ଲକ୍ଷ ଲୋକ ଗରିବ କଲ୍ୟାଣ ଯୋଜନାରେ ସାମିଲ ଅଛନ୍ତି। ପ୍ରତି ପଞ୍ଚାୟତକୁ ବିକାଶ ପାଇଁ ୩ରୁ ୫ କୋଟି ଟଙ୍କା ମିଳୁଛି। ଉଜ୍ଜ୍ୱଳା ଯୋଜନାରେ ୧୦ କୋଟି ଲୋକଙ୍କୁ ଗ୍ୟାସ ସଂଯୋଗ ଦିଆଯାଇଛି।

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଭଳି ଶ୍ରୀ ନଡ୍ଡା ମଧ୍ୟ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଦଳୀୟ କର୍ମକର୍ତ୍ତାଙ୍କୁ ସମ୍ବୋଧିତ କରି ଶ୍ରୀ ନଡ୍ଡା କହିଛନ୍ତି, ଓଡ଼ିଶାର ୨୧ ସାଂସଦ ପ୍ରାର୍ଥୀଙ୍କୁ ଭୋଟ୍ ଦେଇ ବିଜୟୀ କରାନ୍ତୁ। ନରେନ୍ଦ୍ର *(ପୃଷ୍ଠା ୭ରେ)*

# ସ୍ୱାଧୀନତା ପରଦିନ ହିଁ ରାମମନ୍ଦିର ନିର୍ମାଣ ନିଷ୍ପତ୍ତି ହେବାର ଥିଲା: ମୋଦି

ନୂଆଦିଲ୍ଲୀ, ୨୮।୪

ଉତ୍ତର କର୍ଣ୍ଣାଟକରେ ଏକ ନିର୍ବାଚନ ରାଲିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ସମ୍ବୋଧିତ କରି କଂଗ୍ରେସ ଏବଂ ଇଣ୍ଡିଆ ମେଣ୍ଟକୁ କଡ଼ା ଟାର୍ଗେଟ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଦେଶର ସ୍ୱାଧୀନତା ହେବାର ଦ୍ୱିତୀୟ ଦିନ ହିଁ ପ୍ରଭୁ ଶ୍ରୀରାମଙ୍କ ମନ୍ଦିର ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଥାନ୍ତା, କିନ୍ତୁ ସେମାନେ ତାହା କରିନଥିଲେ। ପ୍ରଧାନମନ୍ତ୍ରୀ ମୋଦି କଂଗ୍ରେସ ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ନିମନ୍ତ୍ରଣକୁ କଂଗ୍ରେସ ପ୍ରତ୍ୟାଖ୍ୟାନ କରିଥିଲା, କିନ୍ତୁ ଅନସାରୀ ପରିବାର ପିଢ଼ି ପରେ ପିଢ଼ି କୋର୍ଟରେ ଏହା ପାଇଁ ଲଢ଼ିଥିଲେ। ସେମାନେ କହିଥିଲେ ଯେ ଏଠାରେ ବାବ୍ରି ମସଜିଦ ଅଛି ଏବଂ ରାମ ମନ୍ଦିର ନୁହେଁ, କିନ୍ତୁ ଯେଉଁ ଦିନ କୋର୍ଟର ନିଷ୍ପତ୍ତି ଆସିଥିଲା, ସେ କହିଥିଲେ ଯେ ଅଦାଲତର ଏହି ନିଷ୍ପତ୍ତି ଆମ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଅନସାରୀ, ଜଣେ ମୁସଲମାନ ହୋଇଥିଲେ ମଧ୍ୟ ରାମ ମନ୍ଦିର ପ୍ରାଣପ୍ରତିଷ୍ଠା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆମର ପୂର୍ବପୁରୁଷମାନେ ୫୦୦ ବର୍ଷ ଧରି ଅଯୋଧ୍ୟାରେ ପ୍ରଭୁ ରାମଙ୍କ ପାଇଁ ଲଢ଼ିଥିଲେ, ଲକ୍ଷ ଲକ୍ଷ ଲୋକଙ୍କର ମୃତ୍ୟୁ ଘଟିଥିଲା।



ଦେଶ ସ୍ୱାଧୀନତାର ଦ୍ୱିତୀୟ ଦିନରେ ଭଗବାନ ରାମଙ୍କ ମନ୍ଦିର ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯିବା ଉଚିତ୍, କିନ୍ତୁ ସେମାନେ ତାହା କରିନଥିଲେ। ଏହିପରି କାମ କରିବା ପାଇଁ ୫୬ ଇଞ୍ଚ ଛାତି ଆବଶ୍ୟକ । କେବଳ ସେତେବେଳେ ୫୦୦ ବର୍ଷର ସ୍ୱପ୍ନ ପୂରଣ ହୁଏ ବୋଲି ସେ କହିଛନ୍ତି । ମୋଦି କହିଛନ୍ତି ଯେ ଆୟୁର୍ବେଦ ବିଷୟରେ ବିଜେପି ସରକାର ପ୍ରଚାର କରିଛନ୍ତି। ଆମେ ଆୟୁଷ ମନ୍ତ୍ରଣାଳୟ ସୃଷ୍ଟି କରିଛୁ । ଆମ ସରକାରରେ ମତ୍ସ୍ୟଜୀବୀଙ୍କ ପାଇଁ ଏକ ପୃଥକ ମନ୍ତ୍ରଣାଳୟ ଗଠନ କରାଯାଇଥିଲା। ଏହା ସହିତ ସେ କର୍ଣ୍ଣାଟକର କଂଗ୍ରେସ ସରକାରଙ୍କୁ ମଧ୍ୟ ଟାର୍ଗେଟ କରିଥିଲେ। ସେ କହିଛନ୍ତି, କଂଗ୍ରେସ ଆପଣଙ୍କ ଝିଅକୁ କେବେ ସୁରକ୍ଷା ଦେଇପାରେ କି? ୨୦୧୪ ପୂର୍ବରୁ, ଆମ ଦେଶର ଖବରକାଗଜରେ ଶୀର୍ଷକରେ ବିସ୍ଫୋରଣର ଖବର ରହୁଥିଲା । ୨୦୧୪ ପରେ ଦେଶରେ ବୋମା ବିସ୍ଫୋରଣର ଖବର ହ୍ରାସ ପାଇଛି। ପ୍ରଧାନମନ୍ତ୍ରୀ କହିଛନ୍ତି, "କଂଗ୍ରେସ କର୍ଣ୍ଣାଟକରେ କ୍ଷମତାକୁ ଆସୁ ଆସୁ ବେଙ୍ଗାଲୁରୁରେ ଏକ କାଫେରେ ବିସ୍ଫୋରଣ ହୋଇଥିଲା ଏବଂ ସେମାନେ କହିଥିଲେ ଯେ ଗ୍ୟାସ ସିଲିଣ୍ଡର ଫାଟିଯାଇଥିଲା । ଦିନେ ଏମିତି ଏକ ସମୟ ଥିଲା ଯେତେବେଳେ ଆତଙ୍କବାଦୀମାନେ ପ୍ରତିଦିନ ଆତଙ୍କବାଦୀ ପଡୋଶୀ ଦେଶରୁ ଭାରତକୁ ଆସୁଥିଲେ, କିନ୍ତୁ ବର୍ତ୍ତମାନ ସର୍ଜିକାଲ ଷ୍ଟ୍ରାଇକ୍ ହେଉଛି ।

## ୮ ବିଧାନସଭା, ୨ ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କଲା କଂଗ୍ରେସ

ଭୁବନେଶ୍ୱର, ୨୮।୪
ନ୍ୟୁଜ୍ ବ୍ୟୁରୋ

କଂଗ୍ରେସ ପକ୍ଷରୁ ରବିବାର ୨ ଲୋକସଭା ଏବଂ ୮ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି। ୨ଟି ବିଧାନସଭା ଆସନରେ ପ୍ରାର୍ଥୀ ବଦଳାଇଛି କଂଗ୍ରେସ। କଟକରୁ ବିଧାୟକ ମହମ୍ମଦ ମୋକିମଙ୍କ ଝିଅ ସୋଫିଆ ଫିର୍ଦୋସ, ଜଗତସିଂହପୁରରୁ ପ୍ରତିମା ମଲିକ, ବାଲେଶ୍ୱରରୁ ମୋନାଲିସା ଲେଙ୍କା, ଜଳେଶ୍ୱରୁ ଦେବୀ ପ୍ରସନ୍ନ ଚାନ୍ଦ, ବାରିପଦାରୁ ପ୍ରଦୀମ ହେମ୍ବ୍ରମ୍, ବଡଚଣାରୁ ଅଜୟ ସାମଲ, ପାଲଲହଡାରୁ ଫକୀର ସାମଲ, ଖଣ୍ଡପଡାରୁ ବୈଜୟନ୍ତୀମାଳା ମହାନ୍ତିଙ୍କୁ ଟିକେଟ୍ ମିଳିଛି। ସେହିପରି ଲୋକସଭା ପାଇଁ କଟକରୁ ସୁରେଶ ମହାପାତ୍ର ଏବଂ ସମ୍ବଲପୁରରୁ ନଗେନ୍ଦ୍ର ପ୍ରଧାନଙ୍କୁ ପ୍ରାର୍ଥୀ କରାଯାଇଛି। ଖଣ୍ଡପଡାରେ ମନୋଜ ପ୍ରଧାନଙ୍କ ସ୍ଥାନରେ ବୈଜୟନ୍ତୀମାଳା ମହାନ୍ତି ଏବଂ ବାରିପଦାରୁ ବାଦଲ ହେମ୍ବ୍ରମ୍‌ଙ୍କ ସ୍ଥାନରେ ପ୍ରଦୀମ ହେମ୍ବ୍ରମଙ୍କୁ ଟିକେଟ୍ ମିଳିଛି।

## ଏକାଳ ସକାଳ



ବଡ ବଡ ନେତା ଖୁବ୍ ଗର୍ଜନ୍ତି
କରିଣ ବଡ ସଭା
ଜନତା ଚିନ୍ତଇ ଅଛିକିଛି ନା
ବେକାର ଖାଲି ଡବା
ଭାଷଣ ଖୁବ୍ ଲମ୍ବା
ଦେଖିବା କେତେ ସତ କେତେ ମିଛ
ନା ଭାବୁଛନ୍ତି ଗବା।

# ନିର୍ବାଚନ ବେଳେ ବିଜେପି ନେତାଙ୍କ ଭାଷଣ କାଟୁ କରୁନାହିଁ

ଭୁବନେଶ୍ୱର, ୨୮।୪
ନ୍ୟୁଜ୍ ବ୍ୟୁରୋ

ନିର୍ବାଚନ ପ୍ରଚାର ବେଳେ ବ୍ୟକ୍ତିଗତ ଆକ୍ଷେପ, କୁତ୍ସାରଟନା, ଉତ୍ତେଜନା ସୃଷ୍ଟି କିମ୍ବା ହିଂସା ଉଦ୍ରେକ କଲାଭଳି ଭାଷଣରୁ ବିରତ ରହିବା ଲାଗି ଭାରତୀୟ ନିର୍ବାଚନ କମିଶନଙ୍କର ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ଏହା ସତ୍ତ୍ୱେ ଅନେକ ସମୟରେ ବିଭିନ୍ନ ରାଜନୈତିକ ଦଳର ବଡ ବଡ ନେତାମାନେ ଭାଷଣ ଦେଲା ବେଳେ ପ୍ରତିପକ୍ଷଙ୍କ ବିରୋଧରେ ଶାଣିତ ସ୍ୱରରେ ଆକ୍ଷେପ, ସମାଲୋଚନା କରିବା ସହିତ ସାଧାରଣ ଲୋକଙ୍କୁ ଉସୁକାଇବା ଭଳି ବିଭିନ୍ନ ଆପତ୍ତିଜନକ ବିବାଦୀୟ ପ୍ରସଙ୍ଗ ଉଠାଇ ବିଭ୍ରାନ୍ତ କରିବାକୁ ଉଦ୍ୟମ କରୁଥିବାର ଅଭିଯୋଗ କରାଯାଇଛି। ଯଦିଓ ଓଡ଼ିଶାରେ ନିର୍ବାଚନ ପ୍ରଚାର ବେଳେ ସେଭଳି ଗୁରୁତର ଅଭିଯୋଗ ମିଳିନାହିଁ କିନ୍ତୁ ଦେଶର ଅନ୍ୟ ରାଜ୍ୟରେ ବିଶେଷକରି ବିହାର, ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର ଓ କେରଳରେ ନିର୍ବାଚନ ପ୍ରଚାର ସମୟରେ ନେତାମାନଙ୍କ ଭାଷଣରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ଯାହାକି ପରବର୍ତ୍ତୀ ସମୟରେ ହିଂସା ଓ ହିଂସାତ୍ମକ ଆକ୍ରମଣର ରୂପ ନେଇଛି ଏବଂ ଏହି ଘଟଣାକୁ ନେଇ ହତ୍ୟାକାଣ୍ଡ ମଧ୍ୟ ସଂଗଠିତ ହୋଇଛି। ସେ ଦୃଷ୍ଟିରୁ ନିର୍ବାଚନ କମିଶନଙ୍କ ପକ୍ଷରୁ ସବୁରାଜ୍ୟରେ ସତର୍କତାମୂଳକ ପଦକ୍ଷେପ ଗ୍ରହଣ ସ୍ୱରୂପ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ସାଧାରଣ ନିର୍ବାଚନ ପାଇଁ ଏବେ ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରେ ପ୍ରଚାର ଅଭିଯାନ କ୍ରମଶଃ ବ୍ୟାପକ ହେବାରେ ଲାଗିଛି। ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀଙ୍କ ଲାଗି ନେତାମାନେ ପ୍ରଚାର କରୁଛନ୍ତି। ବିଜେପି ପ୍ରାର୍ଥୀଙ୍କ ପାଇଁ ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଅନେକ ଜାତୀୟ ନେତା ବିଭିନ୍ନ ରାଜ୍ୟ ଗସ୍ତ କରି ପ୍ରଚାର ଚଳାଇଛନ୍ତି। ଅନୁରୂପ ଭାବେ କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ଦଳର ଶୀର୍ଷନେତା ରାହୁଲ ଗାନ୍ଧି ମଧ୍ୟ ପ୍ରଚାରରେ ସାମିଲ ରହିଛନ୍ତି। ସେହିପରି ଓଡ଼ିଶାରେ ଶାସକ ବିଜେଡ଼ି ପ୍ରାର୍ଥୀଙ୍କ ପାଇଁ ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ୍ ରାଜ୍ୟର ବିଭିନ୍ନ ଅଞ୍ଚଳ ବୁଲି ପ୍ରଚାର କରୁଛନ୍ତି।

ହେଲେ ଯାହା ଜଣାପଡୁଛି ବିଜେପିର ବଡ ବଡ ନେତାମାନଙ୍କ ଭାଷଣର ପ୍ରଭାବ ଓଡ଼ିଶା ମାଟିରେ କିଛି ଜଣାପଡୁ ନାହିଁ କି କାଟୁ କରୁନାହିଁ। ସେମାନେ ନବୀନ ପଟ୍ଟନାୟକଙ୍କ ବିଜେଡ଼ି ସରକାରଙ୍କ ବିରୋଧରେ ଯେତେଯାହା କହିଲେ ମଧ୍ୟ ତା'ର କୌଣସି ଫଳ ଦେଖିବାକୁ ମିଳୁନାହିଁ। କେନ୍ଦ୍ରଗୃହ ମନ୍ତ୍ରୀ ଅମିତ ଶାହା ୨୦୧୯ ନିର୍ବାଚନ ସମୟରେ ଓଡ଼ିଶାରେ ପ୍ରଚାର କଲାବେଳେ *(ପୃଷ୍ଠା ୭ରେ)*

# ପାକିସ୍ତାନୀ ବୋଟ୍‌ରୁ ୬୦୦ କୋଟିର ଡ୍ରଗ୍ସ ଜବତ

ପୋରବନ୍ଦର, ୨୮।୪

ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ଅଫ୍ ଇଣ୍ଡିଆ (ଏନସିବି) ଏବଂ ଗୁଜରାଟ ଏଟିଏସର ଏକ ଟିମ୍ ରବିବାର ମିଳିତ ଅପରେସନ କରି ବିପୁଳ ପରିମାଣର ଡ୍ରଗ୍ସ ଜବତ କରିଛନ୍ତି। ଏଥିସହ ଡଙ୍ଗାରୁ ୧୪ ଜଣ ପାକିସ୍ତାନୀ ନାଗରିକ ଧରା ପଡ଼ିଛନ୍ତି। ସମୁଦ୍ର ଦେଇ ପାକିସ୍ତାନରୁ ୬୦୦ କୋଟି ଟଙ୍କାର ଡ୍ରଗ୍ସ ଆସୁଥିବାବେଳେ ମଧ୍ୟ ଗୁପ୍ତ ସୂଚନା ଆଧାରରେ ଏହା ଉପରେ ଚଢଉ କରାଯାଇଥିଲା। ଏହା ପୂର୍ବରୁ ଫେବ୍ରୁୟାରୀ ଓ ମାର୍ଚ୍ଚ ଶେଷ ସପ୍ତାହରେ ଏଟିଏସ୍ ତଟରକ୍ଷୀ ବାହିନୀ ସହ ମିଶି ବିପୁଳ ପରିମାଣର ଡ୍ରଗ୍ସ ଜବତ କରିଥିଲା।

ଭାରତୀୟ ତଟରକ୍ଷୀ ବାହିନୀ 'ଏକ୍ସ'ର ଏକ ପୋଷ୍ଟରେ ଲେଖିଛି, 'ଗତ ମାସରେ ମିଳିଥିବା ଇଣ୍ଟରସେପ୍ଟ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ରାତାରାତି ଏକ ନାର୍କୋ ବିରୋଧୀ ଅଭିଯାନରେ ଭାରତୀୟ ତଟରକ୍ଷୀ ବାହିନୀ ଏହାର ଜାହାଜ 'ରାଜରତନ' ସହ ଗୁଜରାଟ ଏଟିଏସ୍ ଏବଂ ଏନସିବି ସହ ମିଳିତ ଭାବେ ଏହି ଅପରେସନ କରିଥିଲେ, ଯାହାଫଳରେ ପୋରବନ୍ଦରର ପଶ୍ଚିମରେ ଆରବ ସାଗରରେ ପାକିସ୍ତାନୀ ଡଙ୍ଗାକୁ ଧରାଯାଇଥିଲା । ଏଥିରେ ୧୪ ଜଣ ପାକିସ୍ତାନୀ କର୍ମଚାରୀ ଏବଂ ପ୍ରାୟ ୮୬ କିଲୋଗ୍ରାମ ଚୋରା ସାମଗ୍ରୀ ଥିଲା। ଏହି ଡ୍ରଗ୍ସର ମୂଲ୍ୟ ୬୦୦ କୋଟି ଟଙ୍କା।



30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୯ ଅପ୍ରେଲ ୨୦୨୪ ସୋମବାର





## ମା’ ହିଙ୍ଗୁଳାଙ୍କ ୬୫ତମ ବାର୍ଷିକ ଯଜ୍ଞ ଉତ୍ସବ ଓ ଚଇତି ଯାତ

# ପୂର୍ଣ୍ଣାହୂତି ଦିବସରେ ସରସ୍ୱତୀ ବେଶ ଧାରଣ କଲେ ମା’ହିଙ୍ଗୁଳା

**ରସୁଲପୁର, ନ୍ୟୁଜ ବ୍ୟୁରୋ**

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ଓ ଗନ୍ଧଣ ପଂଚାୟତ ସୀମାନ୍ତବର୍ତ୍ତି ଅଂଚଳର ବଇଁଚ ପଡିଆରେ ଅବସ୍ଥିତ ପ୍ରସିଦ୍ଧ ଶକ୍ତିପୀଠ ମା’ ହିଙ୍ଗୁଳାଙ୍କ ୬୫ତମ ବାର୍ଷିକ ଯଜ୍ଞ ଉତ୍ସବ ଓ ଚଇତି ଯାତ୍ରାର ପୂର୍ଣ୍ଣାହୂତି ଦିବସରେ ମା’ ହିଙ୍ଗୁଳା ଭକ୍ତମାନଙ୍କୁ ସରସ୍ୱତୀ ବେଶରେ ଦର୍ଶନ ଦେଇଥିଲେ । ଶ୍ୱେତବସ୍ତ୍ରଧାରୀ ମା ଧବଳ ମୁଖିଙ୍କ ଅନୁପମ ବେଶଭୂଷା, ଆଭୂଷଣ ଅତ୍ୟନ୍ତ ମନୋରମ ଥିଲା । ଭକ୍ତ ଓ ଶ୍ରଦ୍ଧାଳୁମାନେ ମା’ଙ୍କ ଅପୂର୍ବ ବେଶକୁ ଦେଖି ଅଭିଭୂତ ହୋଇଉଠିଥିଲେ । ପୂର୍ଣ୍ଣାହୂତିରେ ଯଜ୍ଞକୁଣ୍ଡରେ ଶେଷ ଆହୂତି ଓ ପୂଜାବିଧିକୁ ଦର୍ଶନ କରିବା ପାଇଁ ଭକ୍ତ ଓ ଶ୍ରଦ୍ଧାଳୁମାନେ ଭିଡ ଜମାଇଥିଲେ । ଏହି ଦିବସରେ ମା’ଙ୍କୁ ସ୍ୱତନ୍ତ୍ର ପୂଜା ବିଧିରେ ଅର୍ଚ୍ଚନା କରାଯାଇଥିଲା । ପ୍ରାତଃହରୁ ମା’ଙ୍କର ମହାସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ମା’ଙ୍କୁ ମାଜଣା କରିବା ପରେ ବଡ ସିଂହାର ବେଶରେ ପୂଜା କରାଯାଇ



ଥିଲା । ସକାଳ ଧୂପ ଓ ଭୋଗ ଆଦି ଅର୍ପଣ ପରେ ମା’ଙ୍କ ବେଶ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ସେବକମାନେ ଭଣ୍ଡାର ଘରୁ ମାଙ୍କ ଅଳଙ୍କାର, ଅଙ୍ଗବସ୍ତ୍ର ଆଣି ବେଢାରେ ପହଞ୍ଚାଇ ଥିଲେ । ମା’ ହିଙ୍ଗୁଳା ସରସ୍ୱତୀ ବେଶ ଧାରଣ କରିବା ପରେ ସ୍ୱତନ୍ତ୍ର ପୂଜାବିଧି ଅନୁଷ୍ଠିତ ହୋଇଥିଲା । ମାଙ୍କ ନିକଟରେ ନୀତିଭୋଗ ହେବା ପରେ ବିଭିନ୍ନ ସ୍ଥାନରୁ ଆସିଥିବା ଶତାଧିକ ଭକ୍ତମାନଙ୍କ ମଧ୍ୟରେ ପ୍ରସାଦ ବିତରଣ କରାଯାଇଥିଲା । ସକାଳ ଓ ସନ୍ଧ୍ୟା ସମୟରେ ଆଳତୀ ଉତ୍ସବରେ ଭକ୍ତମାନଙ୍କ ବିଶେଷ ସମାବେଶ ହୋଇଥିଲା । ଭଜନ ସଂକୀର୍ତ୍ତନ ସାଙ୍ଗକୁ ଘଣ୍ଟଘଣ୍ଟା, ଶଙ୍ଖ, ହୁଳହୁଳି ବାଦ୍ୟରେ ମନ୍ଦିର ବେଢା ପ୍ରକମ୍ପିତ ହୋଇଉଠିଥିଲା । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସଂଧ୍ୟା, ମେଲୋଡି ଓ ରାତିରେ ଦର୍ଶକମାନଙ୍କ ମନୋରଂଜନ ସକାଶେ ଅପେରାପାର୍ଟି ତରଫରୁ ଯାତ୍ରା ପରିବେଶ କରାଯାଇ ଥିଲା। ଯଜ୍ଞ ଶେଷରେ କୁଣ୍ଡରେ ପାଟ ଓ ଝୋଟ ଆହୂତୀ ଦିଆଯାଇଥିଲା । ମଣ୍ଡପ ଉପରେ ବନ୍ଧାହୋଇଥିବା ପାଟ କପଡାରେ ଯଜ୍ଞାଗ୍ନି ସଂଯୋଗ ହେଲେ ସେ ବର୍ଷ ଚାଷକାର୍ଯ୍ୟ ପାଇଁ ଅନୁକୂଳ ସ୍ଥିତି ସୃଷ୍ଟି ହୋଇନଥାଏ। ଝୋଟରେ ଅଗ୍ନି ସଂଯୋଗ ଅନୁକୂଳ ପାଣିପାଗ ଓ ଉନ୍ନତ କୃଷିକାର୍ଯ୍ୟର ସୂଚନା ଦେଇଥିବାର ବିଶ୍ୱାସ ସାଧାରଣଲୋକଙ୍କ ମନରେ ରହିଆସୁଛି । ଏଠାରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ କରିବା ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଉଦୀୟମାନ ଯୁବକ ଓ ହିଙ୍ଗୁଳା ପୂଜା କମିଟି ପକ୍ଷରୁ ସହଯତା ପ୍ରଦାନ କରାଯାଇଥିଲା ।

# ବିଦେଶରେ ଚମକିଲେ ସୁଚିସ୍ମିତା, ହାତେଇଲେ ମିସ୍ ପ୍ରି-ଟିନ ଗ୍ଲୋବାଲ ଇଣ୍ଟରନ୍ୟାସନାଲ ଟାଇଟଲ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସୁବର୍ଣ୍ଣପୁରର ସମ୍ମାନ ବଢାଇଲେ ସୁଚିସ୍ମିତା । ମିସ ପ୍ରି-ଟିନ ଗ୍ଲୋବାଲ ମେନ ଆଣ୍ଡ ଓମେନ ଇଣ୍ଟରନ୍ୟାସନାଲ ପ୍ରତିଯୋଗିତା ୨୦୨୪ରେ ମିସ ପ୍ରି-ଟିନ ଭାବେ ସୁବର୍ଣ୍ଣପୁରର କୁନି ଝିଅ ସୁଚିସ୍ମିତା ବିଜୟୀ ହୋଇଛନ୍ତି । ଏହି ଟାଇଟଲ ହାସଲ କରିବା ପରେ ସହରର ବିଶିଷ୍ଟ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ପକ୍ଷରୁ ତାଙ୍କ ପାଖକୁ ପ୍ରଶଂସାର ସୁଅ ଛୁଟୁଛି । ସହରର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଛି ।

ନେପାଳର କାଠମାଣ୍ଡୁଠାରେ ଆୟୋଜିତ ହୋଇଥିବା ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ସହରର ମାଣିକେଶ୍ୱରୀ ପଡାର ମୋନୋରଞ୍ଜନ ବେହେରା ଓ ପୂଜା ବେହେରାଙ୍କ କୁନି ଝିଅ ସୁଚିସ୍ମିତା ନିଜ ପ୍ରୟାସ ଜାରି ରଖିଥିଲେ । ମହାରାଷ୍ଟ୍ରର ପୁନେ ସହରରେ ଆୟୋଜିତ ହୋଇଥିବା ମିସ ପ୍ରି-ଟିନ ଇଣ୍ଟରନେସନାଲ ପ୍ରତିଯୋଗିତାରେ ସଫଳତାର ସହିତ ଉତ୍ତୀର୍ଣ୍ଣ ହେବା ପରେ ନେପାଳରେ ହେବାକୁ ଥିବା ମିସ ପ୍ରି-ଟିନ ୱାର୍ଲ୍ଡ ପ୍ରତିଯୋଗିତା ପାଇଁ ବେଶ ଅଭ୍ୟାସ କରୁଥିଲେ ସୁଚିସ୍ମିତା । ମିସ ପ୍ରି-ଟିନ ଗ୍ଲୋବାଲ ଇଣ୍ଟରନ୍ୟାସନାଲ ଇଣ୍ଡିଆରେ ସିଲେକ୍ସନ ପାଇଁ ରାଜଧାନୀ ଭୁବନେଶ୍ୱରରେ ହୋଇଥିବା



ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ପରେ ଜାତୀୟ ସ୍ତରରେ ମହାରାଷ୍ଟ୍ରର ସାଂଗଲେଠାରେ ହୋଇଥିବା ଚାରି ଦିନିଆ ପ୍ରତିଯୋଗିତାରେ ମଧ ଉତ୍ତୀର୍ଣ୍ଣ ହୋଇଥିଲେ । ସାଂଗଲେଠାରେ ହୋଇଥିବା ପ୍ରତିଯୋଗିତାରେ ଟ୍ୟାଲେଣ୍ଟ, ୱାକିଂ ଓ ପ୍ରଶ୍ନୋତ୍ତର ବିଭାଗରେ କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହୋଇ ମିସ ପ୍ରି-ଟିନ ଗ୍ଲୋବାଲ ଇଣ୍ଟରନ୍ୟାସନାଲ ଟାଇଟଲ ଜିଣିବାରେ ସକ୍ଷମ ହୋଇଥିଲେ । ସାଂଗଲେଠାରେ ହୋଇଥିବା ପ୍ରତିଯୋଗିତା ତାଙ୍କୁ ଆଗକୁ ଆଗକୁ ଯିବା ପାଇଁ ପ୍ରେରଣା ଯୋଗାଇଥିଲା । ସୁଚିସ୍ମିତା ଅଳ୍ପ ବୟସରୁ ନୃତ୍ୟ ଶିକ୍ଷା କରୁଥିବା ବେଳେ ଜଣେ ମଡେଲ ହେବା ପାଇଁ ତାଙ୍କ ନୃତ୍ୟ ଗୁରୁ ଗୋବିନ୍ଦ ଦାସ ତାଙ୍କୁ ଶିକ୍ଷା ପ୍ରଦାନ କରୁଥିଲେ । ସେହିପରି ସହରର ସେଣ୍ଟ ଆନି ଇଂରାଜୀ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ବେଳେ ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ ବି ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇ ପୁରସ୍କୃତ ହୋଇଛନ୍ତି । ସହରରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ନୃତ୍ୟ ପ୍ରତିଯୋଗିତାରେ ବି ସେ ସଫଳ ହୋଇ ସମ୍ମାନିତ ହୋଇଛନ୍ତି ।

ସୁଚିସ୍ମିତା ଭବିଷ୍ୟତରେ ଜଣେ ସଫଳ ମଡେଲ ହେବା ପାଇଁ ପ୍ରୟାସ ଜାରି ରଖିଛନ୍ତି । ସୁଚିସ୍ମିତାଙ୍କ ବାପା ମାଆ ତାଙ୍କ ଏହି ଦକ୍ଷତା ପାଇଁ ନିଜକୁ ଗର୍ବ ଅନୁଭବ କରୁଥିବା ବେଳେ ତାଙ୍କୁ ବେଶ ସମର୍ଥନ କରୁଥିବା ସୁଚିସ୍ମିତା କହିଛନ୍ତି । ତେବେ ସାଂଗଲିଠାରେ ହୋଇଥିବା ପ୍ରତିଯୋଗିତାରେ ଜାତୀୟ ସ୍ତରର ଶହ ଶହ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ସେମାନଙ୍କୁ ପଛରେ ପକାଇ ସୁଚିସ୍ମିତା ବିଭିନ୍ନ ପ୍ରକାରର ପ୍ରତିଯୋଗିତାରେ ସଫଳତା ହାସଲ କରି ମିସ ପ୍ରି-ଟିନ ଗ୍ଲୋବାଲ ଇଣ୍ଟରନ୍ୟାସନାଲ ଟାଇଟଲ ହାସଲ କରିଛନ୍ତି । ବିଦେଶ ମାଟିରେ ନିଜର ଦକ୍ଷତା ଦେଖାଇ ସୁବର୍ଣ୍ଣପୁର ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଦେଇଛନ୍ତି ସୁଚିସ୍ମିତା । ତାଙ୍କର ଏହି ସଫଳତା ପାଇଁ ନିଜର ନୃତ୍ୟ ଗୁରୁ, ପିତାମାତା, ଶିକ୍ଷକ ଶିକ୍ଷୟତ୍ରୀ ତଥା ଗୁରୁଜନଙ୍କୁ ଶ୍ରେୟ ପ୍ରଦାନ କରିଛନ୍ତି । ସହପାଠୀମାନେ ତାଙ୍କର ଏହି ସଫଳତା ପାଇଁ ବେଶ ପ୍ରଶଂସା କରିଛନ୍ତି ।

# ସଂତୃପ୍ତଙ୍କ ପ୍ରତିଶ୍ରୁତି : ମାଲ୍‌ଗୋଦାମ ହେବ ମଡର୍ଣ୍ଣ ମାର୍କେଟ

**କଟକ, ନ୍ୟୁଜ ବ୍ୟୁରୋ**

ରାଜ୍ୟର ବ୍ୟବସାୟିକ ପ୍ରାଣକେନ୍ଦ୍ର କଟକ ନଗର। ହଜାର ବର୍ଷର ଏହି ସହରରେ ବ୍ୟବସାୟିକ ପୃଷ୍ଠଭୂମିକୁ ସୁଦୃଢ଼ କରି ରଖିଛି ମାଲଗୋଦାମ। ବଡ ବଡ ଗୋଦାମ ମାଲିକଙ୍କ ଠାରୁ ଆରମ୍ଭ କରି ରିଟେଲର ମାନେ ଏଠାରେ କାହିଁ କେତେ ବର୍ଷ ଧରି ବ୍ୟବସାୟ ଚଳାଇ ଆସୁଛନ୍ତି। କେବଳ କଟକ ସହର ନୁହେଁ, ଏହାର ଉପକଣ୍ଠ ଅଞ୍ଚଳ ଏପରିକି ରାଜ୍ୟର ବିଭିନ୍ନ ପ୍ରାନ୍ତ ସହିତ ବ୍ୟବସାୟୀମାନେ ବାଣିଜ୍ୟିକ ସମ୍ପର୍କ ରଖିଛନ୍ତି। ତେବେ ଏହି ଅଞ୍ଚଳର ବିକାଶ ନେଇ ପ୍ରତିଶ୍ରୁତି ଦେଇଛନ୍ତି ବିଜୁ ଜନତା ଦଳର ଲୋକସଭା ସାଂସଦ ପ୍ରାର୍ଥୀ ଡଃ ସଂତୃପ୍ତ ମିଶ୍ର। ଆଗାମୀ ସାଧାରଣ ନିର୍ବାଚନରେ ସେ ସାଂସଦ ଭାବେ ବିଜୟ ଲାଭ କଲେ ବ୍ୟବସାୟୀମାନଙ୍କ ଦାବି ପୂରଣ କରିବେ ବୋଲି କହିଛନ୍ତି। ରେଳବାଇ ବିଭାଗ ଅଧିନରେ ରହିଥିବା ଜମିକୁ ମାଲଗୋଦାମ ବ୍ୟବସାୟୀଙ୍କୁ ହସ୍ତାନ୍ତର କରାଯିବ। ଏପରିକି ଏହାକୁ ଅତ୍ୟାଧୁନିକ ରୂପ ଦିଆଯିବା ସହିତ ମଡର୍ଣ୍ଣ ମାର୍କେଟରେ ପରିଣତ କରାଯିବ ବୋଲି ସାଂସଦ ପ୍ରାର୍ଥୀ ଡଃ ମିଶ୍ର ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି। ଗୁରୁବାର ମାଲଗୋଦାମ ସ୍ଥିତ କଟକ ଚାମ୍ବର ଅଫ କମର୍ସ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ସାଂସଦ ପ୍ରାର୍ଥୀ ଡଃ ମିଶ୍ର ଓ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳଙ୍କୁ ଏଠାରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ବ୍ୟବସାୟୀମାନେ ଡଃ ମିଶ୍ରଙ୍କ ସହ ଆଲୋଚନା କରିବା ପରିପ୍ରେକ୍ଷୀରେ ମୁଖ୍ୟ ଦାବି ଉପସ୍ଥାପନ କରିଥିଲେ। କଟକର ବ୍ୟବସାୟୀମାନଙ୍କ ପାଇଁ ମାଲଗୋଦାମ



ହେଉଛି ଭିଟା ମାଟି। ମାତ୍ର ସେମାନଙ୍କ ଉପରେ ରେଳବାଇ ବିଭାଗ ଜୁଲମ କରି ଆସୁଛି। ଏଠାରୁ ବିସ୍ଥାପନ କରିବାକୁ ଧମକଚମକ ଦେଉଛି। ଏ ବାବଦରେ ପୂର୍ବରୁ ଚାମ୍ବର ଅଫ କମର୍ସ ପକ୍ଷରୁ ପୂର୍ବତନ ରେଳମନ୍ତ୍ରୀ ସୁରେଶ ପ୍ରଭୁଙ୍କ ସମେତ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି। ମାଲଗୋଦାମର ୯୦ ପ୍ରତିଶତ ଜମି ରେଳବାଇ ବିଭାଗ ଅଧିନରେ ରହିଛି। ଜମିର ସିଂହଭାଗ ରେଳବାଇ ବିଭାଗ ହାତରେ ରହିଥିବାରୁ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହୋଇ ପାରୁନାହିଁ। ରାଜ୍ୟର ଏହି ପ୍ରମୁଖ ମଣ୍ଡିରେ ବିକାଶ କରିବାକୁ ହେଲେ ପ୍ରଥମେ ରେଳବାଇ ଜମିକୁ ବ୍ୟବସାୟୀଙ୍କ ଅଧିନକୁ ଆଣିବାକୁ ପଡ଼ିବ। ଏହି ସମସ୍ୟା ସମ୍ପର୍କରେ ଚାମ୍ବର ଅଫ କମର୍ସ ପକ୍ଷରୁ ଅବଗତ କରାଯିବା ପରେ ସାଂସଦ ପ୍ରାର୍ଥୀ ଡଃ ମିଶ୍ର ଏ ଦିଗରେ ନିଶ୍ଚିତ ପଦକ୍ଷେପ ନେବେ ବୋଲି କହିଥିଲେ। ଜମି ହସ୍ତାନ୍ତର ପରେ ମାଲଗୋଦାମକୁ ନୂଆ ରୂପ ଦେବା ପାଇଁ ନକ୍ସା ତିଆରି ହେବ। ବ୍ୟବସାୟିକ ଦୃଷ୍ଟିକୋଣରୁ ସମସ୍ତ ପ୍ରକାର ମୌଳିକ ସୁବିଧା ସୁଯୋଗ କିପରି ବ୍ୟବସାୟୀମାନେ ପାଇ ପାରିବେ ସେ ଦିଗରେ ନିଶ୍ଚିତ ଭାବେ ପଦକ୍ଷେପ ନେବେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ସାଂସଦ ପ୍ରାର୍ଥୀ ଡଃ ମିଶ୍ରଙ୍କୁ ବିଜୟୀ କରିବାକୁ ଚାମ୍ବର ଅଫ କର୍ମସ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଉପସ୍ଥିତ ରହି ବ୍ୟବସାୟୀମାନଙ୍କ ସମସ୍ୟା ସଂକ୍ରାନ୍ତରେ ସାଂସଦ ପ୍ରାର୍ଥୀ ଡଃ ମିଶ୍ରଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ସେ କହିଥିଲେ ଯେ, ମାଲଗୋଦାମର ସମ୍ପ୍ରସାରଣରେ ରେଳବାଇ ଜମି ବାଧକ ସାଜିଛି। ଜନତାଙ୍କ ସମର୍ଥନରେ ସାଂସଦ ପ୍ରାର୍ଥୀ ଡଃ ମିଶ୍ର ବିଜୟ ଲାଭ କଲେ, ଏହି ସମସ୍ୟାର ସମାଧାନ ଦିଗରେ ସେ ପ୍ରାଥମିକତା ଦେବେ ବୋଲି ସୌଭିକ କହିଛନ୍ତି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମାଲଗୋଦାମ ପୂଜା କମିଟି ସଭାପତି ଧର୍ମାନନ୍ଦ ପାତ୍ର, ଚାଉଳ ବ୍ୟବସାୟୀ ସଂଘ ସମ୍ପାଦକ ସୁନୀଲ ପାତ୍ର, ଚାଉଳ ବ୍ୟବସାୟୀ ସଂଘ ସଭାପତି ମଧୁସୂଦନ ରାଉତ, ରିଟେଲ ଡିଲର ଆସୋସିଏସନର ସଭାପତି ବିନୋଦ ଚନ୍ଦ୍ର ସାହୁ, କଟକ ଚାମ୍ବର ଅଫ କମର୍ସର ଉପସଭାପତି ବିଜୟ କୁମାର ସାହୁ, ବଦ୍ରି ଦାସ ଦୀପକ କୁମାର, ପ୍ରଦୀପ୍ତ ଦାସ, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଛାଟୋଇ, ଯୁଗ୍ମ ସମ୍ପାଦକ ପ୍ରଶାନ୍ତ ପାତ୍ର, ପ୍ରଦୀପ୍ତ ଦାସ, ଶ୍ରୀକାନ୍ତ ସାହୁ, ସଦସ୍ୟ ପଓ୍ୱନ ସାହ୍ଲାଳିଆ, ବିନୋଦ ସିଘେଂଲ, ଅବଦୁଲ ରୌଫ୍ ପ୍ରମୁଖ ଉପସ୍ଥିତ ଥିଲେ।

# ଏମ୍ସ ଭୁବନେଶ୍ୱରରେ ଲୋ ଭିଜନ୍ କ୍ଲିନିକ୍ ଉଦ୍‌ଘାଟିତ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଅତ୍ୟନ୍ତ କ୍ଷୀଣ ଦୃଷ୍ଟିଶକ୍ତି କାରଣରୁ ଦୈନନ୍ଦିନ ଜୀବନରେ ଆସୁଥିବା ଏକାଧିକ ପ୍ରତିବନ୍ଧକ ଏବଂ ପ୍ରତିଘାତ କାରଣରୁ ନିରାଶ ହୋଇପଡ଼ିଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଏମ୍ସ ଭୁବନେଶ୍ୱର ଆଣିଦେଇଛି ଆଶାର କିରଣ। ଦୃଷ୍ଟି ଶକ୍ତି ଦୁର୍ବଳ ହେତୁ ପ୍ରାୟ ଆଶା ହରାଇଥିବା ରୋଗୀଙ୍କ ଜୀବନକୁ ଆଲୋକିତ କରିବା ଉଦ୍ଦେଶ୍ୟରେ ଏମ୍ସ ଭୁବନେଶ୍ୱର ଚକ୍ଷୁ ବିଭାଗରେ ଉଦ୍‌ଘାଟିତ ହୋଇଛି "ଲୋ ଭିଜନ୍ କ୍ଲିନିକ୍"। ଏହି ବିଶେଷ ଭିଜନ କ୍ଲିନିକ୍ ସାମାଜିକ ଦୃଷ୍ଟିହୀନତା ତଥା ଗ୍ଲୁକୋମା, ବୟସାଧିକ, ମଧୁମେହ, ରେଟିନା ରୋଗ ଏବଂ ଅନ୍ୟାନ୍ୟ ବିଭିନ୍ନ କାରଣରୁ ଦୃଷ୍ଟିଶକ୍ତିହୀନତା ଭୋଗୁଥିବା ରୋଗୀମାନଙ୍କୁ ସେମାନଙ୍କର ସାଧାରଣ ଜୀବନଯାପନ ବ୍ୟବସ୍ଥାକୁ ସାହାଯ୍ୟ କରିବ। ଉପରୋକ୍ତ ଦୃଷ୍ଟିବାଧିତ ରୋଗୀମାନେ ଅସ୍ତ୍ରୋପଚାର କିମ୍ବା ଅନ୍ୟାନ୍ୟ ଚିକିତ୍ସା ସେବାରୁ କୌଣସି ଲାଭ ପାଇପାରନ୍ତି ନାହିଁ ଏବଂ ସେମାନଙ୍କର ସାମାଜିକ ଜୀବନ ବିଶେଷ ପ୍ରଭାବିତ ହୋଇଥାଏ। ସେମାନେ ସମାଜ ଓ ପରିବାର ଉପରେ ବୋଝ ଭାବି ନିରାଶ ହୋଇପଡ଼ିବା ସହିତ ହତାଶା ମଧ୍ୟରେ କାଳାତିପାତ କରନ୍ତି। ରାଜ୍ୟର ଯେକୌଣସି ସରକାରୀ ଅନୁଷ୍ଠାନ ମଧ୍ୟରେ ପ୍ରଥମ ଏହି ଲୋ ଭିଜନ୍ କ୍ଲିନିକ୍ ଉପରୋକ୍ତ ଦୃଷ୍ଟିଶକ୍ତିହୀନ ରୋଗୀଙ୍କ ପାଇଁ ଆଶାର ଏକ ନୂତନ ସୂର୍ଯ୍ୟୋଦୟ ଆଣିଦେବ। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏହି କ୍ଲିନିକ୍ କୁ ଉଦଘାଟନ କରିଥିଲେ। ଡ. ଆର ପି ସେଂଟର, ଏମ୍ସ ନିୟୁଦିଲ୍ଲୀର ଡ. ପ୍ରବୀଣ ବଶିଷ୍ଟ, ଏମ୍ସ ମେଡିକାଲ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡିନ୍ ଡ. ପ୍ରଶାନ୍ତ ରାଘବ ମହାପାତ୍ରଙ୍କ ଉପସ୍ଥିତିରେ ଏହି କ୍ଲିନିକର ଶୁଭାରମ୍ଭ ହୋଇଯାଇଛି।

ଡ. ଆର ପି ସେଂଟର, ଏମ୍ସ ନିୟୁଦିଲ୍ଲୀ ଏବଂ ଜର୍ମାନୀର କ୍ରିଷ୍ଟୋଫେଲ୍ ବ୍ଲିଣ୍ଡେନ୍ ମିସନ୍ (ସିବିଏମ୍)ର ସହଯୋଗରେ ସ୍ଥାପିତ ଏହି କ୍ଲିନିକ୍ ରାଜ୍ୟ ତଥା ପଡ଼ୋଶୀ ରାଜ୍ୟର ରୋଗୀଙ୍କ ପାଇଁ କାର୍ଯ୍ୟ କରିବ। ଏମ୍ସ ଭୁବନେଶ୍ୱର ଚକ୍ଷୁ ବିଭାଗରେ ଦୈନିକ କାର୍ଯ୍ୟକ୍ଷମ ଏହି କ୍ଲିନିକ୍ ଆବଶ୍ୟକ କରୁଥିବା ଲୋକଙ୍କୁ ଦୃଷ୍ଟିଶକ୍ତି ପୁନର୍ବାସ ସେବା ପ୍ରଦାନ କରିବାରେ ସହାୟକ ହେବ ଯାହାକି ସେମାନଙ୍କର ସାଧାରଣ ଜୀବନଯାପନ ପ୍ରଣାଳୀକୁ ସ୍ୱାଭାବିକ କରିବ।

ଚକ୍ଷୁ ବିଭାଗର ଏପରି ପଦକ୍ଷେପକୁ ପ୍ରଶଂସା କରିବା ସହିତ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବିଶ୍ୱାସ କ୍ଲିନିକ୍ ର ଦୂରଦର୍ଶୀ ପ୍ରଭାବ ଉପରେ ମତ ରଖିଥିଲେ। ନିୟମିତ ରୋଗୀ ପରାମର୍ଶ ଉପରେ ଗୁରୁତ୍ୱ ଦେବା ସହିତ ଏମ୍ସ ନୂଆଦିଲ୍ଲୀକୁ 'ରୋଶନି' ପ୍ରକଳ୍ପ ଅଧୀନରେ ସହାୟତା ପାଇଁ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଯୋଜନା ମାଧ୍ୟମରେ ଦେଶର ବିଭିନ୍ନ ଏମ୍ସ ତଥା ପ୍ରତିଷ୍ଠିତ ଚକ୍ଷୁ ସେବା ପ୍ରତିଷ୍ଠାନରେ ଏପରି କ୍ଲିନିକ୍ ସ୍ଥାପନ ହେଉଛି। ଏଥିସହିତ ଡ. ବିଶ୍ୱାସ ଆଶା କର୍ମୀ ଏବଂ ସ୍ୱେଚ୍ଛାସେବୀମାନଙ୍କୁ ଚକ୍ଷୁ ଯତ୍ନ ସମ୍ବନ୍ଧୀୟ ଜ୍ଞାନ ଆହରଣ ନିମନ୍ତେ ପ୍ରସ୍ତୁତ ତାଲିମ ମାନୁଆଲକୁ ଉନ୍ମୋଚନ କରିଥିଲେ।

ରୋଗୀ କଲ୍ୟାଣ ଉପରେ ଏହାର ପ୍ରଭାବକୁ ପ୍ରକାଶ କରିବା ସହିତ ଏମ୍ସ ଭୁବନେଶ୍ୱର ଚକ୍ଷୁ ବିଭାଗ ମୁଖ୍ୟ ଡ. ସୁଚେତା ପରିଜା ଏହି କ୍ଲିନିକ୍ ର କାର୍ଯ୍ୟକ୍ଷମତା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଏହି କ୍ଲିନିକରୁ ବର୍ତ୍ତମାନ ସୁଦ୍ଧା ୭୫ରୁ ଅଧିକ ରୋଗୀ ଉପକୃତ ହୋଇସାରିଲେଣି। ଆଗାମୀ ଦିନରେ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ ଦୃଷ୍ଟି ପୁନର୍ବାସ ନିମନ୍ତେ ବିଭିନ୍ନ ଦୃଷ୍ଟିହୀନ ବିଦ୍ୟାଳୟଗୁଡ଼ିକ ସହିତ ବୁଝାମଣା କରାଯିବ। ସେହିପରି ତୃଣମୂଳସ୍ତରରେ ପ୍ରାଥମିକ ଚକ୍ଷୁ ଚିକିତ୍ସା ପ୍ରଦାନ ନିମନ୍ତେ ଆଶା କର୍ମୀଙ୍କୁ ତାଲିମ ପ୍ରଦାନ ନିମନ୍ତେ ମଧ୍ୟ ଯୋଜନା ରହିଥିବା ଡ. ପରିଜା ସୂଚନା ଦେଇଛନ୍ତି। ଉଦ୍ଘାଟନୀ କାର୍ଯ୍ୟକ୍ରମରେ ସିଏମ୍ ଏଫଏମ୍ ବିଭାଗ ମୁଖ୍ୟ ଡ. ସୋନୁ ସୁବା, ଫିଜିଓଲୋଜି ବିଭାଗ ମୁଖ୍ୟ ଡ. ପ୍ରଣତୀ ନନ୍ଦ, ଡ. ପ୍ରଭାସ ରଂଜନ ତ୍ରିପାଠୀ, ଡ. ମୁକୁନ୍ଦ ସାହୁ, ଡ. ଭାଗବତ ନାୟକ, ଡ. ପ୍ରିୟଦର୍ଶିନୀ ମିଶ୍ର, ଡ. ସନ୍ଦିପ ସାହୁ, ଡ. ବୃତେନ୍ଦୁ ମହାରଣା, ଡ. ବିଜ୍ଞା ପଣ୍ଡା, ରେସିଡେଂଟ ଡାକ୍ତର, ନର୍ସିଂ ଅଧିକାରୀ, କର୍ମଚାରୀ ଏବଂ ସ୍ୱଳ୍ପ ଦୃଷ୍ଟିଶକ୍ତି ରୋଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ଶୁଖିଲା ଜଙ୍ଗଲୀ ଖାଲ ଓ ପୋଖରୀ: ଅସ୍ତବ୍ୟସ୍ତ ଜୀବଜନ୍ତୁ

**ମେଣ୍ଢାଶାଳ, ନ୍ୟୁଜ ବ୍ୟୁରୋ**

ଚନ୍ଦକା ଡିଭିଜନର ଚାରିଟିଯାକ ରେଞ୍ଜ୍‌ରେ ପାଣି ଅଭାବ ଦେଖାଦେଇଛି। ଡମପଡା ରେଞ୍ଜ୍‌ର ନାଗେଶ୍ୱର, ଯାରିଆ ଓ ଶଉରା ବିଲ; ଚନ୍ଦକା ରେଞ୍ଜ୍‌ର କୋଚିଲା ବାରଣା, ଝୁମୁକା, କୁମାରଖୁଣ୍ଟି, ବୁଆରିଗଡ଼; ହଳଦିଆ ରେଞ୍ଜ୍‌ର ଡେରାସ, ଗୁପ୍ତପଡ଼ା, ଅମ୍ବିଲ ଓ ମାଡୁଆ; ଭରତପୁର ରେଞ୍ଜ୍‌ର ଚୂନକୋଳି ପୋଖରୀ, କୂଅସଉରା ଓ ଭୀମଖାଲରେ ପାଣିର ପରିମାଣ କମିଥିବାବେଳେ ଜଙ୍ଗଲର ଅନେକ ସ୍ଥାନରେ ଥିବା ଖାଲଗୁଡ଼ିକ ଶୁଖିଲା ପଡ଼ିଛି। ଏହା ସହିତ ଦିନକୁ ଦିନ ତାପମାତ୍ରା ବଢ଼ିବାରେ ଲାଗିଛି। ପ୍ରଚଣ୍ଡ ଖରାରେ ଗଛପତ୍ର ମଧ୍ୟ ଶୁଖିଗଲଣି। ଚନ୍ଦକା ଜଙ୍ଗଲରେ ବାରମ୍ବାର ନିଆଁ ଲାଗୁଥିବାବେଳେ ବନବିଭାଗ ନିଆଁ ଲିଭାଇବା ପାଇଁ ନାକେଦମ୍ ହେଲାଣି। ଜଙ୍ଗଲରେ ପର୍ଯ୍ୟାପ୍ତ ମାତ୍ରାରେ ଥିବା ଗଣ୍ଡିବାଉଁଶ ଗଛ ହୁହୁହୋଇ ଜଳୁଥିବାବେଳେ ତା’ପାଖକୁ ଯିବା ବନକର୍ମଚାରୀଙ୍କ ପକ୍ଷେ ସମ୍ଭବ ହେଉନାହିଁ। ଚଳିତ ବର୍ଷ ବିଭିନ୍ନ ପର୍ଯ୍ୟାୟରେ ନିଆଁଲାଗି ଜଙ୍ଗଲର ଗୋଟିଏ ଗୋଟିଏ ସ୍ଥାନରେ ୫ କିମିରୁ ଅଧିକ ଆକାରର ସ୍ଥାନ ଜଳିପୋଡ଼ି ପାଉଁଶ ହୋଇଯାଇଛି। ପ୍ରଚଣ୍ଡ ଖରା, ଗରମ, ପାଣିର ଅଭାବ ସହିତ ଚନ୍ଦକା-ଡମପଡ଼ା ହସ୍ତୀ ଅଭୟାରଣ୍ୟରେ ବାରମ୍ବାର ନିଆଁ ଲାଗୁଥିବାରୁ ଏବେ ସେଠାକାର ପଶୁପକ୍ଷୀ ତ୍ରାହି ତ୍ରାହି ଡାକ ଛାଡୁଛନ୍ତି। ବିଶେଷକରି ଚନ୍ଦକା ଅଭୟାରଣ୍ୟର ହାତୀମାନେ ଭାରି ସମସ୍ୟାରେ ପଡ଼ିଛନ୍ତି। କାରଣ ସେମାନଙ୍କର ଯାତାୟାତ ଅପେକ୍ଷାକୃତ ସୀମିତ ସ୍ଥାନରେ ଥିବାବେଳେ ସେମାନେ ଅନ୍ୟ ପଶୁପକ୍ଷୀଙ୍କ ଅପେକ୍ଷା ଅନେକ ଅଧିକ ପାଣି ଆବଶ୍ୟକ କରନ୍ତି।



# କମୁନି ଆଳୁ ବଜାର ଡାଡି: ଶୋଷୁଛନ୍ତି ଖୁଚୁରା ବେପାରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଦୁଇ ଦିନ ହେଲା ପାଇକାରୀ ବଜାରରେ ଆଳୁ ଦର କମୁଛି। କିନ୍ତୁ ପରିତାପର କଥା ଖୁଚୁରା ବଜାରରେ ଆଳୁ ଦର ତାତି କମିବା ନାଁ ନେଉନାହିଁ। ଦୁଇ ସପ୍ତାହ ପୂର୍ବେ ପାଇକାରୀ ଦର କିଲୋ ପ୍ରତି ୨୫ ଟଙ୍କା ଥିଲା ଏବଂ ଖୁଚୁରା ବେପାରୀମାନେ କିଲୋ ପିଛା ୩୫ ଟଙ୍କାରେ ବିକ୍ରି କରୁଥିଲେ। ଏବେ ପାଇକାରୀ ଦର କ୍ୱିଣ୍ଟାଲ୍ ପିଛା ୧୮ ଶହ ଟଙ୍କାକୁ ଖସିଆସିଲାଣି, ଅର୍ଥାତ୍ କିଲୋ ପ୍ରତି ୧୮ ଟଙ୍କା ହେଲାଣି। କିନ୍ତୁ ଖୁଚୁରା ବଜାରରେ ଦର ସେମିତି ୩୫ ଟଙ୍କା ରହିଛି। କିଣା ମୂଲ୍ୟ ସହ ମୁନାଫା ସମାନ। ଖୁଚୁରା ବେପାରୀମାନେ ମନ ଇଚ୍ଛା ଖାଉଟିଙ୍କୁ ଶୋଷଣ କରୁଛନ୍ତି। ଜିଲ୍ଲା ଯୋଗାଣ ବିଭାଗର ନିଷ୍କ୍ରିୟତା ବା ଉଦାସୀନତା କାରଣରୁ ସାଧାରଣ ଖାଉଟି ଶୋଷଣର ଶିକାର ହେଉଛନ୍ତି ବୋଲି ଅଭିଯୋଗ ହେଉଛି।

ଆଜି ଆଇଗିଣିଆ କୁବେରପୁରୀରୁ ମିଳିଥିବା ସୂଚନାନୁସାରେ ୨ ଦିନ ହେଲା ଆଳୁ ଦର କମୁଛି। ମାନ ଅନୁସାରେ ଆଳୁ କ୍ୱିଣ୍ଟାଲ ୧୮ଶହ ଟଙ୍କାରୁ ୨ ହଜାର ଟଙ୍କା ରହିଛି। ପଶ୍ଚିମବଙ୍ଗରୁ ଯୋଗାଣ ମଧ୍ୟ ଠିକ୍‌ଠାକ ରହିଛି। ବ୍ୟବସାୟୀ ସଂଘର ସମ୍ପାଦକ ଆଇନଜୀବୀ ଶକ୍ତିଶଙ୍କର ମିଶ୍ରଙ୍କ କହିବା କଥା ୨ ସପ୍ତାହ ପୂର୍ବେ ପଶ୍ଚିମବଙ୍ଗରେ ପର୍ବପର୍ବାଣୀ ଚାଲିଥିବାରୁ ଓଡ଼ିଶାକୁ ଆଳୁ ଚାଲାଣ ହ୍ରାସ ପାଇଥିଲା। ସେହିଭଳି ଶୀତଳଭଣ୍ଡାରରେ ମହଜୁଦ ରଖାଯିବା ବି ଅନ୍ୟତମ କାରଣ ଥିଲା। ତେଣୁ ସ୍ୱାଭାବିକ ଭାବେ ଦର ବୃଦ୍ଧି ପାଇଥିଲା। ସେତେବେଳେ କ୍ୱିଣ୍ଟାଲ ପିଛା ୨୫ ଶହ ଟଙ୍କା ହୋଇଯାଇଥିଲା। ନିୟମାନୁସାରେ ପାଇକାରୀ ଦର ୨୫ ଟଙ୍କା ବେଳେ ଖୁଚୁରା ବଜାର ଦର ୩୦/୩୨ ଟଙ୍କା ରହିବା କଥା। ମାତ୍ର ସେତେବେଳେ ଖୁଚୁରା ବେପାରୀମାନେ କିଲୋ ପିଛା ୩୫ ଟଙ୍କା ନେଇଗଲେ। କାହାର ନିୟନ୍ତ୍ରଣ ନଥିଲା। ଏବେ ଦୁଇ ଦିନ ହେଲା ସେ ସ୍ଥିତି ନାହିଁ। ଏବେ ପାଇକାରୀ ଦର ୨୦ ଟଙ୍କା ଥିବାରୁ ଖୁଚୁରା ଦର ଅତିବେଶିରେ ୨୬/୨୭ ଟଙ୍କା ହେବା କଥା। କିନ୍ତୁ ଖୁଚୁରା ବେପାରୀମାନେ ୩୫ ଟଙ୍କାରୁ ତଳକୁ ଖସିନାହାନ୍ତି। ଖୁଚୁରା ବଜାର ଉପରେ କାହାର ନିୟନ୍ତ୍ରଣ ନଥିବାରୁ ଏବଂ ଲୋକଙ୍କ ନିକଟରେ ଏହି ବାର୍ତ୍ତା ପହଞ୍ଚି ପାରୁନଥିବାରୁ ସେମାନେ ଖାଉଟିଙ୍କୁ ଶୋଷଣ କରିବା ମଉକା ହାତଛଡ଼ା କରୁନାହାନ୍ତି। ଖୁଚୁରା ବଜାରକୁ ଜିଲ୍ଲା ଯୋଗାଣ ବିଭାଗ ନିୟନ୍ତ୍ରଣ କରିବା କଥା। ବିପଣନ ଗୁଇନ୍ଦା ସୂଚନା ଆଧାରରେ ଯୋଗାଣ ବିଭାଗ ପଦକ୍ଷେପ ଗ୍ରହଣ କରିବା ନିୟମ ରହିଛି। ମାତ୍ର ଯୋଗାଣ ବିଭାଗର ଅଧିକାରୀ ଓ ବିପଣନ ନିରୀକ୍ଷକ(ଏମ୍‌ଆଇ)ମାନେ ନିରବଦ୍ରଷ୍ଟା ସାଜୁଛନ୍ତି। ଏଣେ ଜିଲ୍ଲା ଯୋଗାଣ ବିଭାଗରୁ ମିଳିଛି ବିଚିତ୍ର ସୂଚନା। ଖୋର୍ଦ୍ଧା ଜିଲ୍ଲା ଯୋଗାଣ ଅଧିକାରୀ(ସିଏସ୍‌ଓ)ଙ୍କ ସୂଚନାନୁସାରେ ପାଇକାରୀ ଦର ୨୦/୨୨ ଟଙ୍କା ଏବଂ ଖୁଚୁରା ବଜାର ଦର ୨୮ ଟଙ୍କା ରହିଛି। ବିଭିନ୍ନ ଏମ୍‌ଆଇମାନେ ତାଙ୍କୁ ଏହି ସୂଚନା ଦେଇଛନ୍ତି ବୋଲି ସିଏସ୍‌ଓ କହିଛନ୍ତି। କିନ୍ତୁ ଏହା ପ୍ରକୃତ ତଥ୍ୟ ନୁହେଁ। ରାଜଧାନୀ ଓ ଉପକଣ୍ଠ ଅଞ୍ଚଳର ବିଭିନ୍ନ ହାଟରେ ଆଳୁ କିଲୋ ୩୫ ଟଙ୍କା ରହିଛି। ନିମ୍ନମାନର ଅର୍ଥାତ୍ ଗୁଣ୍ଡ ଆଳୁ କିଲୋ ପିଛା ୨୮/୩୦ ଟଙ୍କା ରହିଛି। ଯେଉଁ ଆଳୁ କ୍ୱିଣ୍ଟାଲ୍‌କୁ ୧୮ ଶହ ଟଙ୍କା ପଡୁଛି, ତାହାକୁ ଖୁଚୁରା ବଜାରରେ କିଲୋ ପିଛା ୨୮ ଟଙ୍କାରେ ବିକ୍ରି କରାଯାଉଛି। ସେହିଭଳି ଭଲ ମାନର ଆଳୁ କ୍ୱିଣ୍ଟାଲ ପିଛା ୨୨ ଶହ ଟଙ୍କାରେ କିଣି ଖୁଚୁରା ବେପାରୀମାନେ କିଲୋ ପିଛା ୩୫ ଟଙ୍କାରେ ବିକ୍ରି କରୁଛନ୍ତି। ଏଭଳି ତଥ୍ୟର ସତ୍ୟତା ପରଖିବାକୁ ଆସନ୍ତାକାଲିଠାରୁ ସ୍ୱତନ୍ତ୍ର ଟିମ୍ ଜରିଆରେ ତଦାରଖ କରାଯିବ ବୋଲି ଖୋର୍ଦ୍ଧା ଜିଲ୍ଲା ସିଏସ୍‌ଓ କହିଛନ୍ତି।

# ଘଟଗାଁ ଆମ୍ବ ପାଇଁ ବାହାର ବ୍ୟବସାୟୀଙ୍କ ଭିଡ଼

**କେନ୍ଦୁଝର, ନ୍ୟୁଜ ବ୍ୟୁରୋ**

କେନ୍ଦୁଝର ଜିଲାର ଘଟଗାଁ ବ୍ଲକ ଅଞ୍ଚଳରୁ ବାହାରୁଥିବା ଆମ୍ବ ବିଗତ କିଛି ବର୍ଷ ହେବ ବାହାର ରାଜ୍ୟର ବ୍ୟବସାୟୀଙ୍କ ପାଖରେ ବେଶ ଆଦୃତି ଲାଭ କରିଛି। ଏପରିକି ପଶ୍ଚିମବଙ୍ଗ ରାଜ୍ୟର ବିଭିନ୍ନ ବ୍ୟବସାୟୀ ବର୍ଷେ ପୂର୍ବରୁ ଆମ୍ବ ଚାଷୀଙ୍କ ସହ ଚୁକ୍ତି କରି ଅଗ୍ରୀମ ଟଙ୍କା ଦେଇ ଯାଉଛନ୍ତି। ପ୍ରତିଦିନ ଶହ ଶହ ଗାଡି ଆମ୍ବ ବୋଝେଇ କରି ଆମ୍ବ ଋତୁରେ ବାହାର ରାଜ୍ୟକୁ ନେଇ ଯାଉଛନ୍ତି। ଆମ୍ବ ଚାଷୀଙ୍କ ତୋଟାରୁ ଗାଡି ଲାଗୁଥିବାରୁ ବିକ୍ରିବଟା ସମସ୍ୟା ଏବେ ଦୁରେଇ ଯାଇଛି। ଦିନ ଥିଲା ଏଠାରେ ଅସମତଳ ଜମି ସବୁ ପଡିଆ ପଡୁଥିଲା। ମାତ୍ର ସରକାରଙ୍କ ସହଯୋଗ ଓ ଗ୍ରାମବାସୀଙ୍କ ନିଷ୍ଠା ଯୋଗୁ ଏବେ ଏକର ଏକର ସ୍ୱାଦିଷ୍ଟ ଆମ୍ବ ଫଳୁଛି ଏହି ଜମିରେ । ଘଟଗାଁ ଅଞ୍ଚଳର ପ୍ରାୟ ୧୮୦ ଏକର ଜମିରେ ଉତ୍ପାଦନ ହେଉଛି ବିଭିନ୍ନ କିସମର ସ୍ୱାଦିଷ୍ଟ ଓ ମିଠା ଆମ୍ବ। ମୁମ୍ବାଇ ଓ ଉତ୍ତରପ୍ରଦେଶକୁ ଟ୍ରକ୍ ଟ୍ରକ୍ ଆମ୍ବ ପଠାଇବା ପାଇଁ ଏବେ



ଚାଷୀଙ୍କୁ ଆଗୁଆ ଅର୍ଡର ମିଳିଛି। ପାଖାପାଖି ୨ ଶହ ପରିବାରଙ୍କ ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିପାରିଛି ଏହି ଆମ୍ବ। ସ୍ୱାବଲମ୍ବୀ ହୋଇପାରିଛନ୍ତି ଅନେକ ସ୍ଥାନୀୟ ଲୋକେ । ଏହାକୁ ଦେଖି ଏବେ ଆମ୍ବର ଗାଁ ବୋଲି ଏକ ପରିଚୟ ସୃଷ୍ଟି କରିଛି ଘଟଗାଁ ବ୍ଲକ୍ ଝାରବେଡା ଗାଁ। ଘଟଗାଁ ବ୍ଲକର ଝାରବେଡା ଗ୍ରାମର ଲୋକଙ୍କ ଉଦ୍ୟମ ବେଶ୍ ପ୍ରଶଂସିତ ହୋଇପାରିଛି। ୨୦୧୦ ମସିହା ପୂର୍ବରୁ ଏହି ଗାଁର ସେମିତି ପରିଚୟ ନଥିଲା । ହେଲେ ଏବେ ରାଜ୍ୟ ସହିତ ଦେଶର ମାନଚିତ୍ରରେ ଝାରବେଡା ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇଛି। ପୂର୍ବତନ ସରପଞ୍ଚ ଯଦୁମଣି ସେନାପତି ତାଙ୍କ ଅବ୍ୟବହୃତ ଜମିକୁ ଚାଷ ଉପଯୋଗୀ କରିବାକୁ ପ୍ରଥମେ ଉଦ୍ୟମ କରିଥିଲେ । ନାବାର୍ଡ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଯୋଗରେ ୨୦୧୦ ମସିହାରେ ଆମ୍ବଗଛ ଲଗାଇବାକୁ ଗାଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ଗାଁ ଲୋକେ ମଧ୍ୟ ନିଜ ନିଜ ଜମିରେ ଆମ୍ବଗଛ ଲଗାଇଥିଲେ। ବିଭିନ୍ନ କିସମର ଦଶେରୀ, ଅମ୍ରପଲ୍ଲୀ, ଲେଙ୍ଗଡା, କ୍ଷୀରସାଗର, ହିମସାଗର ପ୍ରଭୃତି ଆମ୍ବଚାରା ଏଠାରେ ରୋପଣ କରା ଯାଇଥିଲା। ଗାଁ ଲୋକେ ନିଜେ ଶ୍ରମଦାନ କରି ଜମିକୁ ସମତଳ କରିବା ସହିତ ଆମ୍ବଗଛ ଲଗାଇ ପାରିଶ୍ରମିକ ସରକାରଙ୍କ ଠାରୁ ପାଇଲେ। କିଛି ସ୍ୱେଚ୍ଛାସେବୀ ସଙ୍ଗଠନ ଆମ୍ବଗଛକୁ ୩ ବର୍ଷ ଧରି ରକ୍ଷଣାବେକ୍ଷଣ କରିବା ପରେ ଗାଁ ଲୋକଙ୍କୁ ହସ୍ତାନ୍ତର କରିଥିଲେ। ୩ ବର୍ଷ ପରେ ଏବେ ମହାରାଷ୍ଟ୍ର ଏବଂ ଦିଲ୍ଲୀକୁ ଟ୍ରକ୍ ଯୋଗେ ଆମ୍ବ ପଠାଯାଉଛି। ଆମ୍ବର ଉଚିତ ପ୍ରାପ୍ୟ ଯେପରି ପାଇବେ ସେଥିପ୍ରତି ସରକାରଙ୍କ ପକ୍ଷରୁ ମଧ୍ୟ ଧ୍ୟାନ ଦିଆଯାଉଛି। ଆମ୍ବ ତୋଳିବା, ଉପଯୁକ୍ତ ଭାବେ ପ୍ୟାକିଙ୍ଗ କରିବା ଦିଗ ପ୍ରତି ଗ୍ରାମବାସୀଙ୍କୁ ତାଲିମ ଦିଆଯାଉଛି । ଫଳରେ ଚଳିତବର୍ଷ ୨ଶହ ଚାଷୀ ପ୍ରାୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଆମ୍ବ ବିକ୍ରି କରିବେ ବୋଲି ସ୍ଥାନୀୟ ଆମ୍ବ ଚାଷୀ ଯଦୁମଣି ସେନାପତି କହିଛନ୍ତି। କେବଳ ଯେ ଆମ୍ବ ତାହା ନୁହେଁ ମୂଳାଚାଷ କରି ମଧ୍ୟ ଝାରବେଡା ଗ୍ରାମବାସୀ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ଆମ୍ବ ଗଛ ତଳେ ଏକର ଏକର ଜମିରେ ମୂଳାଚାଷ କରି କେନ୍ଦୁଝର ସହିତ କଟକ, ଭଦ୍ରକ ପ୍ରଭୃତି ଜିଲ୍ଲାକୁ ଏହି ଅଞ୍ଚଳର ମୂଳା ପଠାଯାଉଛି। ପ୍ରତିବର୍ଷ ୫୦ରୁ ଉର୍ଦ୍ଧ୍ୱ ଟ୍ରକରେ ମୂଳା ବାହାର ରାଜ୍ୟକୁ ବିକ୍ରିକରି ଝାରବେଡା ଗ୍ରାମର ଚାଷୀମାନେ ସଫଳତା ଅର୍ଜନ କରିଛନ୍ତି । ଗାଁର ପ୍ରତ୍ୟେକ ଲୋକେ ଏବେ ଚାଷ ପ୍ରତି ଧ୍ୟାନ ଦେଇ ସ୍ୱାବଲମ୍ବୀ ହୋଇପାରିଛନ୍ତି ବୋଲି କହିଛନ୍ତି। ଲୋକଙ୍କ ଆଗ୍ରହକୁ ଦେଖି ଉଦ୍ୟାନ ବିଭାଗ ପକ୍ଷରୁ ସମସ୍ତ ସହାୟତା ପ୍ରଦାନ ସହିତ ଚାଷ ସମ୍ପର୍କରେ ତାଲିମ ପ୍ରଦାନ ଓ ଆର୍ଥୀକ ସହାୟତା ଯୋଗାଇ ଦିଆଯାଉଛି। ଝାରବେଡାର ମୂଳା ସମଗ୍ର କେନ୍ଦୁଝରର ଚାହିଦା ମେଣ୍ଟାଇବା ପରେ ବାହାର ରାଜ୍ୟକୁ ପଠାଇ ଚାଷୀମାନେ ଲକ୍ଷାଧିକ ଟଙ୍କା ରୋଜଗାର କରୁଥିବା କହିଛନ୍ତି। ଏହିବର୍ଷ ପ୍ରଚୁର ଆମ୍ବ ଉତ୍ପାଦନ ହୋଇଥିବାରୁ ଚାଷୀଙ୍କ ମୁହଁରେ ହସ ଫୁଟିଛି। ଆମ୍ବର ଉଚିତ ପ୍ରାପ୍ୟ ଯେପରି ପାଇବେ ସେଥିପ୍ରତି ସରକାରଙ୍କ ପକ୍ଷରୁ ମଧ୍ୟ ଧ୍ୟାନ ଦିଆଯାଉଛି।





# ବିଜେଡ଼ିରେ ଯୋଗଦେଲେ ଅତାବିରା ନିର୍ବାଚନମଣ୍ଡଳୀର ବିଜେପି ନେତା ଓ କର୍ମୀ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବରଗଡ ଜିଲ୍ଲା ଅନ୍ତର୍ଗତ ଅତାବିରା ନିର୍ବାଚନମଣ୍ଡଳୀର ବିଜେପି ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ଇଂ ଭରତ ବେହେରା, ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସଭାପତି ସୁନନ୍ଦ ମେହେର ଓ ଜିଲ୍ଲା ଶ୍ରମିକ ସେଲ ସଂଯୋଜକ ଉରଗୁଲ ତାଣ୍ଡିଙ୍କ ନେତୃତ୍ୱରେ ଶତାଧିକ ବିଜେପି କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, ଅତାବିରା ବିଧାୟିକା ସ୍ନେହାଙ୍ଗୀନି ଛୁରିଆ ଓ ଅତାବିରା ପର୍ଯ୍ୟବେକ୍ଷକ ବିଶ୍ୱନାଥଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ସମସ୍ତ ବିଜେପି ନେତା ଓ କର୍ମୀଙ୍କୁ ଡକ୍ଟର ପାତ୍ର, ଶ୍ରୀମତୀ ଛୁରିଆ ଓ ଶ୍ରୀ ବିଶ୍ୱନାଥ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ବିଜେପି କର୍ମୀମାନଙ୍କ ଯୋଗଦାନ ଫଳରେ ବିଶେଷକରି ଅତାବିରା ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର, ଶ୍ରୀମତୀ ଛୁରିଆ ଓ ଶ୍ରୀ ବିଶ୍ୱନାଥ କହିଥିଲେ। ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ବିଜେପି ନେତାମାନେ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲୁ। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଆମକୁ ଯାହା ଦାୟିତ୍ୱ ଦେବେ ତାକୁ ସୁଚାରୁ ରୂପେ ତୁଲାଇବୁ। ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ। ଏହି ମିଶ୍ରଣ ପର୍ବରେ ଅଶ୍ୱିନ ବେହେରା, ଗୋବିନ୍ଦ ପ୍ରଧାନ, ପ୍ରଶାନ୍ତ ଅମାତ, ସୁନୀଲ ସେଠ, ବିନୋଦ ବେହେରା, ସୂର୍ଯ୍ୟ ନାରାୟଣ ମିଶ୍ର, ଈଶ୍ୱର ଧାରୁଆ, ରମାକାନ୍ତ ବିଶି, ଅଶ୍ୱିନୀ ସୁରୁଜାଲ, ଚାମରା ଦଣ୍ଡସେନା, ପ୍ରମୋଦ ଗରତିଆ, ସୁବ୍ରତ ପଟେଲ, ଯଶୋବନ୍ତ ସେଠ, ବିଦେଶ କୁମାର ଦାସ, ଚୁଡାମଣି ମହାରଣା, ସାଇଚନ୍ଦନ ମିଶ୍ର, ସିଲୁ ମିଶ୍ର, କୈଳାସ ବାଗ, ମଧୁ ଦୀପ, ଅରୁଣ ବାଗ, ଲିଲିମା ଗୁ ପ୍ତା, ଦୟା ସାଗର ପ୍ରଧାନ, ଦୀପକ ଦାସ, ପ୍ରକାଶ ଶଣ୍ଢ, ଚକା ପୋଢ ଓ ମାନସ ସାହୁଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ। ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୯-ଆସ୍କା ଲୋକସଭା ଓ ବିଧାନସଭା ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା ବୈଠକ

# ଜନ ସାଧାରଣ ଯେପରି ହଇରାଣ ହେବେ ନାହିଁ ସେଥିପ୍ରତି ଦୃଷ୍ଟିଦେବାକୁ ପର୍ଯ୍ୟବେକ୍ଷକଙ୍କ ପରାମର୍ଶ

**ଛତ୍ରପୁର, ନ୍ୟୁଜ ବ୍ୟୁରୋ**

ଚଳିତ ନିର୍ବାଚନ ଯେଭଳି ଶାନ୍ତି ଶୃଙ୍ଖଳାର ସହିତ ସମାପନ ହେବ ସେଥି ନିମନ୍ତେ ପର୍ଯ୍ୟବେକ୍ଷକ ମାନଙ୍କ ଗୁରୁତ୍ୱାରୋପ କରିଥିଲେ । ଗଞ୍ଜାମ ଜିଲ୍ଲାରେ ୧୯ ଆସ୍କା ଲୋକସଭା, ୧୨୪- ପୋଲସରା, ୧୨୫- କବିସୂର୍ଯ୍ୟନଗର, ୧୨୬-ଖଲ୍ଲିକୋଟ, ୧୩୧- ହିଞ୍ଜିଳି, ୧୨୮-ଆସ୍କା, ୧୨୯ ସୋରଡା, ୧୩୦- ସାନଖେମୁଣ୍ଡି ବିଧାନ ସଭା ଗୁଡିକର ନିର୍ବାଚନ ପ୍ରସ୍ତୁତି ଓ କାର୍ଯ୍ୟଖସଡା କିଭଳି ରହିଛି ତାହା ସମସ୍ତ ପର୍ଯ୍ୟବେକ୍ଷକ ପରିଦର୍ଶନ କରି ସନ୍ତୋଷ ବ୍ୟକ୍ତ କରିଥିଲେ । ବିଶେଷଭାବେ ଜନସାଧାରଣ ଯେପରି କୌଣସି ଅସୁବିଧାରେ ପଡିବେ ନାହିଁ ସେଥି ନିମନ୍ତେ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଜି. ଏଲାମୁରୁଗୁ, ଆଇ.ଆର.ଏସ୍., ମନୀଷ୍ ଦୁଦପୁରୀ, ଆଇ.ଆର.ଏସ୍. ଏବଂ ସୁନୀଲ କିଶନ୍ ଆଗୱାନେ,




ଆଇ.ଆର.ଏସ୍. ଗୁରୁତ୍ୱାରୋପ କରିଥିଲେ । ଛତ୍ରପୁର ସ୍ଥିତ ଜିଲ୍ଲା ପରିଷଦ ରଷିକୂଲ୍ୟା ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାର ସମସ୍ତ ନିର୍ବାଚନ ଖର୍ଚ୍ଚ ପରିଚାଳନା ଅଧିକାରୀ ଏବଂ ସହକାରୀ ଖର୍ଚ୍ଚ ପରିଚାଳକମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନରେ ଅଂଶ ଗ୍ରହଣ କରୁଥିବା ପ୍ରାର୍ଥୀମାନଙ୍କ ଖର୍ଚ୍ଚ କିଭଳି ତଦାରଖ କରିବେ ସେ ସମ୍ପର୍କିତ ସବିଶେଷ ତଥ୍ୟ ସମ୍ପର୍କିତ ଆଲୋଚନା ହୋଇଯାଇଛି । ଜିଲ୍ଲାରେ ନିଯୁକ୍ତ ଥିବା ସହକାରୀ ଖର୍ଚ୍ଚ ନିରୀକ୍ଷଣ ଅଧିକାରୀ ବିଭିନ୍ନ ସ୍କାଡ୍ ଟିମ୍‌ମାନଙ୍କୁ କିଭଳି ପ୍ରାର୍ଥୀ ମାନଙ୍କର ଖର୍ଚ୍ଚ ବିବରଣୀ ତଦାରଖ କରିବେ ସେ ସମ୍ପର୍କରେ ଜିଲ୍ଲା ଗସ୍ତରେ ଥିବା ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଗଣ ପଚାରି ବୁଝିଥିଲେ ଏବଂ ନିର୍ବାଚନ ଜନିତସମସ୍ତ ପରିଚାଳନା କେନ୍ଦ୍ର ଗୁଡିକ ପରିଦର୍ଶନ କରି ସନ୍ତୋଷ ବ୍ୟକ୍ତ କରିଥିଲେ । ଗଞ୍ଜାମ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଦିବ୍ୟ ଜ୍ୟୋତି ପରିଡା, ୨୦-ବ୍ରହ୍ମପୁର ଲୋକସଭା ରିଟର୍ଣ୍ଣିଂ ଅଧିକାରୀ ତଥା ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତା ବିଭିନ୍ନ ଖର୍ଚ୍ଚ ସମ୍ପର୍କିତ ତଥ୍ୟ ପ୍ରଦାନ କରି କିଭଳି ନିର୍ବାଚନଟିକୁ ଶାନ୍ତି ଶୃଙ୍ଖଳାର ସହ ଅବାଧ, ମୁକ୍ତ ନିର୍ବାଚନ ହେବ ସେ ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ୨୦- ବ୍ରହ୍ମପୁର ଲୋକସଭା ନିମନ୍ତେ ନିଯୁକ୍ତ ଥିବା ଖର୍ଚ୍ଚ ପର୍ଯ୍ୟବେକ୍ଷକ ସୌରଭ ଦୁବେ ଏବଂ ୧୩୫- ଚିକିଟି ବିଧାନ ସଭା, ୧୩୩- ବ୍ରହ୍ମପୁର ବିଧାନ ସଭା, ୧୩୨- ଗୋପାଳପୁର ବିଧାନ ସଭା ଏବଂ ୧୨୭- ଛତ୍ରପୁର ବିଧାନ ସଭା ନିମନ୍ତେ ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ ସୁଶ୍ରୀ କାଞ୍ଚି ଗୁପ୍ତା, ଗଞ୍ଜାମ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଦିବ୍ୟ ଜ୍ୟୋତି ପରିଡା, ୨୦-ବ୍ରହ୍ମପୁର ଲୋକସଭା ରିଟର୍ଣ୍ଣିଂ ଅଧିକାରୀ ତଥା ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତା ବିଭିନ୍ନ ଖର୍ଚ୍ଚ ସମ୍ପର୍କିତ ତଥ୍ୟ ପ୍ରଦାନ କରି କିଭଳି ନିର୍ବାଚନଟିକୁ ଶାନ୍ତି ଶୃଙ୍ଖଳାର ସହ ଅବାଧ, ମୁକ୍ତ ନିର୍ବାଚନ ହେବ ସେ ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଜନ ସାଧାରଣ ନିର୍ବାଚନ ଖର୍ଚ୍ଚ ସମ୍ପର୍କିତ କୌଣସି ତଥ୍ୟ ନିର୍ବାଚନ ପର୍ଯ୍ୟବେକ୍ଷକ ମାନଙ୍କ ଦୃଷ୍ଟିକୁ ନେବାକୁ ଚାହିଁଲେ ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ ସୌରଭ ଦୁବେଙ୍କ ଯୋଗାଯୋଗ ନମ୍ବର ୯୬୯୨୨୦୧୫୩୦ ଏବଂ ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ ସୁଶ୍ରୀ କାଞ୍ଚି ଗୁପ୍ତାଙ୍କ ଯୋଗାଯୋଗ ନମ୍ବର ୯୬୯୨୧୯୪୧୫୭କୁ ଫୋନ୍ ନମ୍ବରରେ ଜଣାଇ ପାରିବେ । ଗଞ୍ଜାମ ଜିଲ୍ଲାପାଳ ଶ୍ରୀ ପରିଡା ନିର୍ବାଚନ କାର୍ଯ୍ୟ ଯେପରି ସଠିକ ଭାବେ ହୋଇପାରିବ ସେଥି ସକାଶେ ସମସ୍ତେ ଯତ୍ନବାନ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

## ସାଧାରଣ ନିର୍ବାଚନ-୨୦୨୪

# ପ୍ରାର୍ଥୀପତ୍ର ଦାଖଲ ପାଇଁ ଜିଲ୍ଲା ପ୍ରଶାସନ ଦ୍ୱାରା ସୂଚନା ଜାରି

**ଭଦ୍ରକ, ନ୍ୟୁଜ ବ୍ୟୁରୋ**

ଆଗାମୀ ଲୋକସଭା ଓ ଓଡ଼ିଶା ବିଧାନସଭା ସାଧାରଣ ନିର୍ବାଚନ ୨୦୨୪ ଉପଲକ୍ଷେ ଜୁନ୍ ୧ ତାରିଖରେ ଭଦ୍ରକ ଜିଲ୍ଲାପାଇଁ ମତଦାନ କରାଯିବ। ଏହି ପରିପ୍ରେକ୍ଷୀରେ ପ୍ରତିଦ୍ୱନ୍ଦିତା କରିବାକୁ ଇଚ୍ଛୁକ ପ୍ରାର୍ଥୀମାନେ ସେମାନଙ୍କ ପ୍ରାର୍ଥୀପତ୍ର ଦାଖଲ ପାଇଁ ଦିନ, ସମୟ, ତଥା ଆବଶ୍ୟକ ଫର୍ମ, କାଗଜାଦି ସମ୍ବନ୍ଧରେ ସେମାନଙ୍କ ଅବଗତି ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ସୂଚନା ପ୍ରଦାନ କରାଯାଇଛି। ଆସନ୍ତା ମଇ ୦୭.୦୫.୨୦୨୪ ତାରିଖରୁ ପ୍ରାର୍ଥୀପତ୍ର ଦାଖଲ ଆରମ୍ଭ ହୋଇ ମଇ ୧୪.୦୫.୨୦୨୪ ତାରିଖରେ ଶେଷ ହେବ। ସମସ୍ତ ସରକାରୀ ଛୁଟି ଦିବସ ବ୍ୟତୀତ ଉକ୍ତ ଅବଧି ମଧ୍ୟରେ ସମସ୍ତ ସରକାରୀ କାର୍ଯ୍ୟ ଦିବସରେ ପୂର୍ବାହ୍ନ ୧୧ ଘଟିକାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଗ୍ରହଣ କରାଯିବ। ୧୫.୫.୨୦୨୪ ରିଖରେ ପ୍ରାର୍ଥୀପତ୍ର ଯାଞ୍ଚ ଓ ୧୭.୦୫.୨୦୨୪ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଶେଷ ତାରିଖ ରଖାଯାଇଛି। ଜୁନ୍ ୪ ତାରିଖ ଦିନ ଭୋଟ ଗଣତି ଓ ଜୁନ୍ ୬ ତାରିଖ ଗୁରୁବାର ସୁଦ୍ଧା ନିର୍ବାଚନର ସମସ୍ତ କାର୍ଯ୍ୟ ଶେଷ କରାଯିବ ବୋଲି ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରାର୍ଥୀପତ୍ର ଦାଖଲ ପାଇଁ ଆବଶ୍ୟକ ବିଭିନ୍ନ ଡକ୍ୟୁମେଣ୍ଟ ବିଷୟରେ ମଧ୍ୟ ସୂଚନା ଦିଆଯାଇଛି। ନିର୍ବାଚନ ମଣ୍ଡଳୀର ନାମ, ପ୍ରାର୍ଥୀଙ୍କ ନାମ, ପ୍ରାର୍ଥୀପତ୍ର ଦାଖଲର ତାରିଖ ଓ ସମୟ, ନୋମିନେସନ ପେପରର କ୍ରମାଙ୍କ ନମ୍ବର ଆଦି ପୂରଣ କରିବାକୁ ହେବ। ଫର୍ମ ୨୬ ରେ ସତ୍ୟପାଠ କରାଯାଇ ତାର ସମସ୍ତ ସ୍ତମ୍ଭ ପୂରଣ କରାଯାଇଛି କି ନାହିଁ ଯଦି କରାଯାଇ ନାହିଁ କେଉଁ ଗୁଡ଼ିକ ଶୂନ୍ୟ ରହିଛି ଦର୍ଶାଯିବ। ୧ମ ଶ୍ରେଣୀ ମାଜିଷ୍ଟ୍ରେଟ୍, ନୋଟାରୀ ପବ୍ଲିକ୍ ବା ଓଥ୍ କମିଶନରଙ୍କ ନିକଟରେ ସତ୍ୟପାଠ ହୋଇଥିବା ଆବଶ୍ୟକ। ପ୍ରାର୍ଥୀ ଭିନ୍ନ ନିର୍ବାଚନ ମଣ୍ଡଳୀର ଭୋଟର ହୋଇଥିଲେ ଭୋଟର ତାଲିକାର ପ୍ରମାଣିକୃତ ପ୍ରାର୍ଥୀପତ୍ର ସହ ଦାଖଲ କରିବାକୁ ହେବ। ପ୍ରାର୍ଥୀ ଅନୁସୂଚୀତ ଜାତି ଏବଂ ଅନୁସୂଚୀତ ଜନଜାତିର ହୋଇଥିଲେ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ଠାରୁ ପ୍ରାପ୍ତ ଜାତିଗତ ପ୍ରମାଣ ପତ୍ର ଦେବାକୁ ପଡ଼ିବ। ଅମାନତ ଜମା, ଶପଥ ପାଠ ମଧ୍ୟ ପ୍ରାର୍ଥୀପତ୍ର ସହ ପ୍ରଦାନ କରାଯିବ। ବିଭିନ୍ନ ରାଜନୈତିକ ଦଳର ଆଶାୟୀ ପ୍ରାର୍ଥୀମାନେ ନାମାଙ୍କନ ଦାଖଲ ସମୟରେ ଲୋକସଭା ଆସନ ପାଇଁ ଫର୍ମ ୨ (ଏ) ଏବଂ ବିଧାନସଭା ଆସନ ପାଇଁ ଫର୍ମ ୨ (ବି)ରେ ଆବେଦନ କରିପାରିବେ। ନାମାଙ୍କନପତ୍ର ଦାଖଲ କରିବାର ଅନ୍ୟୁନ ଏକଦିନ ପୂର୍ବରୁ ବ୍ୟାଙ୍କରେ ଥିବା ଅଲଗା ବ୍ୟାଙ୍କ ଆକାଉଣ୍ଟ ଖୋଲାଯିବା ଆବଶ୍ୟକ ଅଟେ। କୌଣସି ସରକାରୀ ଗୃହ ଅଧିଗ୍ରହଣ କରିଥିଲେ କୌଣସି ବକେୟା ନଥିବା ପ୍ରମାଣପତ୍ର ପ୍ରଦାନ କରିବେ। ଯଦି କୌଣସି ରାଜନୈତିକ ଦଳ (ଜାତୀୟ / ରାଜ୍ୟ) ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯାଏ ତେବେ ସଂପୃକ୍ତ ନିର୍ବାଚନ ମଣ୍ଡଳୀରେ ଜଣେ ଭୋଟର ପ୍ରସ୍ତାବକ ରହିବେ। ସେହିପରି ପଞ୍ଜିକୃତ ସ୍ୱାଧୀନ ପ୍ରାର୍ଥୀଙ୍କ ପ୍ରାର୍ଥୀତ୍ୱ ପାଇଁ ୧୦ଜଣ ଭୋଟର ପ୍ରସ୍ତାବକ ଥିବା ସମସ୍ତ କାଗଜାତ୍ ଦାଖଲ କରିବେ ବୋଲି ଜଣାଯାଇଛି ।

# ବିଜେଡ଼ିରେ ଯୋଗଦେଲେ ରାଜ୍ୟ କଂଗ୍ରେସର ସମ୍ପାଦକ ପ୍ରତାପ ଚନ୍ଦ୍ର ରାଉତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀର ରାଜ୍ୟ କଂଗ୍ରେସର ସମ୍ପାଦକ ପ୍ରତାପ ଚନ୍ଦ୍ର ରାଉତଙ୍କ ସହ ୨ ହଜାରରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ଶଙ୍ଖଭବନ ଠାରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ଓ ମତ୍ସ୍ୟ ନିଗମ ଅଧକ୍ଷ ସବୁ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ପ୍ରତାପ ଚନ୍ଦ୍ର ରାଉତ ଓ ସମସ୍ତ କଂଗ୍ରେସ କର୍ମୀଙ୍କୁ ଶ୍ରୀ ରାଉତ, ଡକ୍ଟର ପାତ୍ର ଓ ଶ୍ରୀ ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଶ୍ରୀ ରାଉତ,




ଡକ୍ଟର ପାତ୍ର ଓ ଶ୍ରୀ ପାତ୍ର କହିଥିଲେ। ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ପ୍ରତାପ ଚନ୍ଦ୍ର ରାଉତ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ଶ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲି। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୁଚାରୁ ରୂପେ ତୁଲାଇବି। ଦଳରେ ମୋତେ ଓ ମୋ ସହ ଯୋଗ ଦେଇଥିବା ସମସ୍ତ କଂଗ୍ରେସ କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ । ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ଦଧା ଗ୍ରାମପଞ୍ଚାୟତର ସରପଞ୍ଚ ନିଶିପଦ୍ମା ତାଣ୍ଡି, ସରପଞ୍ଚ ଖୁଲଣା ମାଝୀ, ସମିତି ସଭ୍ୟ ନିହାର ରଞ୍ଜନ ପଢ଼ିଆରୀ ଓ ବିଏମସିର ବହୁ କର୍ପୋରେଟର ଉପସ୍ଥିତ ଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାରତ ସ୍କାଉଟ୍ସ ଓ ଗାଇଡ୍ସ ତରଫରୁ ଜଳଦାନ ଶିବିର

**କେନ୍ଦ୍ରାପଡ଼ା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଭାରତ ସ୍କାଉଟ୍ସ ଓ ଗାଇଡ୍ସ ତରଫରୁ ଜଳଦାନ ଶିବିର ଭାରତୀ ବିଦ୍ୟା ମନ୍ଦିର ନିକଟରେ ଉଦ୍‌ଘାଟନ ହୋଇଯାଇଛି। ବିଦ୍ୟାଳୟର ସଂପାଦକ ଶାନ୍ତି ସ୍ୱରୂପ ଭୂୟାଁ, ସଭାପତି ଅଶ୍ୱନୀ କୁମାର ସାହୁ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ବିଜୟିନୀ ଦାସ, ଗାଇଡ ଶିକ୍ଷକ ଚନ୍ଦନ ଚର୍ଚ୍ଚିତ ମହାପାତ୍ର, ଶରତ ଚନ୍ଦ୍ର ନାଥ ପ୍ରମୁଖ ଉପସ୍ଥିତ ରହି ପ୍ରବଳ ଗ୍ରୀଷ୍ମ ତାପରେ ରାସ୍ତାରେ ଯାତାୟତ କରୁଥିବା ପ୍ରାୟ ୧୫୦୦ରୁ ଉର୍ଦ୍ଧ୍ୱ ଯାତ୍ରୀମାନଙ୍କୁ ଦହି ପଣା ଓ ଗ୍ଲୁକୋଜ ବଣ୍ଟନ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ସତ୍ୟବାଦି ରଥ, ପ୍ରଭାତୀ ସାମନ୍ତରାୟ, ନିରନ କର, ଶୁଭ୍ରା ପ୍ରିୟଦର୍ଶନୀ ସାହୁଙ୍କ ସମେତ ସ୍କୁଲର ସମସ୍ତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

# ଡାକ୍ତରଖାନାରେ ୫ ବର୍ଷ ହେଲା ଡାକ୍ତର ନାହାନ୍ତି : ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

**ନିଶ୍ଚିନ୍ତକୋଇଲି, ନ୍ୟୁଜ ବ୍ୟୁରୋ**

ଗ୍ରାମାଞ୍ଚଳର ଲୋକମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ନା ନା ପ୍ରକାର ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏଥିନିମନ୍ତେ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କୁ ମାଗଣାରେ ଔଷଧ ପତ୍ର ଯୋଗାଇ ଦେବା ସହ ଭିତି ଭୂମୀର ବିକାଶ ନିମନ୍ତେ କୋଟି କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଉଛନ୍ତି। ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ବ୍ଲକ ନଗସପୁର ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ୫ ବର୍ଷ ହେଲା କୌଣସି ଡାକ୍ତର ନଥିବାର ଅଭିଯୋଗ ହୋଇଛି। ଡାକ୍ତର ନଥିବା ଯୋଗୁ ଲୋକେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇବାରୁ ବଂଚିତ ହେଉଥିବାର ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ତୁରନ୍ତ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଜଣେ ନିୟମିତ ଡାକ୍ତର ଯୋଗାଇ ଦେବା ନିମନ୍ତେ ସାଧାରଣରେ ଦୃଢ ଦାବି ହୋଇଛି। ନଗସପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗତ ୧୯୯୪ ମସିହାରେ ପ୍ରତିଷ୍ଠା କରାଯାଇଥିଲା। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଚିକିତ୍ସା ନିମନ୍ତେ ସ୍ଥାନୀୟ ନଗସପୁର,



ନେମାଳ, ଦାଉଦପୁର, ଝାଡେଶ୍ୱରପୁର, ବନ୍ଧକାଟିଆ ପ୍ରଭୃତି ଗ୍ରାମପଞ୍ଚାୟତର ଶହ ଶହ ଲୋକ ନିର୍ଭର କରିଥାନ୍ତି। ସରକାରଙ୍କ ତରଫରୁ ଏଠାରେ ମାତ୍ର ଜଣେ ଆୟୁଷ ଡାକ୍ତର ଥିଲା ବେଳେ କୌଣସି ମେଡିସିନ ଡାକ୍ତର ନଥିବାର ଅଭିଯୋଗ ହୋଇଛି। ଏହି ଡାକ୍ତର ପଦବୀ ଦୀର୍ଘ ୫ ବର୍ଷ ହେଲା ଖାଲି ପଡିଥିବାର ଅଭିଯୋଗ ହୋଇଛି। ସେହିପରି ଭାବେ ଏହି ଡାକ୍ତରଖାନାରେ ଚିକିତ୍ସା ହେବା ନିମନ୍ତେ ରୋଗୀଙ୍କ ପାଇଁ କୌଣସି ବେଡର ମଧ୍ୟ ବ୍ୟବସ୍ଥା ନାହିଁ। ସରକାରଙ୍କ ତରଫରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯୋଗାଇ ଦିଆଯାଇଥିବା ଆମ୍ବୁଲାନ୍ସଟି ମଧ୍ୟ ନାହିଁ। ଏହି ଆମ୍ବୁଲାନ୍ସକୁ ଖୋର୍ଦ୍ଧା ଅଞ୍ଚଳକୁ ପଠାଇ ଦିଆଯାଇଥିବାର ଜଣାଯାଇଛି। ସରକାରଙ୍କ ତରଫରୁ କୋଟି କୋଟି ଟଙ୍କା ବ୍ୟୟ ବରାଦରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଗୃହ ନିର୍ମାଣ କରାଯାଇଥିଲେ ମଧ୍ୟ କୌଣସି ଡାକ୍ତର ନଥିବା କାରଣରୁ ଜରୁରୀ କାଳୀନ ପରିସ୍ଥିତିରେ କିମ୍ବା ରାତି ଅଧରେ ଏଠାକୁ ରୋଗୀମାନେ ଆସି ନିରାଶରେ ଫେରିବାକୁ ବାଧ ହୋଇଥାନ୍ତି। ଏପରିକି ଡାକ୍ତର ନଥିବା କାରଣରୁ ବହୁ ରୋଗୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇନପାରି ଅକାଳରେ ମୃତ୍ୟୁ ମୁଖରେ ପଡୁଥିବାର ଅଭିଯୋଗ ହୋଇଛି। ତେବେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଏକମାତ୍ର ଫାର୍ମାସିଷ୍ଟ ଉପସ୍ଥିତ ରହି ରୋଗୀ ସେବା କରୁଥିବାର ଜଣାଯାଇଛି। ଡାକ୍ତର ନଥିଲା ବେଳେ କୋଟି କୋଟି ଟଙ୍କା ବ୍ୟୟରେ ଗୃହ ନିର୍ମାଣ କରାଯିବା କାହା ସ୍ୱାର୍ଥରେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାରଙ୍କ ତରଫରୁ ତୁରନ୍ତ ଏହି ସ୍ୱାସ୍ଥ୍ୟକେନ୍ଦ୍ର ନିମନ୍ତେ ଜଣେ ସ୍ଥାୟୀ ଡାକ୍ତର ଯୋଗାଇ ଦେବାକୁ ଯୁବନେତା ସାରଳାପୁତ୍ର ଶ୍ରୀରାମ ବିନୋଦ ଷଡଙ୍ଗୀ ଦୃଢ ଦାବି କରିଛନ୍ତି। ନଚେତ ଆଗାମୀ ଦିନ ସ୍ଥାନୀୟ ଲୋକେ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚରମ ଚେତାବନୀ ଦେଇଛନ୍ତି।

## କଳାକାର ସମ୍ମାନ ଉତ୍ସବ

# ସଂସ୍କୃତି, ଐତିହ୍ୟ, ପରମ୍ପରାକୁ କଳାକାରମାନେ ଉଜ୍ଜିବିତ୍ କରିଥାଆନ୍ତି



**ରସୁଲପୁର, ନ୍ୟୁଜ ବ୍ୟୁରୋ**

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତର ମା' ହିଙ୍ଗୁଳାଙ୍କ ପୀଠର ସାଂସ୍କୃତିକ ମଞ୍ଚରେ କଳାକାର ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ହିଙ୍ଗୁଳା କମିଟିର କାର୍ଯ୍ୟକାରୀ ସଭାପତି ଶଶିଭୂଷଣ ପରିଡାଙ୍କ ପୌରହିତ୍ୟରେ ଆୟୋଜିତ କଳାକାର ସମ୍ମାନ ଉତ୍ସବରେ ଯାତ୍ରା କଳାକାରମାନଙ୍କୁ ସମ୍ମାନିତ କରାଯାଇଛି । ସମାଜରେ ସଂସ୍କୃତି, ଐତିହ୍ୟ, ପରମ୍ପରାକୁ କଳାକାରମାନେ ଉଜ୍ଜିବିତ୍ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଆନ୍ତି ଏବଂ କଳାର ଅବସର ନଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ସ୍ମୃତିରେଖା ରାଉତ, ସମ୍ମାନିତ ଅତିଥି ଭାବରେ ସମିତିସଭ୍ୟ ରଞ୍ଜିତ ସାହୁ, କମିଟିର ସଂପାଦକ ଶଶିଭୂଷଣ ରାଉତ ପ୍ରମୁଖ ଯୋଗଦେଇ ବରିଷ୍ଠ ଯାତ୍ରା କଳାକାର ମହେଶ୍ୱର ପଣ୍ଡା (ମଇନ ନନା), ଦୈତାରୀ ପଣ୍ଡାଙ୍କୁ ସମ୍ମାନିତ କରାଯାଇଛି। ଜୀବନକାଳର ଅଧିକାଂଶ ବୟସ ମଞ୍ଚରେ କଳା ପ୍ରଦର୍ଶନ କରିଥିଲେ। ଯେଉଁ ମଞ୍ଚରେ କଳା ପ୍ରଦର୍ଶନ କରି ଲୋକଙ୍କୁ ମନୋରଞ୍ଜନ ଯୋଗାଇ ଆସୁଥିଲେ। ସେହି ମଞ୍ଚରେ ସେମାନଙ୍କୁ ସମ୍ମାନିତ କରାଯାଉଥିବାରୁ କଳାକାରମାନେ ଖୁସି ପ୍ରକଟ କରିବା ସହ ପରିଚାଳନା କମିଟିର ଏଭଳି ପଦକ୍ଷେପକୁ କୃତଜ୍ଞତା ଜ୍ଞାପନ କରିଥିଲେ । କମିଟି ପକ୍ଷରୁ ଅମୀୟ ଭୂଷଣ ପାତ୍ର, ଅନିଲ କୁମାର ସାମନ୍ତରାଏ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ । ସମ୍ମାନିତ କଳାକାରମାନଙ୍କୁ କମିଟି ପକ୍ଷରୁ ମାନପତ୍ର, ଉତ୍ତରଣୀୟ ଓ ଉପହାର ଦେଇ ସମ୍ମାନିତ କରାଯାଇଥିଲା ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ

(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)

ମୋବାଇଲ୍-୯୩୩୭୬୯୩୦୨୨

csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୨୯।୪।୨୦୨୪, ବୈଶାଖ ଦି୧୬ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୦୫।୧୯।୪୩ ଚନ୍ଦ୍ରୋଦୟ- ରାଘ ୧୧।୧୮।୦୪**

ପଞ୍ଚମୀ- ଦିଘ ୭।୫୮ ପର୍ଯ୍ୟନ୍ତ । ପୂର୍ବାଷାଢ଼ା ନକ୍ଷତ୍ର- ନିଘ ୪।୪୨ ପର୍ଯ୍ୟନ୍ତ । ଧନୁ ଚନ୍ଦ୍ର- ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି** - ମିଥୁନ, କର୍କଟ, କନ୍ୟା, ଧନୁ, ମକର ଓ ମୀନ ରାଶିର । **ଘାତଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବେଲ ଦିଘ ୭।୫୮ ପରେ ନିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୩ ଗତେ ଘ ୬।୫୭ ମଧ୍ୟେ। ଦିଘ ୧୦।୨୮ ଗତେ ଘ ୧।୦୧ ମଧ୍ୟେ ।



**ମେଷ:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହୋଇପାରନ୍ତି। ନିଜର ଅନିଚ୍ଛା ସତ୍ତ୍ୱେ ହଠାତ୍ ଦୂରକୁ ଯାତ୍ରା କରିବାକୁ ପଡିପାରେ। ରୋଜଗାର ସ୍ଥିର ରହିବ। ଘରେ ଆନନ୍ଦ ଦେଖାଦେବ।



**ବୃଷ:** ଦୁଃସାଧ କାର୍ଯ୍ୟ କରି ସହଯୋଗ ଲାଭ କରିବେ। ଆୟ ଓ ବ୍ୟୟ ସମାନ ରହିବ।, ବନ୍ଧୁଙ୍କ ସହଯୋଗ ଲାଭ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ମାଲିମୋକଦମାରେ ଶୁଣାଣି ବିଳମ୍ବ ହୋଇପାରେ।



**ମିଥୁନ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଯାନବାହାନ ଚାଳନାରେ ସାମାନ୍ୟ ସତର୍କତା ଅବଲମ୍ବନୀୟ । ଦେହ ଓ ମନ ଭଲ ରହିବ। ଆୟର ପରିମାଣ ବଢିପାରେ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ।



**କର୍କଟ:** ହଠାତ୍ କୌଣସି ଏକ ଖବର ପାଇ ଆନନ୍ଦ ଅନୁଭୁତି କରିବେ। ଦେବ ଦର୍ଶନ ସହ ଶୁଭ କାର୍ଯ୍ୟ ମଧ କରିପାରନ୍ତି। ଆର୍ଥିକ ସ୍ଥିତି ଭଲ ରହିବ। ଘରେ ଶାନ୍ତିର ବାତାବରଣ ରହିବ।



**ସିଂହ:** କାର୍ଯ୍ୟକ୍ଷେତ୍ରରେ ସାମାନ୍ୟ ବିଳମ୍ବ ଦେଖାଦେବ। ମାନସିକ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରିବ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହୋଇପାରନ୍ତି।



**କନ୍ୟା:** ଅଣ୍ଟି ଛୁରୀ ତଣ୍ଟି କାଟିଲା ପରି ଆପଣାର ଲୋକ ବିଶ୍ୱାସଘାତକ କରିପାରନ୍ତି। ରୋଜଗାର ମଧ୍ୟ ହେବ। ବେପାର ବାଣିଜ୍ୟ କ୍ଷେତ୍ରରେ ମଧ୍ୟମ ଫଳ ପାଇବେ। ଘରେ କଳହ ଓ ଅଶାନ୍ତି ଦେଖାଦେବ।



**ତୁଳା:** ବ୍ୟବସାୟରେ ଲାଭବାନ ହେବେ। ଦେହ ଓ ମନ ଭଲ ରହିବ। ଘରେ ଆନନ୍ଦ ଦେଖାଦେବ। ବନ୍ଧୁ ଦର୍ଶନ ସହିତ ସାହାର୍ଯ୍ୟ ସହଯୋଗ ମଧ ପ୍ରାପ୍ତ ହେବ। ଆୟରେ ଉନ୍ନତି।



**ବିଛା:** ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ। କାମ ନିମନ୍ତେ ଦୂରକୁ ଯାତ୍ରା କରିପାରନ୍ତି। ଘରେ ସୁଖ ଶାନ୍ତି ରହିବ। ଉତ୍ତମ ଭୋଜନ କରିପାରନ୍ତି। ପୁରାତନ ବନ୍ଧୁଙ୍କ ସହ ଭେଟ ହୋଇପାରେ।



**ଧନୁ:** ହଠାତ୍ କୌଣସି ଖବର ପାଇ ଆସଦିତି ହେବେ। ଦେବ ଦର୍ଶନ ସହିତ ଧର୍ମ କାର୍ଯ୍ୟରେ ମନ ଦେବେ। ପାରିବାରିକ ଜୀବନ ଶାନ୍ତିମୟ ହେବ। ରୋଜଗାର ଭଲ ହେବ।



**ମକର:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହେବ। ଦିନଟି ଆପଣଙ୍କ ନିମନ୍ତେ ସମସ୍ୟା ବହୁଳ ହେବ। ଆୟ ଓ ବ୍ୟୟ ସମାନ ରହିବ। ଘରେ ଦୁଶ୍ଚିନ୍ତା ଦେଖାଦେବ। ମନ ଅସ୍ଥିର ରହିବ।



**କୁମ୍ଭ:** ଉତ୍ତମ ଭୋଜନ କରିପାରନ୍ତି। ବ୍ୟବସାୟ ମଧ୍ୟମ ଧରଣର ଚାଲିବ। ଦାମ୍ପତ୍ୟ ଜୀବନ ମଧୂରମୟ ହେବ। ଆୟରେ ଉନ୍ନତି ଦେଖାଦେବ। ଦେହ ଭଲ ରହିବ।



**ମୀନ:** ଅତ୍ୟଧିକ ପରିଶ୍ରମ ହେତୁ କ୍ଳାନ୍ତି ଅନୁଭବ କରିବେ। ଅପେକ୍ଷା କରିଥିବା ଖବରଟି ଅପରାହ୍ନେ ପାଇ ପାରନ୍ତି। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଘରେ ଶାନ୍ତିର ବାତାବରଣ ରହିବ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୩୦।୪।୨୦୨୪, ବୈଶାଖ ଦି୧୭ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୦୫।୧୯।୦୬ ଚନ୍ଦ୍ରୋଦୟ- ରାଘ ୧୨।୧୦।୧୦**

ଷଷ୍ଠୀ- ପ୍ରାଘ ୭/୦୫ ପର୍ଯ୍ୟନ୍ତ । ଉତ୍ତରାଷାଢ ନକ୍ଷତ୍ର- ରାଘ ୪।୦୯ ପର୍ଯ୍ୟନ୍ତ । ଧନୁଚନ୍ଦ୍ର- ଦିଘ୧୦/୩୫ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି** - ମିଥୁନ, କର୍କଟ, କନ୍ୟା, ଧନୁ, ମକର ଓ ମୀନ ରାଶିର ଦିଘ ୧୦/୩୫ ଗତେ ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର ଦିଘ ୧୦/୩୫ ଗତେ ସିଂହ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ନିମ୍ବ ପ୍ରାଘ ୭/୦୫ ପରେ ତାଳ ଖାଇବା ମାନ। **ଆଜିର ଶୁଭବେଳା-** ଦିଘ ୮।୩୨ ଗତେ ଘ ୧୦।୨୭ ମଧ୍ୟେ। ଦିଘ ୧୧।୦୧ ଗତେ ଘ ୧।୨୩ ମଧ୍ୟେ । **ପର୍ବୋତ୍ସବ** - ଶରଣ ପଞ୍ଚକ ଆରମ୍ଭ।

ସମ୍ପାଦକୀୟ

30 YEARS

ସମ୍ବାଦ କଳିକା

# ହାଣ୍ଡିଶାଳ ଉପରେ ମାଡ଼

ଗତ କିଛି ମାସ ଧରି ଦେଶରେ ରୋଷେଇ ସାମଗ୍ରୀ ଦାମ୍‌ରେ ଯେଉଁଭଳି ବୃଦ୍ଧି ଘଟିଛି ତାହା ଗୃହସ୍ୱାମୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ସ୍ୱଳ୍ପ ଆୟରେ ଘର ଚଳାଇବା ବହୁ ଲୋକଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। କେବଳ ଟମାଟୋ ମୂଲ୍ୟ ବେଲଗାମ ହୋଇନାହିଁ, ରୋଷେଇ କାର୍ଯ୍ୟରେ ବ୍ୟବହାର ହେଉଥିବା ବହୁ ସାମଗ୍ରୀ ମହଙ୍ଗା ହୋଇଛି। ସରକାର ଜାରି କରିଥିବା ତଥ୍ୟରୁ ଏହା ସ୍ପଷ୍ଟ ହୋଇଛି ଡାଲି ଓ ତରକାରୀର ଅବିଚ୍ଛେଦ୍ୟ ଅଂଶ ବୋଲି କୁହାଯାଉଥିବା ଟମାଟୋ ଦାମ ୧୦୦ ଟଙ୍କାରୁ ଅଧିକ ଦାମ୍‌ରେ ବିକ୍ରି ହେଉଛି। କେତେକ ସ୍ଥାନରେ ଏହାର ଦାମ ୨୫୦ ଟଙ୍କାରୁ ବି ଅଧିକ ରହିଛି। ତେବେ ସଂସଦରେ ଉପଭୋକ୍ତା ବ୍ୟାପାର ମନ୍ତ୍ରଣାଳୟ ପ୍ରଦାନ କରିଥିବା ତଥ୍ୟରୁ ଜଣାପଡ଼ିଛି ଯେ ଗତ ଏକ ବର୍ଷ ଭିତରେ ହରଡ଼ ଡାଲି ଦାମ୍‌ରେ ସର୍ବାଧିକ ୨୮% ବୃଦ୍ଧି ହୋଇଛି। ଚାଉଳ ଦାମ୍ ୧୦.୫% ବଢ଼ିଥିବା ବେଳେ ବିରି ଓ ଅଟା ୮% ଲେଖାଏଁ ମହଙ୍ଗା ହୋଇଛି। ବର୍ଷକ ପୂର୍ବେ ଚାଉଳ କେ.ଜି ୩୭ ଟଙ୍କାରେ ବିକ୍ରି ହେଉଥିଲା। ଏବେ ସେହି ଦାମ୍ ୪୧ ଟଙ୍କାକୁ ବୃଦ୍ଧି ପାଇଛି। ଉତ୍ପାଦନରେ ହ୍ରାସ ହୋଇଥିବାରୁ ହରଡ଼ ଡାଲି ଦାମ ବୃଦ୍ଧି ପାଇଛି ବୋଲି ସରକାର କହିଛନ୍ତି। ସରକାରଙ୍କ ଅଗ୍ରୀମ ଆକଳନରୁ ଜଣାପଡ଼ିଛି ଯେ, ୨୦୨୨–୨୩ରେ ହରନ ଡାଲି ଉତ୍ପାଦନ ୩୪.୩ ଲକ୍ଷ ଟନ୍‌କୁ ହ୍ରାସ ପାଇଛି। ତାହାର ପୂର୍ବବର୍ଷ ୪୨.୨ ଲକ୍ଷ ଟନ୍ ହରଡ଼ ଡାଲି ଉତ୍ପାଦନ ହୋଇଥିଲା। ଉପଭୋକ୍ତା ବ୍ୟାପାର ମନ୍ତ୍ରଣାଳୟ ତଥ୍ୟ ଅନୁସାରେ ବର୍ଷକ ଭିତରେ ହରଡ଼ ଡାଲି ଦାମ ୧୦୬ ଟଙ୍କା ୫୦ ପଇସାରୁ ବୃଦ୍ଧି ପାଇ ୧୩୬ ଟଙ୍କା ହୋଇଛି। ଦେଶର ଆଳୁର ହାରାହାରି ଦାମ୍ ଗତବର୍ଷ ତୁଳନାରେ ୧୨ ପ୍ରତିଶତ କମ ଥିବା ବେଳେ ପିଆଜ ଦାମ ୫% ଅଧିକ ରହିଛି। ଗତବର୍ଷ ଟମାଟୋର ହାରାହାରି ଦାମ୍ ୩୪ ଟଙ୍କା ଥିବା ବେଳେ ଚଳିତ ବର୍ଷ ତାହା ୧୪୦ ଟଙ୍କାକୁ ବୃଦ୍ଧି ପାଇଛି। ଉତ୍ତରପ୍ରଦେଶର ବୁଲନ୍ଦସହରରେ ଟମାଟୋ ମୂଲ୍ୟ ସର୍ବାଧିକ ୨୫୭ ଟଙ୍କା ରହିଛି। ଟମାଟୋ ଦରବୃଦ୍ଧି ସମ୍ପର୍କରେ ସରକାର କହିଛନ୍ତି ଯେ, କର୍ଣ୍ଣାଟକରେ କୀଟ ଆକ୍ରମଣ, ହଠାତ୍ ମୌସୁମୀ ବର୍ଷା ହେବା ଓ ପରିବହନରେ ସମସ୍ୟା ଯୋଗୁଁ ଟମାଟୋ ମହଙ୍ଗା ହୋଇଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,**
**କମଳା, ଶ୍ରୀ ହରପ୍ରିୟା**
**ଇନ୍ଦିରା, ଲୋକ ମାତା, ମା'**
**କ୍ଷୀରବ୍ଧୀ ତନୟା ରମା ।'**


ଶ୍ରୀ ଅଭିରାମ ସରସ୍ୱତୀ

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)
(କ୍ରମଶଃ)

# ଉନବିଂଶ ଶତାବ୍ଦୀ ଓ ଫକୀରମୋହନ (୧)



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ଘଟଣା ବହୁଳ ଉନବିଂଶ ଶତାବ୍ଦୀ। ଏଇ ଶହେ ବର୍ଷର ଅବଧି, ଓଡ଼ିଶା ପାଇଁ ଅତୀବ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶା ଜନଜୀବନରେ ଆସିଲା ନାନାଦି ପରିବର୍ତ୍ତନ। ରାଜନୀତିକ ପଟଚିତ୍ର ବଦଳିଲା। ଇଷ୍ଟ ଇଣ୍ଡିଆ କମ୍ପାନୀ ଓଡ଼ିଶା ଅଧିକାର କଲା (୧୮୦୩)। ଅହେତୁକ ଭାବେ ଆଶାଟେ ସଞ୍ଚରିଲା। ହୁଏତ ଆଗନ୍ତୁକଙ୍କ ପ୍ରଶାସନ ଶାନ୍ତି ଫେରାଇ ଆଣିବ! ଏ ଆଶା ଆଶାରେ ରହିଲା। ବିଦେଶୀୟ ଆଫଗାନ୍, ମୋଗଲ, ସ୍ୱଦେଶୀୟ ମରହଟ୍ଟା, ବଙ୍ଗୀୟ - ସେମାନେ ଥିଲେ ଅତ୍ୟାଚାରୀ, ଶୋଷଣ ଲୁଣ୍ଠନ ଚରମସୀମାରେ। ନବାଗତ ଇଂରେଜମାନେ ସେଥିରୁ ବାଦ୍ ପଡ଼ିଲେନି। ଫିରିଙ୍ଗି କର୍ମଚାରୀ, ସାହୁକାର, ଗୁମାସ୍ତା, ଜମିଦାର - ସମସ୍ତେ ଜନ ଜୀବନର ଗଳଗ୍ରହ। ଏମାନଙ୍କର ଶୋଷଣ, ଅତ୍ୟାଚାର ମାତ୍ରାଧିକ। ସାଧାରଣ ରଇତ ତ୍ରାହି ତ୍ରାହି ଡାକିଲେ। ଖଚ, ମିଛ, ଲାଞ୍ଚ - କ୍ରମେ କାୟା ବିସ୍ତାର କଲା। ସରକାରୀ କର୍ମଚାରୀ, ସେମାନଙ୍କ ମଧ୍ୟରୁ ଅନେକ ଅସାଧୁ। ସେମାନେ ଓଡ଼ିଶା ରାଜକୋଷ ଲୁଟିଲେ। ଭୀତକାତର ଓଡ଼ିଆଏ, ଶେଷରେ ସଂଗ୍ରାମ ପାଇଁ ସଜବାଜ ହେଲେ। ଫିରିଙ୍ଗି ପୁଲିସ, ନାଲିଟୋପିଆ। ଏମାନେ ଖୁବ୍ ନିଷ୍ଠୁର, ଲାଞ୍ଚଖୋର ବି। ତାଙ୍କୁ ଦେଖିଲେ ଗାଁମାନଙ୍କରେ ତାଟି କବାଟ ପଡ଼ିଯାଏ। ଗର୍ଭବତୀ ବାଘୁଣୀ ସେମାନଙ୍କୁ ବାଟ ଛାଡ଼ିଦିଏ। ଏହା ସତ୍ତ୍ୱେ ସେମାନେ ସମାଜରୁ ନାନାଦି ଅପକର୍ମ ହଟାଇଥିଲେ। ନକଲି ବାବା, ମାତାଜୀ, ଦୁର୍ଦ୍ଧର୍ଷ ଡକାୟତ, ଏମାନଙ୍କୁ ସାବାଡ଼ କଲେ। ଜନତାଙ୍କ ଧନଜୀବନ ରକ୍ଷା ପାଇଲା।

ପାଶ୍ଚାତ୍ୟ ଶିକ୍ଷାର ପ୍ରଚାର ପ୍ରସାର। ଉନବିଂଶ ଶତାବ୍ଦୀର ଏଇଟି ଉଲ୍ଲେଖନୀୟ ଘଟଣା। ଓଡ଼ିଆଏ ଇଂରାଜୀ ପଢ଼ିଲେ। ସରକାରୀ ଚାକିରି ପାଇଲେ। ସହରରେ ରହିଲେ। ହେଲେ ପାଠୁଆବାବୁମାନେ କ୍ରମେ ଗାଁକୁ ଭୁଲିଲେ। ପାଶୋରିଲେ ଆପଣା ମର୍ଯ୍ୟାଦା ସମ୍ପନ୍ନ ସଂସ୍କାର, ସଂସ୍କୃତିକୁ। ଅନେକ ଇଂରେଜ ପଢ଼ୁଆ, ବାଛବିଚାର ରଖିଲେନି। ପାଶ୍ଚାତ୍ୟ ଚାଲିଚଳଣିକୁ ଆଦରି ନେଲେ। ସୁରାପାନ, ଏକାଧିକ ନାରୀ ରମଣରେ ମଜ୍ଜି ରହିଲେ। ଇଂରେଜମାନଙ୍କ ପାଇଁ ଉଷ୍ଣ ପ୍ରଦାୟକ ପାନୀୟ ଏକ ଆବଶ୍ୟକତା, ବହୁ ନାରୀ ବିଳାସ ସେମାନଙ୍କ ଚଳଣି। ଏ ଦୁଇଟି ଓଡ଼ିଶା ପାଇଁ ଅପସଂସ୍କୃତି। ଏକଥା ଅନେକ ବୁଝିଲେନି। ଶୁଣ୍ଡୀପିଣ୍ଡା, ବେଶ୍ୟାଘରେ ରାତି କାଟିଲେ। ସୃଷ୍ଟି ହେଲା ଗୋଟେ ବିକଳ ସାମାଜିକ ସ୍ଥିତି। ଚୋରି ନାରୀ ବଢ଼ିଲା। ମଦୁଆଏ କୁଳଲକ୍ଷ୍ମୀଙ୍କୁ ହତାଦର କଲେ। ବହୁ ଶିକ୍ଷିତ, ସଚେତନ ନାଗରିକ, ସମାଜସେବୀ; ନିଶାପାନ, ବେଶ୍ୟାବୃତ୍ତିକୁ ବିରୋଧ କଲେ। ସମାଜ ସଚେତନତା ସୃଷ୍ଟି ହେଲା। ନିଶା ନିବାରଣ ପ୍ରୟାସ ଜାରି ରହିଲା। ପାଶ୍ଚାତ୍ୟ ଶିକ୍ଷାର ଏହା ଅମୃତମୟ ଦିଗ; ମାତ୍ର ହଳାହଳ ଦିଗ କିଛି କମ୍ ନ ଥିଲା। ଉନବିଂଶ ଶତାବ୍ଦୀରେ ନାରୀଶିକ୍ଷା ଏକ ଯୁଗାନ୍ତକାରୀ ଘଟଣା।

ଉନବିଂଶ ଶତାବ୍ଦୀର ପ୍ରାରମ୍ଭ। ନାରୀଶିକ୍ଷା ପ୍ରାୟ ନ ଥିଲା। ଝିଏ ପଢ଼ିବାତ ଦୂରର କଥା, ଏରୁଣ୍ଡିବନ୍ଧ ଡେଇଁବା ସେମାନଙ୍କ ପାଇଁ ନା। ଶିକ୍ଷିତ ବାବୁମାନେ, ଆପଣା ଆପଣା ନବବିବାହିତା ଭାର୍ଯ୍ୟା ଅବା ଯୁବତୀ ଭଗିନୀ - ଏମାନଙ୍କ ନାଁ ଅନ୍ୟ ଆଗରେ ପ୍ରକାଶ କରୁ ନ ଥିଲେ। ନାରୀମାନଙ୍କ ସ୍ଥାନ ରୋଷେଇ ଶାଳରେ - ଏ ଚିନ୍ତନଟି ବଳବତ୍ତର ଥିଲା। ପ୍ରାଚୀନ ପ୍ରଥା ପରମ୍ପରାପିଷ୍ଟ ଜନଜୀବନ। ହିନ୍ଦୁ ସମାଜର କଠୋର ନିୟମ। ଏହାକୁ ଏଡ଼ାଇବା ସମ୍ଭବ ନ ଥିଲା। ନାରୀଶିକ୍ଷାର ପ୍ରୋତ୍ସାହନ ଆଦୌ ନ ଥିଲା। ଝିଏ ପଢ଼ିଲେ ଭ୍ରଷ୍ଟାଚାର ବ୍ୟାପିବ, ଏ ପ୍ରକାର ଆଶଙ୍କା ବଳବତ୍ତର ଥିଲା। ନାରୀ ସତୀତ୍ୱକୁ ରୁଦ୍ଧ କପାଟ ଭିତରେ ରକ୍ଷା କରିବା ପ୍ରୟାସ ଜାରି ରହିଥିଲା। ସମୟ ବଦଳିଲା। ଖ୍ରୀଷ୍ଟିୟାନ ମିଶନାରୀମାନେ, ପ୍ରଥମେ ନାରୀ ଶିକ୍ଷା ପ୍ରସାରରେ ମନଦେଲେ। ରାଜା-ବିଷୟୀ ସମ୍ପନ୍ନ କରଣ, ଏମାନେ ନିଜ ନିଜ ଘରେ ପାଠ ମା' ରଖିଲେ। ନିଜ ଝିଅଙ୍କୁ ପଢ଼ାଇଲେ। ସେତେବେଳକା ସମାଜ, ଅତି ବୁଦ୍ଧିମାନ ଶିକ୍ଷିତ ପୁରୁଷ, ସେମାନେ ବି ନାରୀଶିକ୍ଷା ବିରୁଦ୍ଧରେ। ପାଠପଢ଼ି କ'ଣ ଝିଅମାନେ ଗୋମାସ୍ତାଗିରି କରିବେ ନା କଚେରିରେ ଅମଲା ହେବେ? ଏ ଧାରଣାଟି ଥିଲା। ବହୁ ସମାଜ ସଂସ୍କାରକ, ବୁଦ୍ଧିଜୀବୀ, ନାରୀଶିକ୍ଷା ପାଇଁ ଅଣ୍ଟା ଭିଡ଼ିଲେ। ସେମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ଫକୀରମୋହନ ସେନାପତି। ବାଲେଶ୍ୱରରେ ବାଳିକା ସ୍କୁଲଟେ ବସାଇଲେ। ଏଥି ପାଇଁ ଢେର୍ ନିନ୍ଦା ସହିଲେ। ଭର୍ତ୍ସନାକାରୀଙ୍କ ମଧ୍ୟରେ ରାଜା ଶ୍ୟାମାନନ୍ଦ ଦେ ଅନ୍ୟତମ। ସମାଜ ବଦଳିଲା, କ୍ରମେ ନାରୀଶିକ୍ଷାର ପ୍ରଚାର ପ୍ରସାର ହେଲା।

ପ୍ରାକ୍ ସ୍ୱାଧୀନତା କାଳ, ଜନ ଜୀବନ କୁସଂସ୍କାର, ଅନ୍ଧବିଶ୍ୱାସରେ ପରିପୂର୍ଣ୍ଣ। ବାଲ୍ୟବିବାହ, ସତୀଦାହ ପ୍ରଥା, ପ୍ରଥମ କନ୍ୟା ସନ୍ତାନକୁ ଗଙ୍ଗା ମାତାଙ୍କୁ ଉଚ୍ଛେଇଁ ଦେବା, ଜଗନ୍ନାଥଙ୍କ ରଥ ଚକ ତଳେ ଆତ୍ମବଳି, କନ୍ଧ ନରବଳି ପ୍ରଥା, ବିଧବାର ଦୟନୀୟ ଅବସ୍ଥା - ଏସବୁ ଜନଜୀବନକୁ କଳା କାଳିମାଗ୍ରସ୍ତ। ଠଗ ମାନଙ୍କର ଉତ୍ପାତ ବଢ଼ିଲା। ଦିନ ଦି' ପହରରେ ରାହାଜାନି। ଜନଜୀବନ ଆତଙ୍କିତ। ସେତେବେଳକା ଗଭର୍ଣ୍ଣର ଜେନେରାଲ ଲର୍ଡ଼ ବେଣ୍ଟିକ୍। ଠଗମାନଙ୍କୁ ସମୂଳେ ଦମନ କଲେ। ଓଡ଼ିଶାରେ ପ୍ରଚଳିତ ଥାଏ ନାନାଦି କୁସଂସ୍କାର, ଅନ୍ଧବିଶ୍ୱାସ ଢେର୍। ଭୂତପ୍ରେତ, ଡାହାଣୀ ଭୟ, କାଳିସୀ, ବାଉତୀ ଲାଗିବା, ବୀରପେଶିବା, ସ୍ତମ୍ଭନ, ମୋହନ ଉଚ୍ଚାଟନ ଆଦି ତନ୍ତ୍ର ବିଦ୍ୟା। ଏଥିସହ ଗୁଣିଗାରୁଡ଼ି, ଏଥିରେ ଲୋକଙ୍କ ଗଭୀର ବିଶ୍ୱାସ। ଗାଁରେ ବାଡ଼ି, ବସନ୍ତ ବ୍ୟାପେ। ଚାଲେ ଠାକୁରାଣୀଙ୍କ ମାଜଣା, ପଣା ଅର୍ପଣ, ନାମସଂକୀର୍ତ୍ତନ। ଗାଁରେ ଚଣ୍ଡୀ ଚାମୁଣ୍ଡା ପଶିଛନ୍ତି। ଶହେ ପଚାଶେ ମୁଣ୍ଡନେବେ, ତାଙ୍କୁ ସନ୍ତୁଷ୍ଟ କରିବାକୁ ହେବ। ସେଥିପାଇଁ ଠାକୁରାଣୀଙ୍କ ତୁଷ୍ଟିକରଣ। ଏଇଟି ପୂରା ଅନ୍ଧବିଶ୍ୱାସ। ଏମିତି ଆହୁରି ଅନେକ। ଶିକ୍ଷିତ ଯୁବଗୋଷ୍ଠୀ, ସମାଜସେବୀ, ସଂସ୍କାରବାଦୀ ସଂଗଠନ; ଅନ୍ଧବିଶ୍ୱାସ ବିଲୋପ ପାଇଁ ଆଗେଇ ଆସିଲେ। ଇଂରେଜ ଶାସକ ଦୃଢ଼ ନିଷ୍ପତ୍ତିମାନ ନେଲେ। ସମାଜରୁ ଅନ୍ଧବିଶ୍ୱାସ ଧୀରେ ଧୀରେ ଲୋପ ପାଇଲା।

ଉନବିଂଶ ଶତାବ୍ଦୀର ଅତ୍ୟାଚାରିତ ବିମର୍ଷ ଜନଜୀବନ। ଆର୍ଥନୀତିକ ଦୁର୍ଗତିରେ ଅଣନିଶ୍ୱାସ। ଏହା ସତ୍ତ୍ୱେ; ବହୁ ସାମାଜିକ ପରିବର୍ତ୍ତନମାନ ଆସିଲା। ସାରା ଭାରତ ସହ ଓଡ଼ିଶା ପାଦ ମିଶାଇ ଚାଲିଲା। ମୁକ୍ତିଯୁଦ୍ଧରେ ଛାମୁଆ ବାହିନୀରେ ରହିଲା। ଉନବିଂଶ ଶତାବ୍ଦୀର ସାମାଜିକ ବ୍ୟଥା ବେଦନା, ତ୍ୟାଗ ତିତିକ୍ଷା, ହର୍ଷ ବିଷାଦର କାହାଣୀ। ଆକର୍ଷଣ କଲା ବହୁ ସାରସ୍ୱତ ସାଧକଙ୍କୁ। ସେଇ କଥା କାହାଣୀ, ସ୍ଥାନିତ ସେମାନଙ୍କ କାଳଜୟୀ ସାହିତ୍ୟକୃତିରେ। ସେଇ ସ୍ୱନାମଧନ୍ୟ ସ୍ରଷ୍ଟାଗଣଙ୍କ ମଧ୍ୟରେ ଅଗ୍ରଗଣ୍ୟ ବ୍ୟାସକବି ଫକୀରମୋହନ ସେନାପତି। ତାଙ୍କର ରାଶିରାଶି ସାହିତ୍ୟକୃତି। ସମକାଳୀନ ସମାଜଚିତ୍ର। ଲେଖକଙ୍କ ଗଳ୍ପ, ଉପନ୍ୟାସ, ଆପଣେଇ ନେଇଛି, ହୋଇଯାଇଛି କାଳଜୟୀ।

ଗଦ୍ୟ ସାହିତ୍ୟ-ସମ୍ରାଟ ଫକୀରମୋହନ ସେନାପତି (୧୮୪୩-୧୯୧୮)। ତାଙ୍କ ବାଲ୍ୟଜୀବନ ସଂଘର୍ଷପୂର୍ଣ୍ଣ। କେବେ ଅଝାଳ ସିଲେଇ, ଜାହାଜାତି କାରବାର ତ ଗୁମାସ୍ତାଙ୍କର ମେଟ୍। ପରେ ସ୍କୁଲ ମାଷ୍ଟ୍ରେ। ଶେଷରେ ଦେବାନ, ଆଡ଼ମିନିଷ୍ଟ୍ରେଟ୍‌ର। ଓଡ଼ିଆ ଜନଜୀବନ ସହ ସେ ଓତପ୍ରୋତ ଭାବେ ସଂଶ୍ଳିଷ୍ଟ। ଜୀବନକୁ ଦେଖିଲେ ଖୁବ୍ ନିକଟରୁ। ଜନତାର ହା-ହୁତାଶ, ବ୍ୟଥା-ବେଦନା, ସାମାଜିକ ଦୁଃସ୍ଥିତି ଆଦି ନାନା ଘଟଣା; ମ୍ରିୟମାଣ ଫକୀରମୋହନ। ଦ୍ରଷ୍ଟା ଫକୀରମୋହନ ହେଲେ ସ୍ରଷ୍ଟା ଫକୀର ମୋହନ। ତଟସ୍ଥ ଭାବେ ଆଙ୍କି ଚାଲିଲେ ଜନତାଙ୍କ ସୁଖ, ଦୁଃଖ, ହାନି, ଲାଭ, ସଂଗ୍ରାମ ସଂଘାତ କଥା। ସାହିତ୍ୟର ବିଭିନ୍ନ ବିଭାରେ ଲେଖନୀ ଚାଳନା କଲେ। କାବ୍ୟ, କବିତା, ସ୍କୁଲ ପାଠପଢ଼ା ବହି ଲେଖିଲେ। ମନ ମାନିଲାନି। ଗଦ୍ୟକୁ ଆପଣେଇ ନେଲେ। ଲେଖିଲେ ଚାରୋଟି ଉପନ୍ୟାସ - (୧) ଛ'ମାଣ ଆଠଗୁଣ୍ଠ, (୨) ମାମୁ, (୩) ଲଛମା, (୪) ପ୍ରାୟଶ୍ଚିତ। ତାଙ୍କ ଲେଖନୀରୁ ଜନ୍ମନେଲା କୋଡ଼ିଏଟି କ୍ଷୁଦ୍ରଗଳ୍ପ। କେହି କେହି ସମାଲୋଚକ ଭିନ୍ନ ମତ ପୋଷଣ କରନ୍ତି। 'ଲଛମନିଆ' ତାଙ୍କର ପ୍ରଥମ କ୍ଷୁଦ୍ର ଗଳ୍ପ ବୋଲି କହନ୍ତି; ମାତ୍ର ଏହା ପଛରେ କୌଣସି ବଳିଷ୍ଠ ଯୁକ୍ତି ନ ଥିଲା ପରି ମନେହୁଏ।

ଗଦ୍ୟ ସାହିତ୍ୟର ଦୁଇ ସମ୍ଭ୍ରାନ୍ତଶାଳୀ ବିଭାଗ - ଗଳ୍ପ, ଉପନ୍ୟାସ। ଉପନ୍ୟାସ ଆଧୁନିକ ଜୀବନର ଗଦ୍ୟ ମହାକାବ୍ୟ। ଏଥିରେ ଜନଜୀବନ ଚିତ୍ରଣର ବ୍ୟାପକ ପରିସର। ଏକଥା ବୁଝିଥିଲେ ଫକୀରମୋହନ। ତାଙ୍କ ଚାରୋଟି ଉପନ୍ୟାସରେ ଦୀର୍ଘ ଦୁଇଶହ ବର୍ଷ ଓଡ଼ିଶାର ଜୀବନ ଚିତ୍ର ସ୍ଥାନିତ। 'ଛ ମାଣ ଆଠଗୁଣ୍ଠ' ଉପନ୍ୟାସଟି ଓଡ଼ିଆ ବାଣୀ ଭଣ୍ଡାରରେ ଏକ ଅକ୍ଷୟ କୀର୍ତ୍ତି। ଠିକ୍ ସେମିତି ତାଙ୍କର କ୍ଷୁଦ୍ରଗଳ୍ପ ସମୂହ। ଜୀବନର ଖଣ୍ଡିତାଂଶ ଚିତ୍ର ହିଁ କ୍ଷୁଦ୍ରଗଳ୍ପ। ଏଥିରେ ଜୀବନର ପୂର୍ଣ୍ଣ ଚିତ୍ର ପ୍ରଦାନ କରିବାର ସ୍ୱାଧୀନତା ସ୍ରଷ୍ଟାର ନାହିଁ। ଏହା ସତ୍ତ୍ୱେ; ଉନବିଂଶ ଶତାବ୍ଦୀର ସାମାଜିକ ବିଧି-ବିଧାନ-ବ୍ୟବସ୍ଥା - ଏସବୁ କଥାକୁ-ଫକୀରମୋହନ ସଫଳ ଭାବେ ଦେଖାଇ ଦେଇଛନ୍ତି। ତାଙ୍କର ପ୍ରଥମ କ୍ଷୁଦ୍ରଗଳ୍ପ ରେବତୀ (୧୮୯୮)। ରେବତୀ ପାଠ ପଢ଼ିଛି। ଏହା ଏକ ଯୁଗାନ୍ତକାରୀ ଘଟଣା। ନାରୀ ଆଉ ଘର କୋଣରେ ବନ୍ଦିନୀ ନୁହଁ, ସେ, ପୁରୁଷର ସହଧର୍ମିଣୀ, ସହମର୍ମିଣୀ, ସହକର୍ମିଣୀ। ସମାଜ ସଂସ୍କାରକ ଫକୀରମୋହନ ଏକଥା ବୁଝିଥିଲେ।

(କ୍ରମଶଃ)

# ମନରେ ଦୁଃଖ କ'ଣ ପାଇଁ ?



ମାୟାଧର ନାୟକ
ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୬୧୩

ସମଗ୍ର ବିଶ୍ୱର ଦେଶେଦେଶେ ବହୁ ମହାମନୀଷୀ ନିଜନିଜ ସମୟର ତଳିତଳାନ୍ତ ମାନବସମାଜ ପାଇଁ କାର୍ଯ୍ୟ କରିଯାଇଛନ୍ତି। ବିବ୍ରତ ନହୋଇ ସେ ପ୍ରତ୍ୟେକ ହୋଇଉଠିଛନ୍ତି ଏକ ମହାନ୍ ଜୀବନର ଜାଗରଣ ଉଦ୍ଦେଶ୍ୟରେ ଜଣେ ଜଣେ ଯଥାର୍ଥ ବ୍ରତମନସ୍କ ପଥଚାରୀ। କେହି ଜୀବନକୁ ବାଜି ଲଗାଇଦେଇ ମରଣ ସହିତ ମୁକାବିଲା କରିଛନ୍ତି, କେହି ହସିହସି ବିଷର ପିଆଲା ତୋଳିନେଇଛନ୍ତି ମୁହଁ ପାଖକୁ ଏବଂ ଆଉ କେହି କେହି ଫାଶୀଦଉଡ଼ିରେ ଗଳାଇ ଦେଇଛନ୍ତି ବେକ। ଶୂଳୀରୁ ଆରମ୍ଭକରି ଗୁଳି - ବନ୍ଧୁକରୁ ଆରମ୍ଭ କରି ବୋମା - କେବେହେଲେ କାହାର ଧମକଚମକ ଧରାଶାୟୀ କରିପାରିନି ସେମାନଙ୍କ ମହାନ୍ ଲକ୍ଷ୍ୟ ଓ ଉତ୍ତୁଙ୍ଗ ଆଦର୍ଶବାଦକୁ। ସେ ସମସ୍ତଙ୍କର ମହାର୍ଘ ମନ୍ତ୍ର-ଉଚ୍ଚାରଣ ହେଉଛି ସାରା ମଣିଷଜାତିର ଦୁନିଆରୁ ଦୁଃଖ ଦୂରୀକରଣ। ମାତ୍ର ସେ ଦୁଃଖ କ'ଣ ଏଯାଏଁ ସରିଛି? ଏବେ ବି ମଣିଷ ମନରେ ଦୁଃଖ ଭରି ରହିଛି। ଆନନ୍ଦକୁ ଖୋଜିଖୋଜି ମରୀଚିକା ପଛେପଛେ ଗୋଡ଼େଇ ଗୋଡ଼େଇ ମରଣଭୟର ମରୁବାଲିରେ, ହତାଶା ପଙ୍କରେ ଘାଣ୍ଟି ହେଉଛୁ ଆମେ ସମସ୍ତେ। ଅର୍ଥାଭାବରୁ ଯେତିକି ଦୁଃଖଦୁର୍ଦ୍ଦଶାର ଘଟଣା ଘଟେ, ତା'ଠାରୁ ଅଧିକ ଘଟେ ଭଲ ପାଇବା ଅଭାବରୁ । ବ୍ୟକ୍ତିଗତ ଓ ସାମାଜିକ ସଂପର୍କ ମଣିଷ ନିକଟରେ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ - ତା'ର ବ୍ୟାଙ୍କରେ କେତେ ଅର୍ଥ ଅଛି - ସେଟା ଏତେ ଗୁରୁତ୍ୱପୂର୍ଣ୍ଣ ନୁହେଁ। ଯଦି କିମିଆ କରି କେହି ସଂଗେ ସଂଗେ ବିଶ୍ୱର ଦାରିଦ୍ର୍ୟ କମେଇଦିଏ, ତା'ହେଲେ ମଣିଷର ଦୁଃଖ ମାତ୍ର ଶତକଡ଼ା ୫ଭାଗ କମିବ ଏବଂ ଆଉ ଯଦି କେହି ବିଷାଦ, ଉଦ୍‌ବେଗରୁ ମଣିଷକୁ ବିଚ୍ଛିନ୍ନ କରିଦିଏ, ତା'ହେଲେ ଦୁଃଖ କମିବ ମାତ୍ର ଶତକଡ଼ା ୨୦ଭାଗ।

ଯେଉଁ ମଣିଷଟି ପ୍ରେମ ନ ପାଇ ଜୀବନ ହରାଇଦିଏ କିମ୍ବା ପ୍ରେମ ପାଇବା ପାଇଁ ସଂପତ୍ତି ହରାଉଛି, ତାକୁ ଦେଖି ଲୋକେ ଭାବନ୍ତି - ଆବେଗର ଅତିଶଯ୍ୟ ଏହାର କ୍ଷତି କଲା ବା ଟଙ୍କାର ଅଭାବରେ କ୍ଷୁଧାର ଜ୍ୱାଳାରେ ମୃତ ମଣିଷର ଦୁଃଖଠାରୁ ଏହି ପ୍ରେମଦଗ୍ଧ ମଣିଷର ଦୁଃଖ ଅଜସ୍ରଗୁଣ ତୀବ୍ରତର ହୋଇସାରିଛି। ସମୀକ୍ଷା କିନ୍ତୁ କହୁଛି - ବାସ୍ତବରେ ସଂପର୍କ ସ୍ପୃହାହିଁ ଅଧିକ ଜୀବନ ନିୟନ୍ତ୍ରକ। ସମୀକ୍ଷା ଏହା ମଧ୍ୟ ଜଣାଇଛି ଯେ ଶିକ୍ଷା ଆୟ କରିବା ଅପେକ୍ଷା ଚମତ୍କାର ଜୀବନସଂଗୀ ସନ୍ଧାନରେ ମଣିଷର ନିକଟତର ହେବା ଅଧିକ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ବର୍ତ୍ତମାନ ଯୁବଛାତ୍ରସମାଜ ମଧ୍ୟରେ ଦ୍ରୁତଗତିରେ ଅପସଂସ୍କୃତି ପ୍ରବେଶ କରି ଭବିଷ୍ୟତ ଜୀବନକୁ ଅନ୍ଧକାରର ଏକ ଅନ୍ଧକୂପ ଆଡ଼େ ଆଗେଇ ନେଉଛି। ବହୁସଂଖ୍ୟାରେ ଦେଖିବାକୁ ମିଳୁଛି ଏପରି ଉଚ୍ଛୃଙ୍ଖଳ ଯୁବକଯୁବତୀମାନଙ୍କୁ - ଯେଉଁମାନେ ପରବର୍ତ୍ତୀ କାଳରେ ଅନୁତାପ କରନ୍ତି ନାହିଁ ଯେ ସେତେବେଳେ ମନଦେଇ ପଢ଼ିଥିଲେ ଆଜି ସଂପନ୍ନ ଗୃହସ୍ଥ ହୋଇଥାନ୍ତୁ - ଶୀଘ୍ର ଶୀଘ୍ର ବାହାହୋଇ ସଂସାର କରି ଏଭଳି ଅନଟନରେ ପଡ଼ିନଥାନ୍ତୁ।

ଆଜିର ଯୁବଛାତ୍ରସମାଜ ମଧ୍ୟରେ ନୈତିକତା, ଆଦର୍ଶ, ସତ୍ୟତାର ଚିହ୍ନବର୍ଣ୍ଣ ଦୁର୍ଲଭ। ଯାଙ୍କ ସଂସ୍କୃତି, ଅପସଂସ୍କୃତିରେ କଣ୍ଠାଗ୍ରତ, ଏବକାର ଅଧିକାଂଶ ଯୁବଛାତ୍ରସମାଜ ଟିଭି ସିନେମା ଦେଖି ହିରୋ-ହିରୋଇନ୍-ଭିଲେନମାନଙ୍କୁ ଅନୁକରଣ କରି ସେଇଭଳି ଅର୍ଦ୍ଧନଗ୍ନ ପୋଷାକ, ଚୁଟିକଟାକୁ ଅନୁକରଣ କରୁଛନ୍ତି। ବିଦେଶୀ ଖାଦ୍ୟ, ଜଙ୍କ ଫୁଡ୍‌କୁ ପ୍ରସାଦ ମନେ କରି ମୁନାଫାଖୋର୍ ବେପାରୀ କମ୍ପାନୀଗୁଡ଼ିକ ଦ୍ୱାରା ରାସାୟନିକ ପ୍ରକ୍ରିୟାରେ ପ୍ରସ୍ତୁତ ଖଟାମିଠାକଡ଼ା ଥଣ୍ଡା ପାନୀୟକୁ ପାଦୁକ ଭଳି ପିଇଯାଉଛନ୍ତି। ପିଲାଠାରୁ ବୁଢ଼ାବୁଢ଼ୀ ପର୍ଯ୍ୟନ୍ତ ଟିଭିରେ ସିନେମା, ସିରିଅଲ୍ ଉପରୁ ଆଖିପତା ଫେରଉ ନାହାନ୍ତି। ମୋବାଇଲ୍ ତ ସବୁବେଳେ କାନରେ ଆଙ୍ଗୁଠିଯାଇ ସ୍କ୍ରିନ୍ ଟଚ୍‌ରେ। ଏହା ଫଳରେ ଏକେତ ଅଖାଦ୍ୟ ଖାଇ ରୋଗରେ ପଡ଼ୁଛନ୍ତି ଏଣେ ଆଖି ଖରାପ ହେଉଛି - ତେଣେ ପକେଟ୍‌କୁ କଣା କରି ଟଙ୍କାପଇସା ପବନରେ ଉଡ଼ିଯାଉଛି - ପୁଣି ରୋଜଗାର ନ ଥିବାରୁ ବାପମା'ଙ୍କୁ ଧମକେଇ ଚମକେଇ ଅର୍ଥ ନେଇଯାଉଛନ୍ତି। ଆଉ କେତେକେ ନିଜନିଜର ପ୍ରେମିକ-ପ୍ରେମିକାଙ୍କ ପର୍ସ ଖାଲିକରି ଦେଉଛନ୍ତି।

ଏସବୁ ଧନଲୋଭୀ ଶିଳ୍ପପତି, କ୍ଷମତାଲୋଭୀ ଶାସକ-ପ୍ରଶାସକଙ୍କ କାରସାଦି। ଯୁବ-ଛାତ୍ରସମାଜ ମୁଣ୍ଡକୁ ଖରାପ ନ କଲେ ତାଙ୍କ ଶାସନ ଚାଲିପାରିବ ନାହିଁ। ସଂପତ୍ତି ସୁରକ୍ଷିତ ରହିବ ନାହିଁ। ଯେଉଁ ଦେଶରେ ଯୁବଛାତ୍ର ସମାଜ ଅନ୍ୟାୟ ଅତ୍ୟାଚାର, ଶୋଷଣ, କଷଣ, ହତ୍ୟା, ରାହାଜାନି, ଅପସଂସ୍କୃତି ବିରୋଧରେ ଖଡ଼୍‌ଗହସ୍ତ ହୁଏନା, ସେ ଦେଶର ଅଦୃଷ୍ଟରେ ଦୁର୍ଭାଗ୍ୟ ହିଁ ପ୍ରଥମ ଓ ଶେଷ ଲେଖା। ସେ ଦେଶ ଅଭାଗା। ଆମର ସବୁ ଥାଇ ଆମେ ହାହୁତାଶରେ ପ୍ରତିଦିନ ବଞ୍ଚି ବି ମରୁଛେ। ଯିଏ ଯେତେବଡ଼ ଧନୀ ହୁଅନ୍ତୁ ପଛେ ମନରେ ସରସ ଭାବ ନାହିଁ। କୋଉ କୋଣରେ ନା କୋଉ କୋଣରେ ଦୁଃଖ, ହତାଶା, ଭୟ ମାଡ଼ି ବସୁଛି।

ମଣିଷ-ମଣିଷର ସଂପର୍କ ଆର୍ଥିକ ସାମର୍ଥ୍ୟ ପାଇଁ ନିର୍ଦ୍ଧାରିତ ହୁଏ କି? ଗୋଟିଏ ଅତି ଆନନ୍ଦମୟ ଦାମ୍ପତ୍ୟ ସଂପର୍କ ଅର୍ଥାଭାବରୁ ଦୂଷିତ ହୋଇଯାଏନା? ସନ୍ତାନମାନେ କ'ଣ ପିତାମାତାଙ୍କ ଦାରିଦ୍ର୍ୟତା ପାଇଁ ଶତ୍ରୁମନୋଭାବାପନ୍ନ ହୋଇ ପଡ଼ନ୍ତି କି? ଗୋଟିଏ ସଂପର୍କର ପ୍ରକୃତ ଶ୍ରଦ୍ଧାପ୍ରୀତି ପାଇଁ ଯେଉଁ ପରିମଣ୍ଡଳ ପ୍ରୟୋଜନ - ଅର୍ଥାଭାବରୁ ତାହା ନଷ୍ଟ ହୋଇଯାଉଛି କି?

ବିଭିନ୍ନ ଖବରରୁ ଜଣାପଡ଼ିଛି ପ୍ରେମ ପାଉ ନାହିଁ ବୋଲି ପ୍ରାଚୁର୍ଯ୍ୟ ଶିଖରରେ ପହଞ୍ଚି ମଧ୍ୟ ମଣିଷ ଆତ୍ମହତ୍ୟା କରୁଛି। ଧନୀଲୋକମାନେ ବରାବର ସଂପତ୍ତିର ପାହାଡ଼ ଉପରେ ବସି ପୁଣି ଧନ ପାଇଁ ବିକଳ ହୁଅନ୍ତି - ନାନା ଉପାୟ, କଳକୌଶଳ, ଷଡ଼ଯନ୍ତ୍ର, ଅନ୍ୟାୟ ଅତ୍ୟାଚାର, କଷଣ ଶୋଷଣ କରି ତାଙ୍କ ଧନସଂପତ୍ତିର ପାହାଡ଼କୁ ସ୍ୱର୍ଗ ପର୍ଯ୍ୟନ୍ତ ଲମ୍ବାଇ ଦେବାକୁ ଇଚ୍ଛା କରି ଶେଷରେ ରୋଗ, ନିରାଶା, ହତାଶାର ହାହୁତାଶନରେ ସ୍ୱର୍ଗଧାମକୁ ଯାତ୍ରା କରନ୍ତି। ସେହି ସଂପତ୍ତି ତାଙ୍କ ବଂଶ ପରିଜନମାନଙ୍କୁ ଖାଇ ଗୋଡ଼ାଏ। ସଂପର୍କ ଭାଙ୍ଗି ଛିନ୍‌ଛତ୍ର ହୋଇଯାଏ। ଧନଲୋଭ ମଣିଷକୁ ରସାତଳକୁ ଟାଣିନିଏ। ଟଲଷ୍ଟୟଙ୍କ ସେଇ ସ୍ମରଣୀୟ ଗଳ୍ପ 'ମଣିଷ ପାଇଁ କେତେ ଜମି ଲୋଡ଼ା'କୁ ଟିକେ ହେଜନ୍ତୁ। ତେଣୁ ସଂପର୍କ ହିଁ ଏକମାତ୍ର ଅସଲ ସଂପତ୍ତି। ସଂପର୍କର ସଂକଳ୍ପଟିଏ ଆଜିର ମଣିଷ ପାଇଁ ବିଶ୍ୱଶାନ୍ତିର ବିକଳ୍ପ। ବୃତ୍ତିର ଦାୟ, କୃଷିଭିତ୍ତିକ ସଂସ୍କୃତିର କ୍ରମବିଦାୟ, ଶିଳ୍ପକୈନ୍ଦ୍ରିକ ସଭ୍ୟତାର ଦ୍ରୁତସଂଚାର କେବଳ ଏକାନ୍ନବର୍ତ୍ତୀ ପରିବାରର ପରମ୍ପରାକୁ ମୂଳପୋଛ କରିନାହିଁ, ମଣିଷକୁ ତା' ନିଜଠାରୁ ମଧ୍ୟ ଦୂରେଇ ଆଣିଛି ପୂରାପୂରି। ଆମେ ବିଭିନ୍ନ କ୍ଷେତ୍ରରେ ବ୍ୟକ୍ତି ଦେଖୁଛୁ, ନାଗରିକ ସମାଜ ସହିତ ରାସ୍ତାର ବାଁ ପଟେ ପ୍ରାତଃଭ୍ରମଣ ଓ ସାନ୍ଧ୍ୟଭ୍ରମଣ କରୁଛୁ - ମାତ୍ର ଭଦ୍ରବ୍ୟକ୍ତିମାନଙ୍କ ମଧ୍ୟରେ ମଣିଷଟିଏ ଭେଟିପାରୁନୁ, ଯେମିତି ଭଦ୍ରମହିଳାମାନଙ୍କ ଭିତରେ ଖୋଜି ପାଉନୁ ଅସଲ ନାରୀର ବ୍ୟକ୍ତିତ୍ୱ।

ରାଜପଥରେ ପେଟ ପାଇଁ ପଟୁଆର। ଜନପଥରେ ଜନସମୁଦ୍ରର ଜୁଆର। ମାତ୍ର ଜୀବନପଥ ନିର୍ଜନ। ମଣିଷ ସହିତ ମଣିଷ ସଂପର୍କଶୂନ୍ୟ। ନିଜ ପାଇଁ ଭଲ ଚାହିବାଟା ଯେତେ ବଢୁଛି, ଅନ୍ୟ ଅନେକଙ୍କୁ ଭଲପାଇବାଟି ସେତେ ଛିଡୁଛି। ଆମେ ଅର୍ଥରେ ସମର୍ଥ, ମାତ୍ର ଅନୁରାଗରେ ଅନନ୍ୟୋପାୟ, ଅସହାୟ। ଧନକୁବେରମାନଙ୍କ ଅର୍ଥନୀତିରେ ମନର ମଙ୍ଗଳ ନାହିଁ। ମନ ଯାଇ ବନବାସ କରୁଛି ଅଗମ୍ୟ ଅଂଚଳରେ, ହୃଦୟ ଅଛି ଅଜ୍ଞାତବାସରେ। ଖୋଜିଲା ମନ ପାଇଁ ଧ୍ୟାନ ଦିଆଯାଉ, ହଜିଲା ହୃଦୟ ପାଇଁ ହୁଲିଆ ଜାରି ହେଉ - ଏହା ହିଁ ଆଜିର ମଣିଷ ପ୍ରତି ସଂପର୍କର ଆହ୍ୱାନ।

ଏହି ଭାରତର ସନ୍ଥସଂସ୍କୃତି ମଧ୍ୟ ଏକ ସମୁନ୍ନତ ନିର୍ଭୀକ ମାନବସମାଜର ନବଜାଗରଣ ପାଇଁ ମନ୍ତ୍ରପାଠ କରିଆସିଛି କାଳେକାଳେ। ଗୁରୁ ଗୋବିନ୍ଦ ସିଂ ଆହ୍ୱାନ ଦେଇଥିଲେ - 'ଯୁବକମାନେ ଦେଶ ପାଇଁ, ଜାତି ପାଇଁ ମରିବାକୁ ପ୍ରସ୍ତୁତ ହୁଅ।' ଏହି ନିର୍ଭୀକ ଗୁରୁଙ୍କ ନେତୃତ୍ୱରେ ଶାନ୍ତସହିଷ୍ଣୁ ଶିଖ୍‌ଜାତି ନିଜ ସାମାଜିକ ଇଜ୍ଜତ ରକ୍ଷା କରିବାର ଶପଥ ନେଇ ଅସ୍ତ୍ରଧାରଣ ପୂର୍ବକ ଏକ ସାହସିକ ସାମରିକ ଜାତିରେ ପରିଣତ ହୋଇପାରିଥିଲା। ଆପଣମାନଙ୍କର ମନେ ରଖିବା ଦରକାର - "କୋଟିଏ ମୁକୁଟ ଠୁଁ କାହିଁ କେତେଗୁଣରେ ମୂଲ୍ୟବାନ ଗୋଟିଏ ମୁଣ୍ଡ ... ସେ ମୁଣ୍ଡ ମଣିଷର ମୁଣ୍ଡ...", ସେ ମୁଣ୍ଡଥିବା ମଣିଷମାନେ ପୁଣି ହେବା ଦରକାର ଚିରଉନ୍ନତ ଶିର।

ଗୋଟିଏ ରାଜ୍ୟରେ ଜଣେ ସନ୍ନ୍ୟାସୀ ଥିଲେ। ତାଙ୍କର ମହିମା ସାରାରାଜ୍ୟରେ ସୁବିଦିତ। ବହୁଲୋକ ସେ ସନ୍ନ୍ୟାସୀଙ୍କ ପାଖରୁ ଦର୍ଶନକରି ଶିକ୍ଷାଲାଭ କରୁଥିଲେ। ସେ ରାଜ୍ୟର ରଜା ଦିନେ ମନ୍ତ୍ରୀପାରିଷଦ, ସୈନ୍ୟସାମନ୍ତ ଧରି ସନ୍ନ୍ୟାସୀ ଆଶ୍ରମରେ ପହଞ୍ଚିଲେ। ସୈନ୍ୟ-ମନ୍ତ୍ରୀମାନେ ସନ୍ନ୍ୟାସୀଙ୍କୁ ମୁଣ୍ଡନୁଆଁଇ ପ୍ରଣାମ କଲେ। ରଜା କିନ୍ତୁ ମୁଣ୍ଡ ନୁଆଁଇଲେ ନାହିଁ କି ନମସ୍କାର ହେଲେନାହିଁ। ମନ୍ତ୍ରୀ କହିଲେ – ମହାନ୍। ସନ୍ନ୍ୟାସୀଙ୍କୁ ମୁଣ୍ଡ ନୁଆଁଇ ପ୍ରଣାମ କରନ୍ତୁ। ମୁକୁଟଧାରୀ ରଜା କହିଲେ – ରଜା କାହାକୁ ନମସ୍କାର ହୁଏନି କି ମୁଣ୍ଡ ନୁଆଁଏନି।

ଏ କଥା ଶୁଣି ସନ୍ନ୍ୟାସୀ ରାଜାଙ୍କ ପାଖକୁ ଆସି କହିଲେ – ହେ ରାଜନ୍ ! ମୋର ଗୋଟିଏ ଉପକାର କରିପାରିବେ କି?

ରଜା ପଚାରିଲେ – କ'ଣ କୁହନ୍ତୁ?

ସନ୍ନ୍ୟାସୀ କହିଲେ – ଗୋଟିଏ ଦିନ ରାଜଗାଦୀ ଛାଡ଼ି ବେପାରୀ ହେବେ କି?

ରଜା କହିଲେ – ହଁ – ହେଇପାରିବି?

ସନ୍ନ୍ୟାସୀ ଗୋଟିଏ ଛେଳିମୁଣ୍ଡ, ଗୋଟିଏ ଗୋରୁମୁଣ୍ଡ, ଗୋଟିଏ ମଣିଷମୁଣ୍ଡଦେଇ କହିଲେ – ଏ ଛେଳିମୁଣ୍ଡ ଏକଟଙ୍କା, ଗୋରୁମୁଣ୍ଡ ଦୁଇଟଙ୍କା, ମଣିଷମୁଣ୍ଡ ତିନିଟଙ୍କା। ୟା'କୁ ହାଟରେ ବିକି ମୋତେ ଛ'ଟଙ୍କା ଦେବେ।

ରାଜା ସନ୍ନ୍ୟାସୀଙ୍କ କଥାମାନି ବେପାରୀ ସାଜି ହାଟକୁ ଯାଇ ତିନୋଟି ମୁଣ୍ଡ ଥୋଇଲେ। ଲୋକେ ଛେଳିମୁଣ୍ଡ କିଣିବାକୁ ଭିଡ଼୍‌କଲେ। ଯେଉଁମାନେ ନ ପାଇଲେ ସେମାନଙ୍କ ମଧ୍ୟରୁ ଜଣେ ଗୋରୁମୁଣ୍ଡ କିଣିନେଲେ। ମଣିଷମୁଣ୍ଡକୁ କେହି କିଣିଲେ ନାହିଁ। ରଜା ମଣିଷମୁଣ୍ଡକୁ ଦି'ଟଙ୍କାରେ ବିକିବାକୁ କହିଲେ – କେହି ନେଲେନାହିଁ। ଟଙ୍କାକରେ ବିକିବାକୁ କହିଲେ – କେହି କିଣିଲେ ନାହିଁ। ରଜା ମଣିଷମୁଣ୍ଡଟି ଧରି ସନ୍ନ୍ୟାସୀ ପାଖରେ ପହଞ୍ଚି ସବୁକଥା କହିଲେ।

ସନ୍ନ୍ୟାସୀ କହିଲେ – ହେ ରାଜନ୍ ! ମୁକୁଟଠାରୁ ମୁଣ୍ଡ ମୂଲ୍ୟବାନ୍। ଏ ମୂଢ଼ମଣିଷ ମୁଣ୍ଡରହସ୍ୟ ଭେଦକରିପାରି ନାହାଁନ୍ତି। ମଣିଷମୁଣ୍ଡକୁ ଟଙ୍କାଦେଇ କିଣାଯାଇପାରେନା। ରାଜା ସବୁ ବୁଝିପାରି ସନ୍ନ୍ୟାସୀଙ୍କୁ ନତମସ୍ତକରେ ପ୍ରଣିପାତ କଲେ। ତେଣୁ ରାଜାଙ୍କ ମୁକୁଟଠୁ ସନ୍ନ୍ୟାସୀଙ୍କ ମୁଣ୍ଡ ମୂଲ୍ୟବାନ। ସେ ମୁଣ୍ଡ ଛେଳିମୁଣ୍ଡ କି ଗୋରୁମୁଣ୍ଡ ନୁହେଁ ମଣିଷମୁଣ୍ଡ। ଆଜିକାଲି ମଣିଷ ମୂଲ୍ୟବାନକୁ ଚିହ୍ନିପାରୁନି।

ତା'ହେଲେ ଏ ବିଶ୍ୱମାନବସମାଜ ମଧ୍ୟରେ ସମସ୍ତଙ୍କପାଇଁ ଦାନା, କନା, ଦି'ବଖୁରିଆ ଘରର ଧ୍ୱନି ଉଠାଇବା ପରେ ବୃହତ୍ତର ଜୀବନ କ୍ଷେତ୍ରରେ ଶାନ୍ତି, ମୈତ୍ରୀ, ସାମ୍ୟ ପାଇଁ ବିପ୍ଳବର ଜୟଗାନ, ନବମାନବର ମାଙ୍ଗଳିକ ଯାତ୍ରାସଂଗୀତ ଗାଇବ କିଏ? କିଏ ପ୍ରତ୍ୟୁତ୍ତର ଦେବ ନବମାନବସମାଜ ପ୍ରତିଷ୍ଠାପାଇଁ ପ୍ରାଣପଣ ଆହ୍ୱାନର?

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy**
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : **ଜୟାଶୀଷ ରାୟ**

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୯ ଅପ୍ରେଲ ୨୦୨୪ ସୋମବାର





# ବସୁଧା ଜଳ ପ୍ରକଳ୍ପ ଯୋଜନାରୁ ଗ୍ରାମବାସୀ ବଞ୍ଚିତ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲାର ସଦର ବ୍ଲକ ଅନ୍ତର୍ଗତ ଗୋପିନାଥପୁର ଗ୍ରାମରେ ୩ ବର୍ଷରୁ ଉର୍ଦ୍ଧ୍ୱ ବସୁଧା ଯୋଜନାରେ ପାଣିଟାଙ୍କି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଲାଣି । ଲକ୍ଷ ଲକ୍ଷ ଟଙ୍କା ଅନୁଦାନରେ ଖର୍ଚ୍ଚ ହୋଇଥିବା ଏହି ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥାଇ ମଧ୍ୟ ଆଜି ପର୍ଯ୍ୟନ୍ତ ପିଇବା ପାଣି ସଂଯୋଗ ହୋଇଥିବା ପାଇପ୍ ଗୁଡ଼ିକୁ ପାଣି ଛଡ଼ା ଯାଉନାହିଁ । ଗୋପିନାଥପୁର ପଞ୍ଚାୟତ ଅଧୀନରେ ଥିବା ଗ୍ରାମମାନଙ୍କ ମଧ୍ୟରେ ଜଳବଙ୍ଗ, ହର୍ଷପୁର, ସିଲିସୁଆଁ, ଧାତିକା, ପୋଇପାଣି ପରି ଅନେକ ଗ୍ରାମର ବାସିନ୍ଦା ଏହି ପ୍ରଚଣ୍ଡ ଗ୍ରୀଷ୍ମ ମାସର ଖରାଦିନେ ଜୀବନ ବଞ୍ଚାଇବା ନିମନ୍ତେ ବସୁଧା ପ୍ରକଳ୍ପର ବିଶୁଦ୍ଧ ପାଣି ଟୋପାଏ ପାଇ ପାରୁନାହାନ୍ତି । ବହୁ କଷ୍ଟରେ ଦୂର ଦୂରାନ୍ତରୁ କିମ୍ବା ଅନ୍ୟମାନଙ୍କ ଘରୁ ପାଣି ଆଣି ପିଇବା ପାଣିର ଆବଶ୍ୟକତା ପୂରଣ କରୁଥିବା ଜଣାପଡିଛି । ସୂଚନା ଅନୁସାରେ, ଯେଉଁ ଠିକାଦାର ଏହି ପ୍ରକଳ୍ପ କାର୍ଯ୍ୟ ହାତକୁ ନେଇ କାର୍ଯ୍ୟଟି ସମ୍ପୂର୍ଣ୍ଣ କରିଛି, ସେ ବିଲ୍ ବାବଦକୁ ଥିବା ଟଙ୍କା ଆଜି ପର୍ଯ୍ୟନ୍ତ ପାଇ ପାରିନାହିଁ । ତେଣୁ ପାଣି ସଂଯୋଗ ଗ୍ରାମ ଗୁଡ଼ିକୁ ଦିଆଯାଇନଥିବା ଜଣାପଡିଛି । ଏଣୁ ଏହି ଘଟଣାକୁ ନେଇ ପୂର୍ବତନ ସମିତି ସଭ୍ୟ ତାରାମଣି ଦେହୁରୀ, ସୁକାନ୍ତ ବେହେରା, ଉମାରାଣୀ ବେହେରା, ସତ୍ୟଭାମା ବେହେରା, ସବିତା ବେହେରା, ଜୟନ୍ତୀ ବେହେରା, ଅଳକା ଦାସ, ରୋଜାଲିନ ଦାସ, ରମା ବେହେରା, ସୁଲେଖା ବେହେରା, ପ୍ରିୟତମା ବେହେରା, ସ୍ନେହଲତା ବେହେରା, ଜହ୍ନରାଣୀ ବେହେରା ପ୍ରମୁଖଙ୍କ ସହ ଅନେକ ଗ୍ରାମବାସୀ ଏହି ପ୍ରଚଣ୍ଡ ଖରା ଦିନରେ ଜୀବନକୁ ବଞ୍ଚାଇବା ନିମନ୍ତେ ପାଣି ମୁନ୍ଦେ ପାଇ ପାରନ୍ତେ । ଏହି ପାଇବା ପାଣିର କଷ୍ଟକୁ ଦେଖି ଗୋପିନାଥପୁର ସରପଞ୍ଚ ପ୍ରତିଦିନ ଟ୍ରାକ୍ଟର ଯୋଗେ ପାନୀୟ ଜଳ ଆଣି ଗ୍ରାମରେ ଯୋଗାଇ ଦେଉଥିବା ଜଣାପଡିଛି, ତାହା ସମୁଦ୍ରକୁ ଶଙ୍ଖେ ପରି ଜଣାପଡୁଛି । ଏଣୁ ପ୍ରଶାସନ ଏହି ଘଟଣାକୁ ଯଥାଶୀଘ୍ର ଦୃଷ୍ଟି ଦେବାକୁ ଗୋପିନାଥପୁର ପଞ୍ଚାୟତର ଅନେକ ଗ୍ରାମବାସୀ ଦାବି ଉଠାଇଛନ୍ତି ।

# ଅହରହ ବାଲି ଉତ୍ତୋଳନ ଯୋଗୁଁ ନଦୀ ଓ ପୋଖରୀ ଶୁଖିଲା

**ବ୍ରହ୍ମପୁର/ପାତ୍ରପୁର, ନ୍ୟୁଜ୍ ବ୍ୟୁରୋ**

ଚଳିତ ବର୍ଷ ଗଞ୍ଜାମ ଜିଲ୍ଲାରେ କମ୍ ବୃଷ୍ଟିପାତ ଫଳରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଥିଲା । ପାତ୍ରପୁର ଅଞ୍ଚଳର ଥିବା ବାଘଲଟି ମଧ୍ୟମ ଜଳସେଚନ ଯୋଜନା ସମେତ ଅଞ୍ଚଳରେ ପ୍ରବାହିତ ବାହୁଦା, ବଗି, ପୋଇଚାଦିଆ ନଦୀ ସହିତ ବହୁ ପୋଖରୀ ଶୁଖିଯାଇଥିଲା । ଦୀର୍ଘଦିନ ହେଲା ନଦୀ ନାଳ ଗର୍ଭରୁ ଅହରହ ବାଲି ଉତ୍ତୋଳନ ଯୋଗୁଁ ଜଳସ୍ତର ନିମ୍ନଗାମୀ ହୋଇପଡ଼ିଛି । ସୁରଙ୍ଗୀ ଠାରେ ରାଜା ରାଜୁଡ଼ା ଅମଳରେ ଖୋଳାଯାଇଥିବା ନାବକେଳି ବନ୍ଧ ଚଳିତ ବର୍ଷ ଶୁଖିଯିବା ଫଳରେ ଗ୍ରାମରେ ଜଳକଷ୍ଟ ଅନୁଭୂତ ହୋଇଛି । ବ୍ରିଟିଶ ଶାସନ ସମୟରେ ଗଡ଼ଜାତ ରାଜା ସହିତ ଧନୀକ ଶ୍ରେଣୀର ବ୍ୟକ୍ତି ଧାର୍ମିକ କାର୍ଯ୍ୟ ପାଇଁ ପୋଖରୀ ଓ କୂଅ ଖୋଳୁଥିଲେ । ପ୍ରାୟ ପାଞ୍ଚ ଶହ ବର୍ଷ ପୂର୍ବେ ସୁରଙ୍ଗୀ ରାଜା ଗ୍ରାମର ଲୋକଙ୍କ ଜଳକଷ୍ଟ ଲାଘବ ପାଇଁ ଗଡ଼ ପାର୍ଶ୍ୱରେ ପ୍ରାୟ ଦଶ ଏକର ଜମିରେ ଏହି ପୋଖରୀ ଖୋଳାଯାଇଥିଲା । ଗ୍ରାମରେ ଛୋଟ ବଡ଼ ୩ଟି ପୋଖରୀ ରହିଥିବା ବେଳେ ନାବକେଳି ବନ୍ଧ ଉପରେ ଗ୍ରାମର ଲୋକମାନେ ବିଭିନ୍ନ କାର୍ଯ୍ୟ ସମ୍ପାଦନ ପାଇଁ ବର୍ଷ ତମାମ ନିର୍ଭର କରୁଥିଲେ । ଦୀର୍ଘ ବର୍ଷ ପରେ ଚଳିତ ବର୍ଷ ଏହି ପୋଖରୀ ଶୁଖିଲା ପଡ଼ିଛି । ଏହି ବନ୍ଧ ଜଳ ଲୋକେ ପିଇବା ଠାରୁ ଆରମ୍ଭ କରି ସ୍ନାନ, ଶୌଚ ଏବଂ ଗୃହପାଳିତ ପଶୁ ପକ୍ଷୀଙ୍କ ବ୍ୟବହାର ପାଇଁ କରୁଥିଲେ । ବନ୍ଧର ମଧ୍ୟ ଭାଗରେ ଜଳକନ୍ୟା ମାଆଙ୍କ ଏକ ଛୋଟିଆ ମନ୍ଦିରଟିଏ ନିର୍ମାଣ ହୋଇଥିଲା । ବିଭିନ୍ନ ସମୟରେ ଏହି ବନ୍ଧରେ ରାଜା ନୌକା ବିହାର କରିବା ସହିତ ଅକ୍ଷୟ ତୃତୀୟାରେ ଚନ୍ଦନ ଯାତ୍ରା ଉତ୍ସବ ଅନୁଷ୍ଠିତ ହେଉଥିଲା । ରାଜ ନଅର ମଧ୍ୟରେ ଥିବା ମଦନ ମୋହନ ମହାପ୍ରଭୁଙ୍କୁ ଡ଼ଙ୍ଗାରେ ବସାଯାଇ ପୂଜା ପାଠ ସହିତ ଚନ୍ଦନ ଯାତ୍ରା ପାଳନ ହେଉଥିଲା । ସେହି ସମୟରେ ଏହି ଯାତ୍ରା ଦେଖିବା ପାଇଁ ରାଜାଙ୍କ ନିମନ୍ତ୍ରଣ ରକ୍ଷା



କରି ଅଞ୍ଚଳର ବହୁ ଗ୍ରାମବାସୀ ଉପସ୍ଥିତ ହେଉଥିଲେ । ବର୍ଷା ଦିନରେ ବନ୍ଧକୁ ଆବଶ୍ୟକ ପାଣି ଯୋଗାଣ ଲକ୍ଷ୍ୟ ରଖି ନିକଟସ୍ଥ ତାଳଘୁଡ଼ି ପାହାଡ଼ରୁ ବାହାରିଥିବା ଘୋଡ଼ାଖାଇ ନାଳ ଏବଂ ସଦାନନ୍ଦ ସାଗରରୁ ଏକ ନାଳ ଖୋଳିଆଣି ପୋଖରୀରେ ଭର୍ତ୍ତିକରାଯାଉଥିଲା । ଗ୍ରାମର କୁଳ ବଧୂମାନେ ଭୋର୍ ସମୟରୁ ପୋଖରୀରେ ସ୍ନାନ କରିବା ସହିତ ନିତ୍ୟ ବ୍ୟବହାର ପାଇଁ ମାଟି ମାଠିଆରେ ପାଣି ସଂଗ୍ରହ କରି ଆଣୁଥିଲେ । ଦୀର୍ଘ ବର୍ଷ ଧରି ଏବେ ଏଠାରେ ଆଉ ଚନ୍ଦନ ଯାତ୍ରା ହେଉନାହିଁ । ୧୯୭୧ରେ ଅନାବୃଷ୍ଟି ଯୋଗୁଁ ଅଞ୍ଚଳରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଥିଲା । ସେହି ସମୟରେ ଓଡ଼ିଶାର ତତ୍କାଳୀନ ରାଜସ୍ୱମନ୍ତ୍ରୀ ବ୍ରଜମୋହନ ମହାନ୍ତି ମରୁଡ଼ି ପ୍ରଭାବିତ ଚିକିଟୀ-ପାତ୍ରପୁର ଅଞ୍ଚଳ ଗସ୍ତ ସମୟରେ ସୁରଙ୍ଗୀ ପୋଖରୀର ଅବସ୍ଥା ଦେଖି ପୋଖରୀ ଉନ୍ନତି ପାଇଁ ଅର୍ଥ ପ୍ରଦାନ କରିଥିଲେ ବୋଲି ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନ ସାମନ୍ତରା କହିଛନ୍ତି । ଗ୍ରାମର ବୟୋଜ୍ୟେଷ୍ଠ ଶିକ୍ଷାବିତ୍ ଭଗବାନ ପାଣିଗ୍ରାହୀ ତାଙ୍କ ପିଲାବେଳେ ଏହି ପୋଖରୀରେ ସାଙ୍ଗ ସାଥୀଙ୍କ ସହିତ ଡ଼ଙ୍ଗାରେ ମଜା ନେଉଥିବା ବେଳେ ଏହି ବନ୍ଧ ପାଣି ଲୋକଙ୍କ ପାଇଁ ଏକ ମାତ୍ର ଭରସା ଥିବା ପ୍ରକାଶ କରିଛନ୍ତି । ଗ୍ରାମର ଲୋକଙ୍କ ପାଇଁ ଏକ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହୋଇ ୪ଟି ବୋରିଂ ଖୋଳାଯାଇ ପାଣି ଯୋଗାଇବା ବ୍ୟବସ୍ଥା ରହିଛି । ତେବେ ବୋରିଂରୁ ପାଣି ବାହାରୁ ନଥିବା ଯୋଗୁଁ ପର୍ଯ୍ୟାୟ କ୍ରମେ ଭାଗ କରି ବିଭିନ୍ନ ସାହିକୁ ପାଣି ଯୋଗାଣ କରାଯାଉଛି । ପାଞ୍ଚ ବର୍ଷ ପୂର୍ବେ ନିର୍ମାଣ ହୋଇଥିବା ଓଭରହେଡ୍ ଟ୍ୟାଙ୍କରୁ ପାଣି ଯୋଗାଣ ଆରମ୍ଭ ହୋଇନଥିବା ବେଳେ ପାଣି ସମସ୍ୟାକୁ ଦେଖି ଏବେ ଗୋଟିଏ ବଡ଼ କୂଅ ଖୋଳା କାର୍ଯ୍ୟ ଚାଲିଥିବା ବେଳେ ଏହି ପୁରାତନ ପୋଖରୀ ଉନ୍ନତି କରଣ କରି ବୋଟିଂ ବ୍ୟବସ୍ଥା କଲେ ପୂର୍ବ ଗୌରବ ଫେରି ଆସିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି ।

# ଦୂର ହେଲା ଲୋ-ଭୋଲ୍ଟେଜ୍ ସମସ୍ୟା:ଉଚ୍ଚ କ୍ଷମତାସମ୍ପନ୍ନ ଟ୍ରାନ୍ସଫର୍ମର ସ୍ଥାପନ କଲା ଟିପିଏନଓଡିଏଲ

**ବାଲେଶ୍ୱର, ନ୍ୟୁଜ୍**

ଦୂର ହେଲା ଲୋ-ଭୋଲ୍ଟେଜ୍ ସମସ୍ୟା । ପୂରଣ ହେଲା ସାଧାରଣ ଲୋକଙ୍କ ଦାବି । ଅସହ୍ୟ ଗୁଳୁଗୁଳିରେ ଲୋକଙ୍କ ପାଇଁ ଲୋ-ଭୋଲ୍ଟ ଏହାର ସ୍ଥାୟୀ ସମାଧାନ କରିଛି ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏନଓଡିଏଲ) । ଟିପିଏନଓଡିଏଲ ପକ୍ଷରୁ ଲୋ-ଭୋଲ୍ଟେଜ୍ ସମସ୍ୟା ଥିବା ବିଭିନ୍ନ ଅଞ୍ଚଳରେ ଉଚ୍ଚ କ୍ଷମତା ସମ୍ପର୍ଣ୍ଣ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଛି । ଯାଜପୁର ଜିଲ୍ଲା କୁଆଖିଆ ଡିଭିଜନ ଅନ୍ତର୍ଗତ ପାନ୍ତୁରି ଅଞ୍ଚଳର ଥିବା ୧୬ କେଭି ବିଦ୍ୟୁତ ଟ୍ରାନ୍ସଫର୍ମରକୁ ୧୦୦ କେଭିରେ ପରିବର୍ତ୍ତନ କରାଯାଇଥିବାବେଳେ ନେଉଳପୁର ଅଞ୍ଚଳର ୧୦୦କେଭି ବିଦ୍ୟୁତ ଟ୍ରାନ୍ସଫର୍ମରର କ୍ଷମତାକୁ ୨୫୦ କେଭିକୁ ବୃଦ୍ଧି



କରାଯାଇଛି । ଅନୁରୂପ ଭାବେ ବାରିପଦା ଅନ୍ତର୍ଗତ ରଘୁନାଥପୁରରେ ୧୦୦ କେଭି ବିଦ୍ୟୁତ ଟ୍ରାନ୍ସଫର୍ମର କ୍ଷମତାକୁ ୨୫୦ କେଭିକୁ ବୃଦ୍ଧି କରାଯାଇଥିବାବେଳେ ଭଦ୍ରକ ସାଉଥ୍ ଡିଭିଜନ ଅନ୍ତର୍ଗତ ଆଖୁଆପଦାରେ ୧୦୦ କେଭି ବିଦ୍ୟୁତ ଟ୍ରାନ୍ସଫରମର କ୍ଷମତାକୁ ୨୫୦ କେଭିକୁ ବୃଦ୍ଧି କରାଯାଇଛି । ସେହିପରି ରାଇରାଙ୍ଗପୁର ଡିଭିଜନ ଅନ୍ତର୍ଗତ ଉପରବେଢ଼ା ଓ କଷ୍ଟାବଣିରେ ଦୁଇଟି ୨୫କେଭି ବିଦ୍ୟୁତ ଟ୍ରାନ୍ସଫର୍ମର କ୍ଷମତାକୁ ୧୦୦ କେଭିକୁ ବୃଦ୍ଧି କରାଯିବା ସହ କେନ୍ଦୁଝର ଜିଲ୍ଲା ଯୋଡ଼ା ଅଞ୍ଚଳର ୧୦୦ କେଭି ବିଦ୍ୟୁତ ଟ୍ରାନ୍ସଫର୍ମରକୁ ପରିବର୍ତ୍ତନ କରି ୨୫୦ କେଭିକୁ ବୃଦ୍ଧି କରାଯାଇଛି । ଏଣିକି ଏହି ଟ୍ରାନ୍ସଫର୍ମରଗୁଡ଼ିକ ଅଧିକ କ୍ଷମତାସମ୍ପର୍ଣ୍ଣ ହେବା ସହ ସ୍ଥାନୀୟ ଅଞ୍ଚଳବାସୀଙ୍କ ଲୋ-ଭୋଲ୍ଟେଜ୍ ସମସ୍ୟା ଦୂର କରିବାରେ ସକ୍ଷମ ହେବ । ଫଳରେ ସ୍ଥାନୀୟ ବାସିନ୍ଦାଙ୍କ ବହୁ ଦିନର ସମସ୍ୟା ମଧ୍ୟ ଦୂର ହେବ । ଖାଲି ସେତିକି ନୁହଁ, ସୁରକ୍ଷାକୁ ଦୃଷ୍ଟିରେ ରଖି ଟିପିଏନଓଡିଏଲ ପକ୍ଷରୁ ପୂର୍ବରୁ ଥିବା ପୁରୁଣା ବାଡ଼କୁ ପରିବର୍ତ୍ତନ କରାଯାଇ ନୂତନ ପାଚେରୀ ନିର୍ମାଣ କରାଯାଇଛି । ବିଦ୍ୟୁତ ଉପଭୋକ୍ତାମାନଙ୍କୁ ଗୁଣାତ୍ମକ ସେବା ଯୋଗାଇବା ପାଇଁ ଟିପିଏନଓଡିଏଲ ସର୍ବଦା ପ୍ରୟାସରତ ଥିବାବେଳେ ବିଗତ କିଛି ଦିନ ମଧ୍ୟରେ ଭିତ୍ତିଭୂମିଗୁଡିକରେ ଅନେକ ପରିବର୍ତ୍ତନ କରାଯାଇଛି । ଟିପିଏନଓଡିଏଲ ବିଦ୍ୟୁତ ସେବା ବିତରଣ ଜିଲ୍ଲାଗୁଡିକରେ ଉପଭୋକ୍ତାଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ଗ୍ରହଣ କରୁଛି ।

# ବିଜେଡ଼ିରେ ଯୋଗଦେଲେ ସମ୍ବଲପୁର ଜିଲ୍ଲା କଂଗ୍ରେସର ଯୁବନେତା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁର ଜିଲ୍ଲା କଂଗ୍ରେସର ଯୁବନେତା ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ସମସ୍ତ ଯୁବନେତାଙ୍କୁ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । କଂଗ୍ରେସ ଯୁବନେତାଙ୍କ ଯୋଗଦାନ ଫଳରେ ବିଶେଷକରି ସମ୍ବଲପୁର ଜିଲ୍ଲାରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର କହିଥିଲେ । ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା କଂଗ୍ରେସ ନେତାମାନେ ପ୍ରତିକ୍ରିୟାରେ କହିଥିଲେ ଯେ, ବିଜେଡ଼ିରେ ସାମିଲ ହୋଇ ଲୋକଙ୍କ ସେବା କରିହେବ । ଯୁବ ଓ ମହିଳାବର୍ଗଙ୍କ ପାଇଁ ଅନେକ କିଛି କରିଛନ୍ତି ମୁଖ୍ୟମନ୍ତ୍ରୀ । ଦେଶରେ ସବୁଠାରୀ ଶୀର୍ଷରେ ଅଛନ୍ତି ମୁଖ୍ୟମନ୍ତ୍ରୀ । ଓଡ଼ିଶା ସାରା ଭାରତବର୍ଷରେ ୧ ନମ୍ବରରେ ପହଞ୍ଚିବ । ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲୁ । ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଆମକୁ ଯାହା ଦାୟିତ୍ୱ ଦେବେ ତାକୁ ସୁଚାରୁ ରୂପେ ତୁଲାଇବୁ । ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ । ଏହି ମିଶ୍ରଣ ପର୍ବରେ ଓଡ଼ିଶା ପ୍ରଦେଶ କଂଗ୍ରେସ ଓବିସି ସେଲ୍ ଉପାଧ୍ୟକ୍ଷ ଆଶୁତୋଷ ସ୍ୱାଇଁ, ସମ୍ବଲପୁର ଜିଲ୍ଲା ଯୁବ କଂଗ୍ରେସ ସଭାପତି ପ୍ଲାବନ ବୋହିଦାର, ଏନ୍‌ଏସ୍‌ୟୁଆଇ ସମ୍ବଲପୁର ଜିଲ୍ଲା ସଭାପତି ଗିରେଶ ଚନ୍ଦ୍ର ପୁଜେଠ, ସମ୍ବଲପୁର ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଶେଖ୍ ହାସିମ୍, ସମ୍ବଲପୁର ଜିଲ୍ଲା ଟାଉନ୍ ସଭାପତି ସରୋଜ ବଞ୍ଛୋର, ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ବିକାଶ ବେହେରା, ନୀଳକଣ୍ଠ ମେସୁଆ, ସମ୍ବଲପୁର ଲୋକସଭା ସୋସିଆଲ ମିଡ଼ିଆ କୋ-କୋର୍ଡିନେଟର ମୁକେଶ ନାୟକ, ସମ୍ବଲପୁର ଜିଲ୍ଲା ଯୁବ କଂଗ୍ରେସ ସମ୍ପାଦକ ଦିବାକର ବାଗ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ଲକ କଂଗ୍ରେସ ପକ୍ଷରୁ ଜୋନ୍ ସ୍ତରୀୟ କର୍ମୀ ସମ୍ମିଳନୀ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ବ୍ଲକ କଂଗ୍ରେସ ପକ୍ଷରୁ ୪ ନମ୍ବର ଜୋନ୍‌ର ଜୋନ୍ ସ୍ତରୀୟ କର୍ମୀ ସମ୍ମିଳନୀ ସ୍ଥାନୀୟ କାଦୁଅପଡା ସ୍ଥିତ ତୁଳସୀ ଗାଦି ଠାରେ ବ୍ଲକ କଂଗ୍ରେସ ସଭାପତି ମାନସ କୁମାର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ରୂପେ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ ଯୋଗଦେଇ କଂଗ୍ରେସ କର୍ମୀମାନଙ୍କୁ ସଂଗଠିତ ହେବାକୁ ଆହ୍ୱାନ ଦେବା ସହ ଜନବିରୋଧୀ ବିଜେପି ଓ ବିଜେଡ଼ି ସରକାରଙ୍କ ବିଫଳତା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ପାଇଁ ଆହ୍ୱାନ ଦେଇଥିଲେ । ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ବିପ୍ଲବ ଚୌଧୁରୀ ଆଗାମୀ ଲୋକସଭା ଓ ବିଧାନସଭା ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ଏକତ୍ରିତ ହୋଇ କାମ କରିବାକୁ ଉପସ୍ଥିତି କର୍ମୀମାନଙ୍କୁ ଆହ୍ୱାନ କରିଥିଲେ । ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ପ୍ରସନ୍ନ କୁମାର ସାମନ୍ତରାୟ, ଜିଲ୍ଲା ସଂଖ୍ୟାଲଘୁ ବିଭାଗ ଅଧ୍ୟକ୍ଷ ଇମତିୟାଜ ଅହମ୍ମଦ ଖାନ, ମୁଦୁପୁର ପୂର୍ବତନ ସରପଞ୍ଚ ପ୍ରିୟନାଥ ରାୟ, କାଦୁଅପଡା ସରପଞ୍ଚ ପ୍ରମୋଦ କୁମାର ସାହୁ, ବଳରାମ ସରପଞ୍ଚ ଅଞ୍ଜନ ସାମଲ, ପିତେଇପୁର ସମିତି ସଭ୍ୟ ହିମାଂଶୁ ଭୂଷଣ ପରିଡ଼ା, ପୂର୍ବତନ ସମିତି ସଭ୍ୟ କାଳନ୍ଦୀ ଖଟୁଆ, ବଳରାମ ପଞ୍ଚାୟତ ସଭାପତି ଶରତ ଦାଶ, ଓଡ଼ିଶୋ ପଞ୍ଚାୟତ ସଭାପତି ଭଗବାନ ବିଶ୍ୱାଳ, ପିତେଇପୁର ପଞ୍ଚାୟତ ସଭାପତି ହେଦାୟତ ଅଲ୍ଲୀ, ମୁଦୁପୁର ସଭାପତି ରାମଚନ୍ଦ୍ର ଦାଶ, ବିଧାନସଭା ଯୁବ କଂଗ୍ରେସ ଉପ ସଭାପତି ସୁବ୍ରତ ପଣ୍ଡା, କାଦୁଅପଡା ସେବା ସମବାୟ ସମିତି ସଭାପତି ଦୀପ୍ତି ରଞ୍ଜନ ତାରେଣିଆ, କଂଗ୍ରେସ କର୍ମକର୍ତ୍ତା ଅବନୀକାନ୍ତ ମହାରଣା, ଦ୍ୱାରିକାନାଥ ମହାପାତ୍ର, ଦେବାଶିଷ ତ୍ରିପାଠୀ, ପ୍ରତାପ ଚନ୍ଦ୍ର ବାରିକ, ଉମେଶ ସ୍ୱାଇଁ, ସଦାଶିବ ସ୍ୱାଇଁ, ଭଗବାନ ସ୍ୱାଇଁ, ନିରଞ୍ଜନ ପାଳ, ନିମାଇଁ ଚରଣ ଦାସ, ପଦ୍ମଚରଣ ଦାସ, ଗଗନ ବାରିକ, ରବି ନାରାୟଣ କାନୁନ୍‌ଗୋ, ସୁକଦେବ ଦାସ ପ୍ରମୁଖ ଉପସ୍ଥିତ ରହି କର୍ମୀ ସମ୍ମିଳନୀକୁ ସଫଳ କରାଇଥିଲେ ।

# କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀରେ ବିଜେପି ପକ୍ଷରୁ ପ୍ରଚାର ଅଭିଯାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡାରେ ଚଳିତ ନିର୍ବାଚନ ପରିପ୍ରେକ୍ଷୀରେ ବିଜେପି ପକ୍ଷରୁ ପ୍ରଚାର ଅଭିଯାନକୁ ତୀବ୍ର ଗତି ପ୍ରଦାନ କରାଯାଇଛି । ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡା କୋଲସଭା ନିର୍ବାଚନ ମଣ୍ଡଳୀ କ୍ଷେତ୍ର ଅନ୍ତର୍ଗତ କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀରେ ଜନ ସମ୍ପର୍କ ଅଭିଯାନକୁ ଆଗେଇ ନେଇଛନ୍ତି । ତାଙ୍କ ପ୍ରାର୍ଥୀତ୍ୱକୁ ସମର୍ଥନ କରି ବରିଷ୍ଠ ନାରୀ ନେତ୍ରୀ ତଥା ବିଜେପି କୋର୍ କମିଟି ସଦସ୍ୟା ଡ଼ଃ ଜ୍ୟୋତ୍ସ୍ନାରାଣୀ ଜେନା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାରୋ, କଳପଡା, ଆୟବା, ଏଣ୍ଡର, ପୁରୁଷୋତ୍ତମପୁର ପ୍ରଭୃତି ପଞ୍ଚାୟତ ମାନଙ୍କରେ ମହିଳା ଭୋଟର ମାନଙ୍କୁ ସମ୍ପର୍କ କରି ବିଜେପି ସପକ୍ଷରେ ମତଦାନ ପାଇଁ ପ୍ରଚାର ଅଭିଯାନ ଚଳାଇଥିବା ଦେଖିବାକୁ ମିଳିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୦ ବର୍ଷର କେନ୍ଦ୍ର ସରକାର ଦେଶର ବିକାଶ ଓ ଉନ୍ନୟନ ମୂଳକ କାର୍ଯ୍ୟର ଫଳାଫଳ ଭୋଟର ମାନଙ୍କ ନିକଟରେ ପହଞ୍ଚାଇବା ସହ ତୃତୀୟ ଥର ପାଇଁ ମୋଦୀଙ୍କୁ ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ କରିବାକୁ ଭୋଟର ମାନଙ୍କୁ ପ୍ରବର୍ତ୍ତାଉଥିବା ଦେଖିବାକୁ ମିଳୁଛି । ଏହାସହ କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ଗଠନ ପାଇଁ ବିଭିନ୍ନ ପଞ୍ଚାୟତରେ ମହିଳା ମାନଙ୍କୁ ଏକତ୍ରୀତ କରି ବିଜେପି ସପକ୍ଷରେ ଡ଼ଃ ଜ୍ୟୋତ୍ସ୍ନାରାଣୀ ଜେନା ପ୍ରଚାର ମଙ୍ଗ ଧରିଛନ୍ତି । ଏହି ପରିପ୍ରେକ୍ଷୀରେ ଡ଼ଃ ଜେନାଙ୍କୁ ବିଭିନ୍ନ ପଞ୍ଚାୟତରେ ବ୍ୟାପକ ସମ୍ବର୍ଦ୍ଧନା ଓ ସ୍ୱାଗତ ଦିଆଯିବା ଦେଖିବାକୁ ମିଳୁଛି ।

# ମନ୍ଥର ଗତିରେ ଚାଲିଛି ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା:ଲୋକେ ହଟହଟା

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ ଗ୍ରାମ୍ୟ ଉନ୍ନୟନ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧିନରେ ଥିବା ଉଅଁରମୁହଁ ଆଜାଦ ବଜାର ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ରାସ୍ତା ଠିକାଦାରଙ୍କ ମର୍ଜିରେ ଓ ମନ୍ଥର ଗତିରେ ଚାଲୁଥିବାର ଅଭିଯୋଗ ହୋଇଛି । ଏହି କାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି । ଏହି ରାସ୍ତାଟି ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଦାୟିତ୍ୱ ହୀନତା ତଥା କର୍ତ୍ତବ୍ୟରେ ଚରମ ଅବହେଳା କାରଣରୁ ମରଣଯନ୍ତାରେ ପରିଣତ ହୋଇଥିବାର ଅଭିଯୋଗ ହୋଇଛି । ଏହାର ତଦନ୍ତ ଦାବି ହୋଇଛି । ନିଶ୍ଚିନ୍ତକୋଇଲି ବ୍ଲକ ଫଗୋଲ ଗ୍ରାମପଞ୍ଚାୟତ ଉଅଁଣମୁହଁ ଠାରୁ ଜୟରାମପୁର ଗ୍ରାମପଞ୍ଚାୟତ ଆଜାଦ ବଜାର ପର୍ଯ୍ୟନ୍ତ ରାସ୍ତାକୁ ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ରାସ୍ତାରେ ଅନ୍ତର୍ଭୁକ୍ତ କରାଯାଇଥିଲା । ଏଥିନିମନ୍ତେ ୧ କୋଟିରୁ ଉର୍ଦ୍ଧ ଟଙ୍କା ମଞ୍ଜୁର କରାଯାଇଥିଲା । ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା । ସମ୍ପୃକ୍ତ ଠିକାଦାର ଅଟକଳ ଅନୁଯାଇ ଏହି କାର୍ଯ୍ୟ କରୁନଥିବାର ଅଭିଯୋଗ ହୋଇଛି । ରାସ୍ତା ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଉଥିବାରୁ ରାସ୍ତାର ସ୍ଥାୟୀତ୍ୱ ନେଇ ସନ୍ଦେହ ପ୍ରକାଶ ପାଇଛି । ସେହିପରି ଭାବେ ରାସ୍ତାର ଉଭୟ ପାର୍ଶ୍ୱରେ ନିର୍ମାଣ କରାଯାଇଥିବା ଗାର୍ଡୱାଲ କାର୍ଯ୍ୟ ମଧ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ସେହିପରି ଭାବେ ଠିକାଦାର ରାସ୍ତାର ଉଭୟ ପାର୍ଶ୍ୱକୁ ବହୁ ସ୍ଥାନରେ ଖୋଳିଦେଇଥିବା କାରଣରୁ ରାସ୍ତାଟି ଖୋଲାମେଲାରେ ବିପଦ ସଙ୍କୁଳ ଅବସ୍ଥାରେ ପଡିରହିଛି । ଏପରିକି ରାସ୍ତା ମଧ୍ୟରେ ମଧ୍ୟ ବିଦ୍ୟୁତ ଖୁଣ୍ଟ ଓ ବଡ଼ ବଡ଼ ଗଛମାନ ରହିଛି । ଏହି ବିଦ୍ୟୁତ ଖୁଣ୍ଟ ଉଚ୍ଛେଦ କରାନଯାଇ ଓ ରାସ୍ତା ପାର୍ଶ୍ୱରୁ ଗଛ ହଣାନଯାଇ କିପରି ରାସ୍ତା ନିର୍ମାଣ କରାଯାଉଛି ତାହା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ରାସ୍ତା ଉପରେ ଗମନା ଗମନ କରିବା ନିମନ୍ତେ ସ୍ଥାନୀୟ ନିଶ୍ଚିନ୍ତକୋଇଲି ବ୍ଲକ ବରାଦୋ, ଫଗୋଲ, ଜିଗ୍ନିପୁର, ଜୟରାମପୁର, ସାଲେପୁର ବ୍ଲକର ରାଇସୁଙ୍ଗୁଡା ସମେତ ବହୁ ପଞ୍ଚାୟତର ଶହ ଶହ ଲୋକ ସ୍କୁଲ କଲେଜ ଛାତ୍ରଛାତ୍ରୀମାନେ ନିର୍ଭର କରିଥାନ୍ତି । ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଥିବାରୁ ଲୋକେ ଗମନା ଗମନ ନିମନ୍ତେ ନାହିଁନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି । ଏପରିକି ଜରୁରୀ କାଳୀନ ପରିସ୍ଥିତିରେ ସ୍ଥାନୀୟ ଗ୍ରାମଗୁଡିକୁ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡି ଯାଇଆସିପାରୁନାହିଁ । ଫଳରେ ବହୁ ସମୟରେ ଗର୍ଭବତୀ ପ୍ରସୂତୀ ମହିଳା, ରୋଗାଗ୍ରସ୍ତ ଲୋକେ ସର୍ବୋପରି କୋମଳମତୀ ଶିଶୁମାନେ ଚିକିତ୍ସା ନିମନ୍ତେ ଯାଇନପାରି ଅକାଳରେ ମୃତ୍ୟୁମୁଖରେ ପଡୁଥିବାର ଅଭିଯୋଗ ହୋଇଛି । ଅପରପକ୍ଷରେ ଠିକାଦାର ମନମୁଖି ଭାବେ ନିମ୍ନମାନର କାର୍ଯ୍ୟ କରୁଥିଲା ବେଳେ କୌଣସି ବିଭାଗୀୟ ଅଧିକାରୀ କାର୍ଯ୍ୟର ତଦାରଖ କରୁନଥିବାର ଅଭିଯୋଗ ହୋଇଛି । ଆଗକୁ ବର୍ଷା ଋତୁ ଆସୁଥିବା କାରଣରୁ କେନାଲରେ ପାଣିଯିବା ନେଇ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି । ସେହିପରି ଭାବେ ଏହି ଅଞ୍ଚଳଟି ପ୍ରତିବର୍ଷ ଜଳ ପ୍ଲାବିତ ହେଉଥିବା କାରଣରୁ ରାସ୍ତା ଉଭୟ ପାର୍ଶ୍ୱ ଖୋଲାମେଲାରେ ପଡିରହିଥିବା କାରଣରୁ ଏହାଲୋକଙ୍କ ନିମନ୍ତେ ମରଣଯନ୍ତା ପାଲଟିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତପ୍ରକାଶ ପାଇଛି । ଏ ସମ୍ପର୍କରେ ଆମ ପ୍ରତିନିଧି ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ରଣାଙ୍କୁ ପଚାରିବାରୁ ସେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ମତବ୍ୟକ୍ତ କରିଛନ୍ତି ।

# ଧର୍ମଶାଳା ବିଧାୟକଙ୍କ ଦ୍ୱାରା ମାରାଥନ ପ୍ରଚାର

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ବିଧାୟକଙ୍କ ଦ୍ୱାରା ମାରାଥନ ପ୍ରଚାର କରାଯାଇଛି । ଧର୍ମଶାଳା ବ୍ଲକ ବିଜୁ ଜନତା ଦଳର ସଭାପତି ଜଳଧର ମହାନ୍ତିଙ୍କ ସଭାପତିତ୍ୱରେ ୧୪ନଂ ଏବଂ ୧୫ନଂ ଜୋନ୍ ଠାରେ ବିଜୁ ଜନତା ଦଳ ତରଫରୁ ୨ଟି ବିଶାଳ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଯାଜପୁର ସାଂସଦ ପ୍ରାର୍ଥୀନୀ ଶର୍ମିଷ୍ଠା ସେଠୀ ଯୋଗଦେଇ ସେ ବିଗତ ୫ ବର୍ଷରେ କରିଥିବା ଉନ୍ନତି ମୂଳକ କାର୍ଯ୍ୟର ହିସାବ ରଖିବା ସହିତ ସଂସଦରେ ଉଠାଇଥିବା ପ୍ରସଙ୍ଗମାନ ଉଲ୍ଲେଖ କରିଥିଲେ । ଯାଜପୁରକୁ ଟ୍ରେନ୍ ସଂଯୋଗୀକରଣ କଥା ହେଉ କି ମେଡିକାଲ କଥା ହେଉ ସବୁଥିରେ ସେ ତାଙ୍କ ଲଢ଼େଇ ଜାରି ରଖିଥିବା କଥା କହିଥିଲେ । ବିଧାୟକ ପ୍ରଣବ ବଳବନ୍ତରାୟ ଯୋଗଦେଇ ଧର୍ମଶାଳାର ବିକାଶ କ୍ଷେତ୍ରରେ ବିଜୁ ଜନତା ଦଳର ଅବଦାନ କଥା ଆଲୋକପାତ କରିବା ସହିତ ୧୫ନଂ ଜୋନ୍ ତାଙ୍କର ମାମୁଁ ଘର କଥା କହିଥିଲେ । ନିକଟରେ ଯେଉଁ ନିର୍ବାଚନ ହୋଇଥିଲା ଆପଣମାନେ ବିଜୁ ଜନତା ଦଳକୁ ଏକ ତରଫା ଆର୍ଶୀବାଦ ଦେଇଥିବା ପ୍ରକାଶ କରିଥିଲେ । ଏବଂ ୧୪ନଂ ଜୋନ୍ ଧର୍ମଶାଳାର ମୁଖଶାଳା, ଧର୍ମଶାଳାରେ ଯେକୌଣସି ବିକାଶ କାର୍ଯ୍ୟ ହୁଏ ତାହା ୧୪ନଂରୁ ଆରମ୍ଭ ହୁଏ ବୋଲି ପ୍ରକାଶ କରିଥିଲେ ଏବଂ ନବୀନ ପଟ୍ଟନାୟକଙ୍କୁ ଯୋଡ଼ି ଶଙ୍ଖ ମାଧ୍ୟମରେ ଗୋଟିଏ ବିଧାୟକ ଓ ଅନ୍ୟ ଗୋଟେ ଏମପି ପାଇଁ ଆର୍ଶୀବାଦ କରିବାକୁ ଅନୁରୋଧ କରିଥିଲେ । ଧର୍ମଶାଳା ପଞ୍ଚାୟତ ସମିତିର ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ୨ଟି ଯାକ ବିଶାଳ କର୍ମୀ ସମାବେଶର ନେତୃତ୍ୱ ନେବା ସହିତ ସମସ୍ତଙ୍କୁ ଆହ୍ୱାନ କରିଥିଲେ । ଧର୍ମଶାଳାରେ ଏଥର ରେକର୍ଡ଼ ସଂଖ୍ୟକ ବ୍ୟବଧାନରେ ଭୋଟ୍ ପ୍ରଦାନ କରି ନବୀନ ପଟ୍ଟନାୟକଙ୍କୁ ବିଜୟୀ କରି ସେ କରିଥିବା ଉନ୍ନତି ମୂଳକ କାର୍ଯ୍ୟର ଋଣ ପରିଶୋଧ କରିବା ଏବଂ ଏହି ସଭାରେ ଅଜୟ ନାୟକ ୧୫ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ଚକ୍ରଧର ବେହେରା ଏବଂ ପ୍ରୟତଃ ୨୦ ହଜାରରୁ ଉର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ ।

# ନିର୍ବାଚନ ପାଇଁ ସରକାରୀ ପ୍ରେସରେ ଚାଲିଛି ବାଲାଟ ପେପର ଛପା

**କଟକ, ନ୍ୟୁଜ୍ ବ୍ୟୁରୋ**

ସାଧାରଣ ନିର୍ବାଚନ ପାଇଁ ସରକାରୀ ପ୍ରେସ୍‌ରେ ଜୋରସୋର୍‌ରେ କାର୍ଯ୍ୟ ଚାଲିଛି । ଭୋଟର ସ୍ଲିପ୍ ଠାରୁ ଆରମ୍ଭ କରି ବାଲଟ ପେପର ପର୍ଯ୍ୟନ୍ତ ନିର୍ବାଚନରେ ବ୍ୟବହୃତ ହେଉବ ସମସ୍ତ କାଗଜପତ୍ର ଛପା ଯାଉଛି । ପାଖାପାଖି ୨୩୦ ପ୍ରକାରର କାଗଜପତ୍ର ଯଥା ବିଭିନ୍ନ ଫର୍ମ, ଏନ୍‌ଭଲପ୍ ଓ ନିର୍ବାଚନ ସଂକ୍ରାନ୍ତୀୟ ବିଭିନ୍ନ ନିୟମ କାନୁନ୍ ବୁକ୍‌ଲେଟ୍ ଆଦି ଲକ୍ଷାଧିକ ପରିମାଣରେ ଛପା ହେଉଛି । ବିଶେଷ କରି ନିର୍ବାଚନରେ ବ୍ୟବହାର ହେଉଥିବା ବାଲାଟ୍ ପେପର ପାଖାପାଖି ୧୧ ଲକ୍ଷ ୭୬ ହଜାର ଛପା ହେବ ବୋଲି ଜଣାପଡ଼ିଛି । ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ । ପ୍ରଥମ ପର୍ଯ୍ୟାୟ ନିର୍ବାଚନ ମେ' ୧୩ ତାରିଖରେ ଆରମ୍ଭ ହେବାକୁ ଥିବାବେଳେ ଏପ୍ରିଲ୍ ୧୮ରୁ ନୋଟିଫିକେସନ୍ ହୋଇସାରିଛି । ଏଥିପାଇଁ ୨୫ ତାରିଖ ନାମାଙ୍କନର ଶେଷ ତାରିଖ ରହିଛି । ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଭୋଟ ମେ' ୨୦ରେ ରହିଥିବାବେଳେ ତୃତୀୟ ପର୍ଯ୍ୟାୟ ଭୋଟ ମେ' ୨୫ ତାରିଖ ଏବଂ ଚତୁର୍ଥ ପର୍ଯ୍ୟାୟ ଭୋଟ ବା ଓଡ଼ିଶାରେ ଶେଷ ପର୍ଯ୍ୟାୟ ଭୋଟ୍ ଭାବେ ଜୁନ୍ ୧ରେ ଅନୁଷ୍ଠିତ ହେବ । ଏଥିପାଇଁ ଖପୁରିଆରେ ଥିବା ସରକାରୀ ପ୍ରେସ୍‌ରେ ୨୦୨୩ ଜୁଲାଇ ମାସରୁ କାର୍ଯ୍ୟ ଆରମ୍ଭ ହୋଇଛି । ପ୍ରାଥମିକ ପର୍ଯ୍ୟାୟରେ ନାମାଙ୍କନ ଫର୍ମ, ପ୍ରାର୍ଥୀପତ୍ର ପ୍ରତ୍ୟାହାର ଫର୍ମ, ପୋଷ୍ଟର, ଭୋଟର ସ୍ଲିପ୍, ପ୍ରିଜାଇଡିଂ ଅଫିସର ହ୍ୟାଣ୍ଡ ବୁକ୍, ପୋଲିଂ ଅଫିସର ହ୍ୟାଣ୍ଡବୁକ୍, ପୁଲିସ୍ ଅଫିସର ହ୍ୟାଣ୍ଡବୁକ୍, ସେକ୍ଟର ଅଫିସର ହ୍ୟାଣ୍ଡବୁକ୍ ଏବଂ ୧୫୦ ପ୍ରକାରର ବିଭିନ୍ନ ସାଇଜ୍ ଏବଂ ବିଭିନ୍ନ ସେଟ୍‌ର ଏନ୍‌ଭଲପ୍ ମଧ୍ୟ ଛପା ହେଉଛି । ଏହିସବୁ ଲକ୍ଷାଧିକ ପରିମାଣରେ ଛପା ହେବାକୁ ଥିବାରୁ ୨୦୨୩ ଜୁଲାଇ ମାସରୁ କାର୍ଯ୍ୟ ଆରମ୍ଭ ହୋଇଛି । ମେ' ୧୩ ତାରିଖରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ଜାରି ହୋଇଥିବା ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ଠାରୁ ଅର୍ଥାତ୍ ଏପ୍ରିଲ ୨୯ ତାରିଖରୁ ବାଲାଟ୍ ପେପର ଛପା ଆରମ୍ଭ ହେବ । ସେହିପରି ପର୍ଯ୍ୟାୟ କ୍ରମେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ପ୍ରାର୍ଥୀଙ୍କ ନାମ ଓ ଦଳଚିହ୍ନ ସ୍ଥିର ହୋଇଥାଏ । ସେହି ଅନୁସାରେ ବାଲାଟ୍ ପେରର ଜିଲ୍ଲାର ଆବଶ୍ୟକତା ଅନୁସାରେ ଛପା ହେବ । ପୋଷ୍ଟାଲ ବାଲଟ୍ ଓ ଇଭିଏମ୍ ଡିସ୍ପ୍ଲେ ବାଲଟ୍‌କୁ ମିଶାଇ ପ୍ରତି ନିର୍ବାଚନମଣ୍ଡଳୀ ପାଇଁ ୮ ହଜାର ଲେଖାଏଁ ବାଲଟ୍ ପେପର ଛପା ହେବାକୁ ସ୍ଥିର ହୋଇଥିବା ବେଳେ ୧୪୭ ନିର୍ବାଚନମଣ୍ଡଳୀ ପାଇଁ ୧୧ ଲକ୍ଷ ୭୬ ହଜାର ବାଲଟ୍ ପେପର ଛପା ହେବାକୁ ସ୍ଥିର କରାଯାଇଛି । ଏହା ଛପା ହେବା ପରେ ଜିଲ୍ଲା ନିର୍ବାଚନ ଅଧିକାରୀ କଣ୍ଟ୍ରୋଲ ରୁମ୍ କିମ୍ବା ସୁରକ୍ଷିତ ସ୍ଥାନରେ ରଖାଯାଇଥାଏ ବୋଲି ସରକାରୀ ପ୍ରେସ୍ ପକ୍ଷରୁ କୁହାଯାଇଛି ।

# ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ଅଧ୍ୟକ୍ଷ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ରବି ଋତୁ ଧାନ କିଣାବିକା ପାଇଁ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ଅଧ୍ୟକ୍ଷ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ମେ'୧୭ ତାରିଖରୁ ରାୟଗଡା ଜିଲ୍ଲାରେ ରବି ଋତୁର ଧାନ କ୍ରୟ ନିମନ୍ତେ ମଣ୍ଡି ଆରମ୍ଭ କରାଯିବାକୁ ନେଇ ବୈଠକରେ ନିଷ୍ପତି ପ୍ରକାଶ ପାଇଥିଲା । ବୈଠକରେ ଜିଲ୍ଲା ଖାଦ୍ୟ ଯୋଗାଣ ଅଧିକାରୀ ଦାଶରଥୀ ସୋରେନ ଗତ ୨୦୨୩-୨୪ ଆର୍ଥିକ ବର୍ଷର ଖରିଫ ଋତୁ ଫସଲ ଲକ୍ଷ୍ୟ ଧାର୍ଯ୍ୟକୁ ନେଇ ସଂଗ୍ରହ ହୋଇଥିବା ଧାନ ଓ ଚାଉଳ ସମ୍ପର୍କରେ ଉପସ୍ଥାପନା କରିଥିବା ବେଳେ ଗତ ୨୦୨୨-୨୩ ଆର୍ଥିକ ବର୍ଷର ରବି ଋତୁରେ ଜିଲ୍ଲାକୁ ମିଳିଥିବା ଲକ୍ଷ୍ୟ ଧାର୍ଯ୍ୟ ଏବଂ ଧାନ କିଣାବିକା ସମ୍ବନ୍ଧୀୟ ବିସ୍ତୃତ ତଥ୍ୟ ଉପସ୍ଥାପନା କରିଥିଲେ । ସେହିପରି ୨୦୨୩-୨୪ ଆର୍ଥିକ ବର୍ଷର ରବି ଫସଲର ଧାନ କିଣାବିକାକୁ ନେଇ ୨୩୭ ଜଣ କୃଷକ ନିଜ ନାମ ପଞ୍ଜିକୃତ କରିଥିବା ବେଳେ ଏଥିରେ ୧୧୦ ଜଣ ନୂଆ ଏବଂ ୧୨୭ ଜଣ କୃଷକ ନିଜ ନବୀକରଣ କରିଥିବା ଜଣାପଡିଛି । ସେହିପରି ଜିଲ୍ଲାର ବିଷମକଟକ, ଗୁଡାରୀ, କଲ୍ୟାଣସିଂହପୁର, କୋଲନରା, ମୁନିଗୁଡା, ରାମନାଗୁଡା, ରାୟଗଡା ୭ଟି ଲ୍ୟାମ୍ପସ ଓ ରାୟଗଡାର ଗୋଟିଏ ଏମ୍‌ପିସିଏସ୍‌କୁ ମିଶାଇ ମୋଟ ୮ଟି ପ୍ୟାକ୍ସ ମାଧ୍ୟମରେ ଧାନ କ୍ରୟ କରାଯିବ ବୋଲି ଶ୍ରୀ ସୋରେନ ଉପସ୍ଥାପନା କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ସରକାରଙ୍କ ତରଫରୁ ଜିଲ୍ଲାର ଧାନ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ ତୁଳନାରେ ଚାଉଳ ସଂଗ୍ରହକୁ ନେଇ କୌଣସି ଲକ୍ଷ୍ୟ ଧାର୍ଯ୍ୟ ହୋଇନଥିବା ଶ୍ରୀ ସୋରେନ ପ୍ରକାଶ କରିଥିଲେ । ବୈଠକରେ ପୂର୍ବବର୍ଷ ପରି ଚଳିତ ବର୍ଷ ମଧ୍ୟ ମଣ୍ଡି ପରିଚାଳନା ଦାୟିତ୍ୱ ମିଲର୍ସମାନେ ତୁଲେଇବେ ବୋଲି ନିଷ୍ପତି ନିଆଯାଇଥିଲା । ସେହିପରି ଉପରୋକ୍ତ ପ୍ୟାକ୍ସଗୁଡିକରେ ପୂର୍ବବର୍ଷ ଭଳି ବିଭିନ୍ନ ବାର ଅନୁଯାୟୀ ଧାନ କ୍ରୟ କରାଯିବାକୁ ଥିବା ବେଳେ କେବଳ ରାମନଗୁଡା ବ୍ଲକର ଚାକୁଣ୍ଡା ଆରଏମସି ୟାର୍ଡରେ ଶୁକ୍ରବାର ସମେତ ପ୍ରତି ସପ୍ତାହର ବୁଧବାରରେ ମଧ୍ୟ ଚଳିତ ଥର ଧାନ କ୍ରୟ ପାଇଁ କୃଷକ ପ୍ରତିନିଧି ପ୍ରସ୍ତାବ ରଖିଥିଲେ । ରାୟଗଡା ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନ ଧାନ କିଣା ସମୟରେ ଚାଷୀଙ୍କୁ ମଣ୍ଡିରେ ସମସ୍ତ ସୁବିଧାସୁଯୋଗ ଯୋଗାଇ ଦେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଶେଷ କରି ମେ'ମାସର ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ମଣ୍ଡିଗୁଡିକରେ ଚାଷୀଙ୍କ ନିମନ୍ତେ ପାନୀୟ ଜଳ ସୁବିଧା, ବିଶ୍ରାମ ନେବା ପାଇଁ ଛାଇର ବ୍ୟବସ୍ଥା, ଶୌଚାଳୟ ବ୍ୟବସ୍ଥା ଏବଂ ନିୟମିତ ଭାବେ ଶୌଚାଳୟକୁ ସଫାସୁତୁରା ରଖିବାର ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପଜିଲ୍ଲାପାଳ କଲ୍ୟାଣ ସଂଘମିତ୍ରା ଦେବୀଙ୍କ ସମେତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମନୋଜ କୁମାର ପ୍ରଧାନ, ରାୟଗଡା ଓ ଗୁଣପୁର ଆରଏମସି ସମ୍ପାଦକ, ଚାଷୀ ଓ ମିଲର୍ସ ପ୍ରତିନିଧିମାନଙ୍କ ସମେତ ଅନ୍ୟ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ ।

# ଓଡ଼ିଶାରେ ପ୍ରଥମଥର ସମ୍ ହସ୍ପିଟାଲରେ ହାପ୍ଲୋଆଇଡେନ୍‌ଟିକାଲ୍ ହେମାଟୋପୋଇଟିକ୍ ଷ୍ଟେମ୍‌ସେଲ୍ ଟ୍ରାନ୍ସପ୍ଲାଣ୍ଟେସନ୍ ସଫଳ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରେ ପ୍ରଥମ ଥର ପାଇଁ ସ୍ଥାନୀୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର କ୍ଲିନିକାଲ୍ ହେମାଟୋଲୋଜି ବିଭାଗ ପକ୍ଷରୁ ଆକ୍ୟୁଟ୍ ମାଇଲଏଡ ଲ୍ୟୁକେମିଆ (ଏଏମ୍‌ଏଲ୍) ସମସ୍ୟାରେ ପୀଡ଼ିତା ଜଣେ ୫୧ ବର୍ଷୀୟା ମହିଳାଙ୍କ ଶରୀରରେ ହାପ୍‌ଲୋଆଇଡେନ୍‌ଟିକାଲ୍ ହେମାଟୋପୋଇଟିକ୍ ଷ୍ଟେମ୍ ସେଲ୍ ଟ୍ରାନ୍ସପ୍ଲାଂଟେସନ୍ (ଏଚ୍‌ଏସ୍‌ସିଟି) ସଫଳତାର ସହ କରାଯାଇଛି । ଏହି ହାପ୍ଲୋଆଇଡେନ୍‌ଟିକାଲ୍ ପ୍ରତ୍ୟାରୋପଣ ଏକ ପ୍ରକାର ଆଲୋଜେନିକ୍ ପ୍ରତ୍ୟାରୋପଣ ଯେଉଁଥିରେ କି ଅଧା ମେଳ ଖାଉଥିବା ଡୋନରର ସୁସ୍ଥ ଓ ରକ୍ତ ପ୍ରସ୍ତୁତକାରୀ କୋଷ ଗୁଡ଼ିକୁ କଢ଼ାଯାଇ ରୋଗୀର ଅସୁସ୍ଥ କୋଷ ବଦଳରେ ସ୍ଥାନୀତ କରାଯାଏ ବୋଲି ବୁଧବାର ସମ୍ ହସ୍ପିଟାଲର କ୍ଲିନିକାଲ୍ ହେମାଟୋଲୋଜି, ହେମାଟୋଅଙ୍କୋଲୋଜି ଏବଂ ହେମାଟୋପୋଇଟିକ୍ ଷ୍ଟେମ୍ ସେଲ୍ ଟ୍ରାନ୍ସପ୍ଲାଂଟ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ପ୍ରିୟଙ୍କା ସାମଲ କହିଛନ୍ତି । ରୋଗୀଙ୍କ ନିମନ୍ତେ ଡୋନର୍ ତାଙ୍କ ନିଜ ଝିଅ ହୋଇଥିବା ବେଳେ ତାଙ୍କ ଶରୀରର ହ୍ୟୁମାନ୍ ଲ୍ୟୁକୋସାଇଟ୍ ଆଂଟିଜେନ୍ସ (ଏଚ୍‌ଏଲ୍‌ଏ) ରୋଗୀଙ୍କ ସହିତ ଅଧା ମେଳ ଖାଇଥିଲା । ପ୍ରତ୍ୟାରୋପଣ ପରେ ରୋଗୀଙ୍କ ଶରୀରରେ କିଛିଟା ସମସ୍ୟା ଦେଖା ଦେଇଥିଲେ ମଧ୍ୟ ସେଗୁଡ଼ିକୁ ଖୁବ୍ ଭଲ ଭାବେ ଏବଂ ଯଥାଶୀଘ୍ର ସୁଧାରି ଦିଆଯାଇଥିଲା ବୋଲି ଡାକ୍ତର ସାମଲ ସାମ୍ବାଦିକମାନଙ୍କୁ ସୂଚନା ଦେବା ସହ ରାଜ୍ୟରେ ପ୍ରଥମ ଥର ପାଇଁ ଏହି ସଫଳ ହାପ୍ଲୋ ପ୍ରତ୍ୟାରୋପଣ ସୁଲଭ ଖର୍ଚ୍ଚରେ କରାଯାଇଥିବା କହିଛନ୍ତି । ଡାକ୍ତର ସାମଲ କହିଥିଲେ ଯେ କିଛି ମାସ ତଳେ ସେ ଟରୋଂଟୋ ସ୍ଥିତ ପ୍ରିନ୍‌ସେସ୍ ମାର୍ଗାରେଟ୍ କ୍ୟାନ୍ସର ସେଣ୍ଟର ଠାରେ ଏହି ହାପ୍ଲୋ ପ୍ରତ୍ୟାରୋପଣ ସମ୍ପର୍କିତ ପ୍ରଶିକ୍ଷଣ ନେଇ ଫେରିଥିଲେ । ଏହି ସମସ୍ୟାରେ ପୀଡ଼ିତ ରୋଗୀଙ୍କ ମୃତ୍ୟୁହାରକୁ ହ୍ରାସ କରିବା ସହ ଉତ୍ତମ ଚିକିତ୍ସା ତାଙ୍କର ପ୍ରଶିକ୍ଷଣ ନେବାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଥିଲେ । ଏହି ପ୍ରତ୍ୟାରୋପଣ ତାଙ୍କ ବିଭାଗର ସମସ୍ତଙ୍କ ପାଇଁ ଅତ୍ୟନ୍ତ ଶିକ୍ଷଣୀୟ ଥିଲା ବୋଲି ସେ କହିଛନ୍ତି । ରୋଗୀ ଜଣକ ସୁସ୍ଥ ରୁହନ୍ତୁ ବୋଲି ଆମେ ପ୍ରାର୍ଥନା କରୁଛୁ କାରଣ ଏହି ସମସ୍ୟାରେ 'ଗ୍ରାଫ୍ଟ ଭର୍ସେସ୍ ହୋଷ୍ଟ ଡିଜିଜ୍' (ଜିଭିଏଚ୍‌ଡି) ଦେଖାଦେଲେ ପ୍ରତ୍ୟାରୋପଣର ପ୍ରତିରୋଧକ କୋଷଗୁଡ଼ିକ ରୋଗୀ ଶରୀରର କୋଷ ଗୁଡ଼ିକୁ ଆକ୍ରମଣ କରିବାର ଆଶଙ୍କା ରହିଥାଏ । ତେବେ ରୋଗୀ



ଜଣକ ସୁରକ୍ଷିତ ଭାବେ ପ୍ରତ୍ୟାରୋପଣର ୪୫ ଦିନ ଅତିକ୍ରମ କରିସାରିଛନ୍ତି ବୋଲି ସେ କହିଥିଲେ । ପ୍ରତ୍ୟାରୋପଣ ସମ୍ପର୍କିତ ମୃତ୍ୟୁ ହାର ପ୍ରାୟ ୩୦ ପ୍ରତିଶତ ରହିଥିବା ବେଳେ ଏଭଳି ମାମଲାରେ ରୋଗର ପୁନରାବର୍ତ୍ତନର ଆଶଙ୍କା ପ୍ରାୟ ୪୦ ପ୍ରତିଶତ ରହିଥାଏ । ଡାକ୍ତର ସାମଲ କହିଥିଲେ ଯେ ରୋଗୀର ନିଜ ଭାଇ ଭଉଣୀଙ୍କ ମଧ୍ୟରେ ସମ୍ପୂର୍ଣ୍ଣ ଭାବେ ମେଳ ଖାଉଥିବା ଷ୍ଟେମ୍ ସେଲ୍ ପ୍ରତ୍ୟାରୋପଣ କ୍ଷେତ୍ରରେ ଅନେକ ସମୟରେ ଏଚ୍‌ଏସ୍‌ସିଟି ନିମନ୍ତେ ପ୍ରସ୍ତୁତ ପ୍ରତ୍ୟେକ ରୋଗୀଙ୍କ ନିମନ୍ତେ ଗୋଟିଏ ସୁସ୍ଥ ମେଳ ଖାଉଥିବା ମ୍ୟାଚ୍‌ଡ଼ ସିବ୍‌ଲିଙ୍ଗ ଡୋନର (ଏମ୍‌ଏସ୍‌ଡି) ମିଳିବା ସମ୍ଭବ ହୋଇପାରେ ନାହିଁ । ଜଣେ ରୋଗୀଙ୍କର ଭାଇଭଉଣୀ ମାନଙ୍କ ମଧ୍ୟରେ ୨୫ ପ୍ରତିଶତ ମେଳ ଖାଉଥିବାର ଦେଖିବାକୁ ମିଳୁଛି । ତେବେ ହାପ୍‌ଲୋଆଇଡେନ୍‌ଟିକାଲ୍ ଏଚ୍‌ଏସ୍‌ସିଟିରେ ୫୦ ପ୍ରତିଶତ ମେଳ ଖାଇବାର ଶତ ପ୍ରତିଶତ ସମ୍ଭାବନା ରହିଥିବା ଡାକ୍ତର ସାମଲ କହିଛନ୍ତି । ବିଜ୍ଞାନର ଅଗ୍ରଗତି ଓ ଜ୍ଞାନର ବିକାଶ ଫଳରେ ହାପ୍ଲୋ ପ୍ରତ୍ୟାରୋପଣ ବର୍ତ୍ତମାନ ଏହି ରୋଗୀମାନଙ୍କ ନିମନ୍ତେ ନୂତନ ଆଶା ସୃଷ୍ଟି କରିଛି ବୋଲି ସେ କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର, ଟ୍ରାନ୍ସଫ୍ୟୁଜନ୍ ମେଡିସିନ୍ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ଗିରିଜାନନ୍ଦିନୀ କାନୁନ୍‌ଗୋ ଏବଂ ହେମାଟୋ ଆଇସିୟୁର ଇନ୍‌ଚାର୍ଜ ଡାକ୍ତର ସନ୍ତୋଷ କୁମାର ସିଂହ ଉପସ୍ଥିତ ଥିଲେ । ପ୍ରଫେସର ସାମନ୍ତସିଂହାର କହିଥିଲେ ଯେ ଷ୍ଟେମ୍ ସେଲ୍ ଟ୍ରାନ୍ସପ୍ଲାଂଟେସନ୍ ନିମନ୍ତେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟର ଆବଶ୍ୟକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ଏଥିରେ କ୍ଲିନିକାଲ୍ ହେମାଟୋଲଜି, ଟ୍ରାନ୍ସଫ୍ୟୁଜନ୍ ମେଡିସିନ୍ ଓ ଲ୍ୟାବ୍ ହେମାଟୋଲଜି ବିଭାଗ ସଂପୃକ୍ତ ରହିଥାନ୍ତି । ଏହି ଚିକିତ୍ସା ୫ ରୁ ୧୦ ବର୍ଷ ତଳେ ଦେଶର ବଡ଼ ବଡ଼ ସହରର ଅଗ୍ରଣୀ ଡାକ୍ତରଖାନା ଗୁଡ଼ିକରେ ଉପଲବ୍ଧ ହେଉଥିଲା ଏବଂ ବ୍ୟୟସାପେକ୍ଷ ଅଟେ । ମାତ୍ର ସମ୍ ହସ୍ପିଟାଲ୍‌ରେ ଏହା ବର୍ତ୍ତମାନ ଓଡ଼ିଶାର ରୋଗୀମାନଙ୍କ ନିମନ୍ତେ ଉପଲବ୍ଧ ଅଟେ । ସେ କହିଥିଲେ ଯେ ସମ୍ ହସ୍ପିଟାଲ୍‌ରେ ଏ ପର୍ଯ୍ୟନ୍ତ ପ୍ରାୟ ୫୦ଟି ଷ୍ଟେମ୍ ସେଲ ଟ୍ରାନ୍ସପ୍ଲାଂଟେସନ୍ ହୋଇସାରିଥିବା ବେଳେ ଏହାର ପ୍ରାୟ ୭୦ ପ୍ରତିଶତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ କରାଯାଇଛି । ଡାକ୍ତର ସାମଲ କହିଥିଲେ ଯେ ରକ୍ତଦାନ ପରି ଷ୍ଟେମ ସେଲ୍ ଦାନ କରିବା ରକ୍ତ କର୍କଟ ଓ ଅନ୍ୟାନ୍ୟ ରକ୍ତ ଜନିତ ରୋଗର ଚିକିତ୍ସା ନିମନ୍ତେ ଅତ୍ୟନ୍ତ ସାହାଯ୍ୟକାରୀ ହୋଇପାରିବ । ତେଣୁ ଜନସାଧାରଣ ସେମାନଙ୍କ ଷ୍ଟେମ୍ ସେଲ୍ ଦାନ କରିବା ଦ୍ୱାରା ଏହି ରୋଗ ବିରୁଦ୍ଧରେ ଚାଲିଥିବା ଯୁଦ୍ଧରେ ସହଯୋଗ କରିପାରିବେ । ଜଣେ ବ୍ୟକ୍ତି ନିଜର ଷ୍ଟେମ୍ ସେଲ୍ ଦାନ କରିବାର ୭ ଦିନ ମଧ୍ୟରେ ଶରୀରରେ ଏହି ଷ୍ଟେମ୍ ସେଲ୍ ପୁଣି ସୃଷ୍ଟି ହୋଇଥାଏ ବୋଲି ସେ କହିଥିଲେ ।

# କଂଗ୍ରେସର ପ୍ରାଥମିକ ସଭ୍ୟରୁ ଇସ୍ତଫା ଦେଲେ ବିକ୍ରମ ଓ ସୁଶୀଲ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ପଦରୁ ଓ କଂଗ୍ରେସର ପ୍ରାଥମିକ ସଭ୍ୟପଦରୁ ଇସ୍ତଫା ଦେଇଛନ୍ତି ବିକ୍ରମ ପ୍ରଧାନ । ସେହିପରି ଜିଲ୍ଲା କଂଗ୍ରେସ କମିଟିର ଯୁବ ସଂଯୋଜକ ଓ ପ୍ରାଥମିକ ସଭ୍ୟପଦରୁ ଇସ୍ତଫା ଦେଇଛନ୍ତି ସୁଶୀଲ କୁମାର ହୋତା । ଏ ଦୁଇ ନେତା ଏନେଇ ଜିଲ୍ଲା କଂଗ୍ରେସ ସଭାପତିଙ୍କ ପାଖକୁ ଇମେଲ ଯୋଗେ ତାଙ୍କ ଇସ୍ତଫା ପତ୍ର ପଠାଇଛନ୍ତି । ଦୀର୍ଘ ୧୫ ବର୍ଷ ହେଲା ଦଳରେ ରହି ଦଳୀୟ ସଂଗଠନ କରିବା ସହିତ ଯେତେବେଳେ ଯାହା ଦାୟିତ୍ୱ ଦିଆଯାଇଛି ସୁଚାରୁରୂପେ କରି ଆସୁଥିବା ବେଳେ ଗତ କିଛି ଦିନ ହେଲା ଦଳରେ ତାଙ୍କର କୌଣସି ଆବଶ୍ୟକତା ଉପଲବ୍ଧି ହେଲାଭଳି ସେମାନେ ଅନୁଭବ କରୁନଥିବା ହେତୁ ଇସ୍ତଫା ଦେଇଥିବା ଏହି ଦୁଇ ନେତା ଦର୍ଶାଇଛନ୍ତି । ଏନେଇ ରାଜ୍ୟ ଛାତ୍ର କଂଗ୍ରେସ ସଭାପତିଙ୍କୁ ମଧ୍ୟ ଇମେଲ ଯୋଗେ ଇସ୍ତଫା ପାତ୍ର ପଠାଇଥିବା ବିକ୍ରମ କହିଛନ୍ତି ।

# ହଜିବାକୁ ବସିଲାଣି ତାଳପତ୍ର ଜାତକର ପରିଚୟ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ପଣ୍ଡିତର ବେଦ ମନ୍ତ୍ର ରହିଛି, ବେଦି ଉପରେ ଓମ୍ ରାବଣସ୍ୟ ମନ୍ଦୋଦରୀ ମନ୍ତ୍ର ଧ୍ୱନୀ ବି ଉଚ୍ଚାରଣ ହେଉଛି । ହେଲେ ଆଗଭଳି ଆଉ ଜାତକ ମେଳକ ପାଇଁ ଭୂତ-ଭବିଷ୍ୟତର ବାର୍ତ୍ତା ବହ ତାଳପତ୍ର ଜାତକକୁ ଆଉ ଖୋଜାପଡୁନି । ଇଣ୍ଟରନେଟ୍ ଓ ବିଭିନ୍ନ ଡ଼ିଜିଟାଲ୍ ଆପ୍ଲିକେସନ୍‌ରେ ଜନ୍ମ ତାରିଖ ଓ ସମୟ କହିଦେଲେ କୁଣ୍ଡଳୀ ଆସି ଯାଉଛି । ସମୟ ସହ ତାଳଦେଇ କିଛି ବ୍ରାହ୍ମଣ ଓ ପଣ୍ଡିତମାନେ ଅନ୍‌ଲାଇନ୍‌ର ସାହାରା ନେଉଥିବା ବେଳେ ଯେଉଁମାନେ ଇଣ୍ଟରନେଟ୍ ବ୍ୟବହାର ଜାଣିନାହାନ୍ତି ସେମାନେ ଏଥିରେ ପଛରେ ପଡ଼ିଯାଇଥିବା ଦେଖିବାକୁ ମିଳିଛି । ଆମ ସଂସ୍କୃତିରେ ଜନ୍ମ, ବ୍ରତଘର ଓ ବାହାଘର ପରି ଶୁଭ କାର୍ଯ୍ୟରେ ଜାତକ ବିଚାରକୁ ପ୍ରାଧାନ୍ୟ ଦିଆ ହୋଇଆସିଛି । ଶିଶୁଟିର ଜନ୍ମ ସମୟରେ ତାଳପତ୍ରରେ ଯେଉଁ ଜାତକ ପ୍ରସ୍ତୁତ ହୋଇଥାଏ ସେ ଅନୁସାରେ ସବୁ ସମୟରେ ଶୁଭଲଗ୍ନ ବାହାର କରାଯାଇଥାଏ । ହେଲେ ଆଜିର ଡ଼ିଜିଟାଲ୍ ଯୁଗରେ ତାଳପତ୍ର ଜାତକ ତିଆରିର ଆଉ ଆବଶ୍ୟକତା ପଡୁନାହିଁ । ଅନେକ ପିତାମାତା ସ୍ୱାସ୍ଥ୍ୟକେନ୍ଦ୍ରରୁ ମିଳୁଥିବା ଜନ୍ମ ପ୍ରମାଣପତ୍ରକୁ ପ୍ରାଧାନ୍ୟ ଦେଉଥିବା ବେଳେ ଏହି ଜାତକ ବିଚାରକୁ ଗୁରୁତ୍ୱ ଦେଉନାହାନ୍ତି । ଆଉ କିଛି ପିତାମାତା ଅନ୍‌ଲାଇନ୍ ଅବା ଇଣ୍ଟରନେଟ୍‌ରେ ଉପଲବ୍ଧ ବିଭିନ୍ନ ଆପ୍ଲିକେସନ୍‌ରେ ସେମାନଙ୍କ ସନ୍ତାନର ଜନ୍ମ ତାରିଖ ଓ ସମୟର ସୂଚନା ଦେଇ ଘରେ ବସି ଜାତକ ପାଇ ପାରୁଛନ୍ତି । ସେମାନଙ୍କୁ ଆଉ ଜାତକ ତିଆରି ପାଇଁ କୌଣସି ପଣ୍ଡିତ କିମ୍ବା ଜ୍ୟୋତିଷ ପାଖକୁ ଯିବାକୁ ପଡୁନି । ୨୦ ବର୍ଷରୁ ଅଧିକ ଦିନ ଧରି ଜାତକ ବିଚାର କରିଆସୁଥିବା ବ୍ରହ୍ମପୁରର ଜଣେ ପଣ୍ଡିତ କୁହନ୍ତି, ଡ଼ିଜିଟାଲ୍ ଯୁଗରେ ଜାତକ ବିଚାରର ଚାହିଦା କମିଛି । ଡ଼ିଜିଟାଲ୍ ପ୍ରଭାବ ରହିଥିବା ବେଳେ ଅନେକ ପିତାମାତା ଏହାକୁ ଅନ୍ଧବିଶ୍ୱାସ କହି ମଧ୍ୟ ଏଡ଼ାଇ ଯାଉଛନ୍ତି । ଫଳରେ ଏହି ଜାତକ ବିଚାର କରି ପରିବାର ପ୍ରତିପୋଷଣ କରୁଥିବା ଅନେକ ପଣ୍ଡିତ ଓ ଜ୍ୟୋତିଷମାନେ ଏବେ ଏଥିରୁ ମୁହଁ ଫେରାଇ ନେଲାଣି । ତେବେ ଗ୍ରାମାଞ୍ଚଳରେ ଏହାର ଚାହିଦା ଏବେ ବି ଜାରି ରହିଛି ।

# ତୀରନ୍ଦାଜୀ ବିଶ୍ୱକପ ମହିଳା ଫାଇନାଲରେ ଭାରତକୁ ସ୍ୱର୍ଣ୍ଣ ପଦକ



**ନୂଆଦିଲ୍ଲୀ**

ତୀରନ୍ଦାଜୀରେ ଭାରତର ଜ୍ୟୋତି ସୁରେଖା ଭେନମ, ଅଦିତି ଗୋପୀଚାନ୍ଦ ସ୍ୱାମୀ ଓ ପରନୀତ କୌର ସାଂଘାଇରେ ଚାଲିଥିବା ତୀରନ୍ଦାଜୀ ବିଶ୍ୱକପରେ ଇଟାଲୀକୁ ୨୩୬-୨୨୫ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଭାରତୀୟ ମହିଳା ଦଳ ମାତ୍ର ୪ ପଏଣ୍ଟ କମ୍ ସତ୍ତ୍ୱେ ଷଷ୍ଠ ମାନ୍ୟତାପ୍ରାପ୍ତ ଇଟାଲୀକୁ ପରାସ୍ତ କରିବାରେ ସଫଳ ହୋଇଛି । ଜ୍ୟୋତି ସୁରେଖା ଭେନମ ଓ ଅଭିଷେକ ବର୍ମାଙ୍କ ଯୋଡ଼ି ଏଷ୍ଟୋନିଆକୁ ୧୫୮-୧୫୭ରେ ପରାସ୍ତ କରି କମ୍ପାଉଣ୍ଡ ମିକ୍ସଡ ଦଳଗତ ସ୍ୱର୍ଣ୍ଣ ଫାଇନାଲରେ ତୃତୀୟ ସ୍ୱର୍ଣ୍ଣ ପଦକ ଜିତିଥିଲେ ।

ଅଭିଷେକ ବର୍ମା, ପ୍ରିୟାଂଶ ଓ ପ୍ରଥମେଶ ଫୁଗେଙ୍କୁ ନେଇ ଗଠିତ ପୁରୁଷ ଦଳ ଫାଇନାଲରେ ନେଦରଲାଣ୍ଡକୁ ୨୩୮-୨୩୧ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଥିଲା । ପରେ ପୁରୁଷ ବର୍ଗରେ ପ୍ରିୟାଂଶ ଓ ମହିଳା ବର୍ଗରେ ଭେନମ ବ୍ୟକ୍ତିଗତ ସେମିଫାଇନାଲରେ ମୁହାଁମୁହିଁ ହେବେ ।

# ଗୁଜରାଟ ଟାଇଟାନ୍ସକୁ ୯ ୱିକେଟରେ ହରାଇଲା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ

**ଅହମଦାବାଦ**



ଅହମଦାବାଦର ନରେନ୍ଦ୍ରମୋଦୀ ଷ୍ଟାଡ଼ିୟମଠାରେ ଖେଳାଯାଉଥିବା ଆଇପିଏଲ ୨୦୨୪ର ୪୫ତମ ମ୍ୟାଚରେ ଗୁଜରାଟ ଟାଇଟାନ୍ସକୁ ୯ ୱିକେଟରେ ପରାସ୍ତ କରିଛି । ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୱିଲ ଜାକ୍ସଙ୍କ ବିସ୍ଫୋରକ ଶତକ (୪୧ ବଲରୁ ୧୦୦ ରନ) ଓ ବିରାଟ କୋହଲିଙ୍କ ଉପଯୋଗୀ ଅର୍ଦ୍ଧଶତକ (୪୪ ବଲରୁ ୭୦ ରନ) ବଳରେ ବିଜୟୀ ୨୦୧ ରନର ଲକ୍ଷ୍ୟକୁ ସହଜରେ ହାସଲ କରିନେଇଛି । ବେଙ୍ଗାଲୁରୁ ଫାଫ ଡୁପ୍ଲେସିସ୍ ୨୪ ରନ କରିଥିଲେ । ଏହି ମ୍ୟାଚରେ ବେଙ୍ଗାଲୁରୁ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ଆରମ୍ଭରୁ ଋଦ୍ଧିମାନ ଶାହାଙ୍କ ୱିକେଟ ହରାଇଥିଲେ । ସେ ମାତ୍ର ୫ ରନ କରି ଆଉଟ ହୋଇଥିଲେ । ସେହିପରି ଅନ୍ୟ ଓପନର ଶୁଭମନ ଗିଲ୍ ମଧ୍ୟ ମାତ୍ର ୧୬ ରନ କରି ଆଉଟ ହୋଇଥିଲେ । ତେବେ ସାଇ ସୁଦର୍ଶନ ଓ ଶାହରୁଖ ଖାଁ ଲଢୁଆ ବ୍ୟାଟିଂ କରି ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ । ସୁଦର୍ଶନ ଅପରାଜିତ ୮୪ ରନ କରିଥିବାବେଳେ ଶାହରୁଖ ୫୮ ରନ କରିଥିଲେ । ଡେଭିଡ ମିଲର ମଧ୍ୟ ୧୯ ବଲ ଖେଳି ୨୬ ରନ କରିଥିଲେ । ଗୁଜରାଟ ନିର୍ଦ୍ଧାରିତ ୨୦ ଓଭରରେ ୩ ୱିକେଟ ହରାଇ ୨୦୦ ରନ କରିଥିଲା । ଏହା ଫଳରେ ବେଙ୍ଗାଲୁରୁ ଆଗରେ ବିଜୟ ପାଇଁ ୨୦୧ରନର ଲକ୍ଷ୍ୟ ରହିଥିଲା । ଆରସିବି ପକ୍ଷରୁ ଗ୍ଲେନ ମାକ୍ସେଲ, ସ୍ୱପ୍ନିଲ ସିଂ ଓ ମହମ୍ମଦ ସିରାଜ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ ।

# ଦୀପ ରଞ୍ଜନଙ୍କୁ ଆଉ ଏକ ରୌପ୍ୟ

**ଭୁବନେଶ୍ୱର**



ସ୍ପାନିସ ଅନ୍ତର୍ଜାତୀୟ ପାରା ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତାର ଲେବେଲ-୧ରେ ଓଡ଼ିଶାର ଦୀପ ରଞ୍ଜନଙ୍କୁ ରୌପ୍ୟ ପଦକ ମିଳିଛି । ସ୍ପେନର ଭୋଲେନ୍ଟୋ ସହରରେ ଚଳିତମାସ ୨୩ରୁ ୨୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ପ୍ରତିଯୋଗିତାର ପୁରୁଷ ଯୁଗଳରେ ଦୀପ ରଞ୍ଜନ ଓ ମନୋଜ ସରକାରଙ୍କ ଯୋଡ଼ି ଦକ୍ଷିଣ କୋରିଆର ଜୋ ଡଙ୍ଗଜାଏ-ସିନ କିଉଙ୍ଗ ହାନ୍ଙ୍କୁ ୨୧-୧୮, ୧୫-୨୩ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ । ସେଠାରେ କିନ୍ତୁ ନିଜ ଦେଶର ନେହଲ ଗୁପ୍ତା-ନବୀନ ଶିବକୁମାରଙ୍କ ଠାରୁ ୨୦-୨୨, ୨୪-୨୨, ୧୯-୨୧ରେ ହାରି ଉପ-ବିଜେତାରେ ସନ୍ତୁଷ୍ଟ ରହିଥିଲେ । ଏହା ପୂର୍ବରୁ ଦୀପ ରଞ୍ଜନ ଏହି ପ୍ରତିଯୋଗିତାର ଲେଭୁଲ-୨ରେ ମଧ୍ୟ ରୌପ୍ୟ ପଦକ ହାସଲ କରିଥିଲେ । ସୂଚନା ଯୋଗ୍ୟ ଯେ ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ଦୀପ ରଞ୍ଜନଙ୍କ ଛଡ଼ା ଶୁଭଜିତ ମହାରଣା ଓ ଜି. ବିଜେଶ୍ୱର ରାଓଙ୍କ ସମେତ ୩ଜଣ ଖେଳାଳି ଅଂଶଗ୍ରହଣ କରୁଥିଲେ ।

# ଦିନିକିଆ ଓ ଟି-୨୦ ପାଇଁ ପାକିସ୍ତାନ ନୂଆ କୋଚ୍ ହେଲେ ଗ୍ୟାରୀ କ୍ରିଷ୍ଟେନ



**ନୂଆଦିଲ୍ଲୀ**

ଟି-୨୦ ୱାର୍ଲ୍ଡ କପ୍ ୨୦୨୪ ପୂର୍ବରୁ ପାକିସ୍ତାନ କ୍ରିକେଟ ବୋର୍ଡରେ ବଡ଼ଧରଣର ପରିବର୍ତ୍ତନ ଦେଖିବାକୁ ମିଳିଛି । ପାକିସ୍ତାନ ଟିମ୍ ତା'ର କୋଚ୍ ବଦଳାଇଛି । ଉଭୟ ଦିନିକିଆ ଓ ଟି-୨୦ ପାଇଁ ପାକିସ୍ତାନ ନୂଆ କୋଚ୍ ଭାବେ ଗ୍ୟାରୀ କ୍ରିଷ୍ଟେନଙ୍କୁ ନିଯୁକ୍ତି ଦେଇଛି । ଗ୍ୟାରୀ କ୍ରିଷ୍ଟେନ ଏହାପୂର୍ବରୁ ୨୦୧୧ରେ ଟିମ୍ ଇଣ୍ଡିଆକୁ ଦିନିକିଆରେ ବିଶ୍ୱ କପ୍ ବିଜେତା କରାଇଥିଲେ । ଏବେ ଟି-୨୦ ବିଶ୍ୱକପ ପୂର୍ବରୁ ଗ୍ୟାରୀ କ୍ରିଷ୍ଟେନଙ୍କୁ କୋଚ୍ ଭାବେ ନିଯୁକ୍ତି ଦେଇ ପାକିସ୍ତାନ ଟାଇଟଲ ହାସଲ କରିବା ଲକ୍ଷ୍ୟରେ ରହିଛି । ସେହିଭଳି ଅଷ୍ଟ୍ରେଲିଆର ପୂର୍ବତନ ଦ୍ରୁତ ବୋଲର ଜେସନ୍ ଗିଲେସ୍ପିଙ୍କୁ ଟେଷ୍ଟ ମ୍ୟାଚ୍ ପାଇଁ ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତି ମିଳିଛି । ପାକିସ୍ତାନର ପୂର୍ବତନ କ୍ରିକେଟର ଅଜହର ମହମୁଦଙ୍କୁ ତିନୋଟି ଫର୍ମାଟରେ ଦଳର ଆସିଷ୍ଟାଣ୍ଟ କୋଚ୍ କରାଯାଇଛି । ସମସ୍ତ ତିନୋଟି କୋଚ୍‌ର କାର୍ଯ୍ୟକାଳ ଦୁଇ ବର୍ଷ ଲେଖାଏଁ ରହିବ । ଜୁନ୍ ୧ ରୁ ଆମେରିକା ଏବଂ ୱେଷ୍ଟଇଣ୍ଡିଜ୍‌ରେ ଟି-୨୦ ବିଶ୍ୱକପ ଖେଳାଯିବ ।

ଗ୍ୟାରୀ କ୍ରିଷ୍ଟେନ ବର୍ତ୍ତମାନ ଆଇପିଏଲରେ ଗୁଜୁରାଟ ଟାଇଟନ୍ସର ମେଣ୍ଟର୍ ଦାୟିତ୍ୱରେ ଅଛନ୍ତି । କ୍ରିଷ୍ଟେନ ଭାରତୀୟ ଟିମ୍‌ର କୋଚ୍ ସହ ୩ ବର୍ଷ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକା ଦଳର ମଧ୍ୟ କୋଚ୍ ଦାୟିତ୍ୱରେ ଥିଲେ । ମିକି ଆର୍ଥର ପାକିସ୍ତାନର କୋଚ୍ ପଦ ଛାଡ଼ିବା ପରେ ଏହି ସ୍ଥାନ ଫାଙ୍କା ପଡ଼ିଥିଲା । ପରେ ମହମ୍ମଦ ହାଫିଜଙ୍କୁ ଟିମ୍‌ର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ମିଳିଥିଲା । କିନ୍ତୁ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆରେ ଦଳର ଖରାପ ପ୍ରଦର୍ଶନ କାରଣରୁ ମହମ୍ମଦ ହାଫିଜଙ୍କୁ ମଧ୍ୟ ପଦ ହରାଇବାକୁ ପଡ଼ିଥିଲା ।

ଗ୍ୟାରୀ କ୍ରିଷ୍ଟେନର ହେଉଛନ୍ତି ଦକ୍ଷିଣ ଆଫ୍ରିକାର ପୂର୍ବତନ କ୍ରିକେଟର୍ । ସେ ନିଜ କ୍ୟାରିୟରରେ ୧୦୧ଟି ଟେଷ୍ଟ ମ୍ୟାଚ୍ ସହ ୧୮୫ଟି ଦିନିକିଆ ମ୍ୟାଚ ଖେଳିଛନ୍ତି ।

# ପ୍ଲେ ଅଫ ଦ୍ୱାରରେ ରାଜସ୍ଥାନ ରୟାଲ୍ସ

**ଲକ୍ଷ୍ନୌ**

ରାଜସ୍ଥାନ ରୟାଲ୍ସର ପ୍ଲେ ଅଫ ପ୍ରବେଶ ଏକ ପ୍ରକାର ନିଶ୍ଚିତ ହୋଇଛି । ୪୪ତମ ମ୍ୟାଚ୍‌ରେ ସଞ୍ଜୁ ସାମସନ୍‌ଙ୍କ ଦଳ ଘରୋଇ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସକୁ ୭ ୱିକେଟ୍‌ରେ ପରାସ୍ତ କରି ନବମ ମ୍ୟାଚ୍‌ରୁ ଅଷ୍ଟମ ବିଜୟ ସହ ଶୀର୍ଷ ସ୍ଥାନକୁ ଅଧିକ ଦୃଢ଼ କରିଛି । ରୟାଲ୍ସ ୧୬ ପଏଣ୍ଟ ପାଇଥିବାବେଳେ କେଏଲ ରାହୁଲଙ୍କ ସୁପର ଜାଏଣ୍ଟ୍ସ ନବମରୁ ଚତୁର୍ଥ ପରାଜୟ ବରଣ କରିଛି । ମ୍ୟାଚ୍ ବିଜୟୀ ପାଳି ପାଇଁ ଅଧିନାୟକ ସଞ୍ଜୁ ସାମସନ୍ ଶ୍ରେଷ୍ଠ ଖେଳାଳି ପୁରସ୍କୃତ ହୋଇଛନ୍ତି ।

ଲକ୍ଷ୍ନୌ ଦେଇଥିବା ୧୯୭ ରନ ବିଜୟ ଲକ୍ଷ୍ୟ ଅଟଳ ବିହାରୀ ଷ୍ଟାଡିୟମ୍‌ରେ ସହଜ ହେବନି ବୋଲି କୁହାଯାଉଥିଲେ ମଧ୍ୟ ସାମସନ (୩୩ ବଲରୁ ୭୧* ରନ୍, ୭ ଚୌକା, ୪ ଛକା) ଓ ଧ୍ରୁବ ଜୁରେଲ (୩୪ ବଲରୁ ୫୨ ରନ, ୫ ଚୌକା, ୨ ଛକା)ଙ୍କ ଶତକୀୟ ଭାଗୀଦାରି ଏହାକୁ ସମ୍ଭବ କରି ଦେଖାଇଥିଲା । ଓପନିଂରେ ଜୟସ୍ୱାଲ-ବଟଲରର ୬୦ ରନ ଭାଗୀଦାରି କରିବା ପରେ ରୟାଲ୍ସ ହଠାତ୍ ୭୮/୩ରେ ସଂଘର୍ଷ କରିଥିଲା । କିନ୍ତୁ ସାମସନ-ଜୁରେଲ ଯୋଡ଼ି ୬୨ ବଲ୍‌ରେ ୧୨୧ ରନ ଯୋଡ଼ି ଦଳର ବିଜୟ ଧାରାକୁ ଜାରି ରଖିଥିଲେ । ଗୋଟିଏ ଓଭର ପୂର୍ବରୁ ରାଜସ୍ଥାନ ୩ ୱିକେଟ୍ ହରାଇ ୧୯୯ ରନ ସଂଗ୍ରହ କରି ନେଇଥିଲା । ୧୯ତମ ଓଭର ଶେଷ ଦୁଇ ବଲ୍‌କୁ ସଂଜୁ ସାମସନ ମିଡ ୱିକେଟ ଦେଇ ଚେକା ଓ ଫାଇନ ଲେଗ ଉପରେ ଛକା ମାରି ମ୍ୟାଚ୍ ଶେଷ କରିଥିଲେ ।

ପୂର୍ବରୁ ରାଜସ୍ଥାନ ରୟାଲ୍ସ ଅଧିନାୟକ ସଞ୍ଜୁ ସାମ୍‌ସନ ଟସ୍ ଜିତି କ୍ଷେତ୍ରରକ୍ଷଣ କରିଥିଲେ । ଟ୍ରେଣ୍ଟ ବୋଲ୍ଟ ଓ ସନ୍ଦୀପ ଶର୍ମା ଦୁଇ ବିପଜ୍ଜନକ ବିଦେଶୀ ବ୍ୟାଟର୍ କ୍ୱିଣ୍ଟନ ଡିକକ (୬) ଓ ମାର୍କସ ଷ୍ଟୋଇନିସ (୦)ଙ୍କୁ ୧୧ ରନ ଭିତରେ ପ୍ୟାଭିଲିୟନ ଫେରାଇ ତାଙ୍କ ସମ୍ମାନ ବି ରଖିଥିଲେ । ହେଲେ ଆଶ୍ଚର୍ଯ୍ୟଜନକ ଭାବେ ପରବର୍ତ୍ତୀ ୱିକେଟ ପାଇଁ ରାଜସ୍ଥାନକୁ ୫୫ ବଲ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥିଲା । ତା ଭିତରେ ଏହି ଦଳର ବୋଲରମାନେ ପ୍ରଭାବହୀନ ବୋଲିଂ କରି ୧୧୫ ରନ ଖର୍ଚ୍ଚ କରିଥିଲେ । ଲକ୍ଷ୍ନୌ ଅଧିନାୟକ କେଏଲ ରାହୁଲ (୭୬ ରନ, ୪୮ ବଲ୍, ୮ ଚୌକା, ୨ ଛକା) ଓ ଦୀପକ ହୁଡା (୫୦ ରନ୍, ୩୧ ବଲ୍, ୭ ଚେକା) ଶତକୀୟ ଭାଗୀଦାରି କରି କେବଳ ରାଜସ୍ଥାନ ବୋଲର୍‌ଙ୍କୁ ନୟାନ୍ତ କରି ନଥିଲେ, ବରଂ ନିଜ ଦଳକୁ ବିପଦରୁ ବାହାରକୁ ନେଇ ଆସିଥିଲେ । ସେଥିପାଇଁ ଲକ୍ଷ୍ନୌ ୨୦୦ ରନ ଟପିବାର ଆଶା ସଂଚ୍ଚର ହୋଇଥିଲା । ତେବେ ନିକୋଲାସ ପୂରନ ସ୍ୱଭାବ ବିପରୀତ ବ୍ୟାଟିଂ କରି ୧୧ ବଲ୍‌ରୁ ୧୧ ରନ କରିଥିଲେ । ସେହିଭଳି ଆୟୁଷ ବଢ଼ୋନୀ (୧୮ ରନ୍, ୧୩ ବଲ୍), କ୍ରୁନାଲ ପାଣ୍ଡ୍ୟା (୧୫ ରନ୍, ୧୧ ବଲ୍)ଙ୍କୁ ମଧ୍ୟ ରାଜସ୍ଥାନ ବୋଲର ହାତଖୋଲା ସଟ୍ ଖେଳିବାର ସୁଯୋଗ ଦେଇ ନଥିଲେ । ଫଳରେ ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ଦ୍ୱିଶତକଠାରୁ ୪ ରନ୍ ଦୂରରେ ଅଟକି ଯାଇଥିଲା ।



ସଂକ୍ଷିପ୍ତ ସ୍କୋର୍: ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ୨୦ ଓଭରରେ ୧୯୬/୫ (କେଏଲ ରାହୁଲ ୭୬, ଦୀପକ ହୁଡା ୫୦, ଆୟୁଷ ବଡୋନୀ ୧୮, ସନ୍ଦୀପ ଶର୍ମା ୨/୩୧, ଆର୍. ଅଶ୍ୱିନ ୧/୩୯, ଟ୍ରେଣ୍ଟ ବୋଲ୍ଟ ୧/୪୧) ରାଜସ୍ଥାନ ରୟାଲ୍ସ ୧୯ ଓଭରରେ ୧୯୯/୩ (ସଞ୍ଜୁ ସାମସନ-୭୧, ଧ୍ରୁବ ଜୁରେଲ-୫୨*, ଜୋସ ବଟଲର୍-୩୪, ଯଶସ୍ୱୀ ଜୟସ୍ୱାଲ-୨୪, ମାର୍କସ ଷ୍ଟୋଇନିସ୍-୧/୩, ଅମିତ ମିଶ୍ରା-୧/୨୦, ଯାଶ ଠାକୁର-୧/୫୦)

# ଟି-୨୦ ବିଶ୍ୱକପ ଖେଳିବେ କି ଧୋନୀ ?

**ନୂଆଦିଲ୍ଲୀ**



ଧୋନୀ ଆନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କହିବା ପରେ ଭାରତ ଆଉ ଆଇସିସି କପ୍ ଜିତିନାହିଁ । ଯଦିଓ ଦମ୍‌ଦାର ପ୍ରଦର୍ଶନ କରି ଫାଇନାଲରେ ପହଞ୍ଚିଛି ତଥାପି ଦଳ କପ୍ ଜିତିନାହିଁ । ଏଣୁ ଧୋନୀ ପୁଣିଥରେ ଦଳକୁ ଫେରନ୍ତୁ ବୋଲି କ୍ରିକେଟ ପ୍ରେମୀମାନେ ଆଶା ପ୍ରକଟ କରିଛନ୍ତି । ଏବେ ଆଇପିଏଲ ଚାଲିଥିବାବେଳେ ଧୋନୀଙ୍କ ବ୍ୟାଟିଂକୁ ନେଇ ବେଶ୍ ଚର୍ଚ୍ଚା ହେଉଛି । ଚଳିତ ଆଇପିଏଲରେ ଧୋନୀଙ୍କ ଆଣ୍ଠୁରେ ଆଘାତ ଲାଗିଥିଲେ ସୁଦ୍ଧା ସେ ୨୦ ଓଭର ୱିକେଟ କିପିଂ କରୁଛନ୍ତି । ଭାରତୀୟ ଦଳରେ ଏବେ ଟି-୨୦ ବିଶ୍ୱକପରେ କାହାକୁ ସ୍ଥାନ ମିଳିବ । ଏହାକୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଥିବା ବେଳେ ପ୍ରଶଂସକଙ୍କ ପ୍ରଥମ ପସନ୍ଦ ପାଲଟିଛନ୍ତି ଧୋନୀ ।

ସୋସିଆଲ ମିଡିଆରେ ବହୁ ପ୍ରଶଂସକମାନେ ଏହାକୁ ନେଇ ବିଭିନ୍ନ ପୋଷ୍ଟ ମାନ କରୁଛନ୍ତି । ତେବେ ଏହି ପ୍ରସଙ୍ଗକୁ ନେଇ ଦୁଇ ପୂର୍ବତନ କ୍ରିକେଟର ଏକ ଟିଭି ଶୋରେ ଧୋନୀଙ୍କୁ ନେଇ ଆଲୋଚନା କରିଛନ୍ତି । ଇରଫାନ ପଠାନ ଏବଂ ବରୁନ ଆରୁନ କହିଛନ୍ତି କି, ଧୋନୀ ଚାହିଁଲେ ୱାର୍ଲ୍ଡ କାର୍ଡ ଭାବେ ଟି-୨୦ ବିଶ୍ୱକପରେ ଖେଳିପାରିବେ । ତାଙ୍କ କେହି ମଧ୍ୟ ଅଟକାଇ ପାରିବେ ନାହିଁ । ଏବେ ସେ ଯେଉଁଭଳି ଫର୍ମରେ ରହିଛନ୍ତି ଭାରତ ପାଇଁ ଏହା ବେଶ୍ ଲାଭ ଦାୟକ ହେବ । ବ୍ୟାଟିଂ ସାଙ୍ଗକୁ ୱିକେଟ କିପିଂ ଏବଂ ଧୋନୀଙ୍କ ଉପସ୍ଥିତି ଦଳ ପାଇଁ ପ୍ଲସ୍ ପଏଣ୍ଟ ହେବ । ତେବେ କହି ରଖୁଛୁ କି, ଧୋନୀ ୨୦୨୦ ମସିହାରେ ଆନ୍ତର୍ଜାତୀୟ କ୍ରିକେଟରୁ ସନ୍ୟାସ ନେଇଛନ୍ତି । ୨୦୧୯ ବିଶ୍ୱକପରେ ଶେଷଥର ପାଇଁ ସେମିଫାଇନାଲରେ ଖେଳିଥିଲେ ।

# ମାଙ୍କଡ କାମୁଡିଥିବାରୁ ବାଦ୍ ପଡ଼ିଥିଲେ ଫ୍ରେଜର ମ୍ୟାକ୍‌ଗର୍କ

**ନୂଆଦିଲ୍ଲୀ**



ଆଇପିଏଲ୍‌ର ୪୩ତମ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ(ଡିସି) ଏବଂ ମୁମ୍ବାଇ ଇଣ୍ଡିଆନ୍ସ (ଏମଆଇ) ରେ ଦିଲ୍ଲୀ କ୍ୟାପିଟାଲ୍ସର ବ୍ୟାଟ୍ସମ୍ୟାନ ଜେକେ ଫ୍ରେଜର ମ୍ୟାକ୍‌ଗର୍କ ଧୂଆଁଧାର ବ୍ୟାଟିଂ କରିଥିଲେ । ସେ ୧୫ ବଲ୍‌ରେ ୫୦ ରନ ସଂଗ୍ରହ କରିଥିବାବେଳେ ୨୭ ବଲ୍ ଖେଳି ୮୪ ରନ ସଂଗ୍ରହ କରିଥିଲେ । ବଡ଼କଥା ଯେ ଆଇପିଏଲ ୨୦୨୪ରେ ଦୁଇଥର ୧୫ ବଲରେ ଅର୍ଦ୍ଧଶତକ ହାସଲ କରିଛନ୍ତି । ୨୨ ବର୍ଷୀୟ ମ୍ୟାକଗର୍କ ଏପର୍ଯ୍ୟନ୍ତ ଆଇପିଏଲ ୨୦୨୪ରେ ୫ଟି ମ୍ୟାଚରେ ୨୪୭ ରନ ସଂଗ୍ରହ କରିଛନ୍ତି, ଯେଉଁଥିରେ ତାଙ୍କର ଷ୍ଟ୍ରାଇକ୍ ହାର ୨୩୭.୫ ରହିଛି । ଏହି ଖେଳାଳି ୨୦୨୩ ମସିହାରେ ଅଷ୍ଟ୍ରେଲିଆ ଘରୋଇ କ୍ରିକେଟରେ ୨୯ ବଲରେ ଶତକ ହାସଲ କରିଥିଲେ । ଏହା ସହ ସେ କ୍ରିକେଟର ଯେକୌଣସି ଫର୍ମାଟରେ ଦ୍ରୁତତମ ଶତକ ସ୍କୋର କରିବା ବ୍ୟାଟ୍ସମ୍ୟାନ ହୋଇଥିଲେ । ତାଙ୍କ ପୂର୍ବରୁ ଏହି ରେକର୍ଡ କ୍ରିସ ଗେଲଙ୍କ ନାମରେ ଥିଲା, ଯିଏ ଆଇପିଏଲରେ ୩୦ଟି ବଲରେ ଶତକ ହାସଲ କରିଥିଲେ । ଦିନିକିଆ କ୍ରିକେଟରେ ଏବି ଡି ଭିଲିୟର୍ସ ୩୧ ବଲରେ ୧୦୦ ରନ କରିଥିବାର ରେକର୍ଡ ରହିଛି ।

ତେବେ ସେ ଏକ ମାଙ୍କଡ ପାଇଁ ସେ ଅଣ୍ଡର ୧୯ ବିଶ୍ୱକପ ଟିମ୍‌ରୁ ବାଦ ପଡ଼ିଥିଲେ । ୨୦୨୩ ମସିହାରେ ଅନୁଷ୍ଠିତ ମାର୍ଶ କପ ଟୁର୍ଣ୍ଣାମେଣ୍ଟରେ ଦକ୍ଷିଣ ଅଷ୍ଟ୍ରେଲିଆ ଦଳ ପାଇଁ ଖେଳୁଥିବାବେଳେ ତସମାନିଆ ବିପକ୍ଷରେ ମାତ୍ର ୨୯ ବଲରେ ୧୦୦ ରନ ସ୍କୋର କରିଥିଲେ । ସେହି ମ୍ୟାଚ୍‌ରେ ସେ ୩୮ଟି ବଲରେ ୧୨୫ ରନ ସ୍କୋର କରିଥିଲେ । ବଡ଼କଥା ଯେ ସେ ଅଷ୍ଟ୍ରେଲିଆ ପାଇଁ ୨୦୨୦ରେ ଅଣ୍ଡର ୧୯ ବିଶ୍ୱକପ ଖେଳିବାର ଥିଲା । କିନ୍ତୁ ବିଶ୍ୱକପ ଆରମ୍ଭ ହେବା ପୂର୍ବରୁ ତାଙ୍କୁ ଏକ ମାଙ୍କଡ଼ କାମୁଡ଼ି ଦେଇ ଥିଲା, ଯେଉଁଥିପାଇଁ ତାଙ୍କୁ ଘରକୁ ଫେରିବାକୁ ପଡିଥିଲା । ସେହି ଟୁର୍ଣ୍ଣାମେଣ୍ଟରେ ଅଷ୍ଟ୍ରେଲିଆ ଦଳ ନକ୍‌ଆଉଟ ପର୍ଯ୍ୟାୟରୁ ବାଦ୍ ପଡ଼ିଥିଲା । ତେବେ ମ୍ୟାକଗୁର୍କର ଭାଗ୍ୟ ଆଇପିଏଲ ୨୦୨୪ରେ ଚମକୁଛି ।

# ଗାଏକ୍ୱାଡ୍‌ଙ୍କୁ ଚେତାବନୀ ଦେଲେ ଧୋନୀ

**ନୂଆଦିଲ୍ଲୀ**

ଆଇପିଏଲରେ ୫ଥର ଚାମ୍ପିୟନ ହୋଇଥିବା ଚେନ୍ନାଇ ସୁପରକିଙ୍ଗ୍ସ ଚଳିତ ବର୍ଷ ମଧ୍ୟମ ଧରଣର ପ୍ରଦର୍ଶନ ଜାରି ରଖିଛି । ୯ଟି ମ୍ୟାଚ୍‌ରୁ ୫ ପରାଜୟ ସହ ପଏଣ୍ଟ ଟେବୁଲର ଷଷ୍ଠ ସ୍ଥାନରେ ରହିଛି । ତେବେ ଚଳିତ ବର୍ଷ ଆରମ୍ଭରୁ ଧୋନୀ ଗାଏକ୍ୱାଡ୍‌ଙ୍କୁ ଅଧିନାୟକ ପଦ ଛାଡ଼ିଛନ୍ତି । ମାତ୍ର ୱିକେଟ ପଛପଟେ ଧୋନୀ ସମସ୍ତ ଦାୟିତ୍ୱ ତୁଲାଉଛନ୍ତି । ଅନ୍ୟପଟେ ଦଳ ବିଜୟ-ପରାଜୟ ମଧ୍ୟରେ ସନ୍ତୁଳିତ ଭାବେ ଖେଳୁଥିବାବେଳେ ପ୍ଲେଅଫ ଆଶା ମଧ୍ୟ ଦ୍ୱନ୍ଦରେ ରହୁଛି । ହାଇଦ୍ରାବାଦ ବିପକ୍ଷରେ ଦଳ ମଇଦାନକୁ ଓହ୍ଲାଉଥିବାବେଳେ ଯଦି ପରାଜୟ ବରଣ କରେ ତା'ହେଲେ ପ୍ଲେଅଫ୍ ଆଶା ମଉଳିଯିବାର ଆଶା ମଧ୍ୟ ରହୁଛି । ସେପଟେ ଶେଷ ମ୍ୟାଚ୍‌ରେ ଦଳ ଲଢ଼େଇ କରି ଶେଷ ସମୟରେ ପରାଜିତ ହୋଇଥିଲା । ଧୋନିଙ୍କ ଇଶାରାରେ ଗାଏକ୍ୱାଡ୍ ନିଷ୍ପତ୍ତି ନେଉଥିବାବେଳେ କିଛି ନିଷ୍ପତ୍ତି ନିଜେ ନିଅନ୍ତୁ ବୋଲି ଗାଏକ୍ୱାଡ୍‌ଙ୍କୁ ଚେତାବନୀ ଦେଇଛନ୍ତି ଧୋନୀ । ଫିଲ୍ଡରେ ଅଧିନାୟକଙ୍କ ନିଷ୍ପତ୍ତି ମ୍ୟାଚ୍ ବିଜୟ-ପରାଜୟ ଉପରେ ନିର୍ଭର କରେ ଏଣୁ ସବୁବେଳେ ଭାବି ଚିନ୍ତି ନିଷ୍ପତ୍ତି ନେବାକୁ ପଡ଼ିବ ବୋଲି ମାହି କହିଛନ୍ତି ।




# ଆବର୍ଜନା ମଧ୍ୟରେ ମୁକ୍ତାକାଶ ଜିମ୍

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**



ମହାନଗର ନିଗମ ପକ୍ଷରୁ ମୁକ୍ତା ଯୋଜନାରେ ସହରର ବିକାଶ ଚାଲିଛି । ୨୦୨୨-୨୩ ଆର୍ଥିକ ବର୍ଷରେ ୨୨.୭୪ କୋଟି ଟଙ୍କା ବ୍ୟୟରେ ଏହି ଯୋଜନାରେ ୧୬୩ ପ୍ରକଳ୍ପ କରାଯାଇଛି । ୨୦୨୩-୨୨୪ ଆର୍ଥିକ ବର୍ଷରେ ୩୪.୭୪ କୋଟି ଟଙ୍କା ବ୍ୟୟରେ ୩୯୫ ପ୍ରକଳ୍ପ ନିର୍ମାଣ ଲକ୍ଷ୍ୟ ରହିଛି । କିନ୍ତୁ ଏହି ଯୋଜନାର ଅନେକ ପ୍ରକଳ୍ପ ବିଭିନ୍ନ କାରଣରୁ କାର୍ଯ୍ୟରେ ଆସିପାରୁନାହିଁ । ବିଏମ୍‌ସି ୮ ନମ୍ବର ୱାର୍ଡ଼ରେ ଥିବା ଏକ ମୁକ୍ତାକାଶ ଜିମ୍‌ର ଦୃଶ୍ୟ ଏହା ପ୍ରମାଣିତ କରୁଛି । ୮ନମ୍ବର ୱାର୍ଡ଼ ପାଟରାସାହି ତଥା ଆଗାସାହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପଛ ପାର୍ଶ୍ୱରେ ମୁକ୍ତା ଯୋଜନାରେ ଅଳ୍ପଦିନ ତଳେ ଏକ ମୁକ୍ତାକାଶ ଜିମ୍ ନିର୍ମାଣ କରାଯାଇଛି । ୱାର୍ଡ଼ ନଂ ୭, ୮, ୯ ବାସିନ୍ଦା ଏହାକୁ ବ୍ୟବହାର କରିପାରିବେ । ଏଠାରେ ୫ଟି ଜିମ୍ ସାମଗ୍ରୀ ରହିଛି । ହେଲେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଏଠାରେ କୁଢ଼ କୁଢ଼ ଆବର୍ଜନା ପଡୁଛି । ଏହି ରାସ୍ତାଟି ସାନ ବଜାର ଛକକୁ ସଂଯୋଗ କରୁଛି । ଉକ୍ତ ରାସ୍ତା ଦେଇ ପ୍ରତ୍ୟହ ବହୁ ମାଲବାହୀ ଟ୍ରକ୍ ଯିବା ଆସିବା କରୁଛି । ରାତିରେ ଉକ୍ତ ଅଞ୍ଚଳ ଗୋରୁଙ୍କ ବିଶ୍ରାମସ୍ଥଳ ପାଲଟିଛି । କେବଳ ସେତିକି ନୁହେଁ, ନିକଟରେ କୌଣସି ଶୌଚାଳୟ ନ ଥିବାରୁ ବଜାରରୁ ଆସୁଥିବା ସାଧାରଣ ଲୋକେ ଏହି ସ୍ଥାନରେ ପରିସ୍ରା କରୁଛନ୍ତି । ଏଭଳି ଦୁଷିତ ପରିବେଶ ମଧ୍ୟରେ ଜିମ ଥିବାରୁ ସ୍ଥାନୀୟ ବାସିନ୍ଦା ଏହାକୁ ବ୍ୟବହାର କରିବାକୁ ମୁହଁ ମୋଡୁଛନ୍ତି । ପୂର୍ବରୁ ଏହି ସ୍ଥାନଟି ଆବର୍ଜନାରେ ପରିପୂର୍ଣ୍ଣ ରହୁଥିଲା । ଏ ବାବଦରେ ସ୍ଥାନୀୟ ଲୋକ ପ୍ରତିନିଧି ଅବଗତ ଥାଇ ମଧ୍ୟ କିଭଳି ସେଠାରେ ମୁକ୍ତାକାଶ ଜିମ୍ ସ୍ଥାପନ କରାଗଲା ବୋଲି ସ୍ଥାନୀୟ ବାସିନ୍ଦା ପ୍ରଶ୍ନ କରିଛନ୍ତି । ଏହା ଠିକାଦାରୀ ଅନୁକମ୍ପା ଛଡ଼ା ଅନ୍ୟ କିଛି ନୁହେଁ ବୋଲି କହିଛନ୍ତି । ସେଠାରେ ଯଦି ଆବର୍ଜନା ପଡ଼େ ଏବଂ ଜିମ୍ ସାମଗ୍ରୀଗୁଡ଼ିକ ଅବ୍ୟବହୃତ ଭାବେ ପଡ଼ି ରହେ ଚୋରି ହେବା ସମ୍ଭାବନା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ତେଣୁ ଜିମ୍ ସାମଗ୍ରୀ ଅନ୍ୟତ୍ର ସ୍ଥାନାନ୍ତର କରାଯାଉ ନଚେତ୍ ଉକ୍ତ ସ୍ଥାନଟି ପରିଷ୍କାର କରାଯାଉ ବୋଲି ଦାବି ହେଉଛି । ଏନେଇ କର୍ପୋରେଟର ଜେ. ଶ୍ରୀନିବାସ ରାଓ କହିଛନ୍ତି, ଉକ୍ତ ସ୍ଥାନରେ ଷ୍ଟିଲ୍ ଗ୍ରୀଲ୍ କରାଯିବ । ରାସ୍ତା ମଧ୍ୟ ମରାମତି କରାଯାଇ ପେଭର ପକାଯିବ । ସେଠାରେ ଯେଭଳି ଆବର୍ଜନା ନ ପଡ଼ିବ ସେ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ।

# ଶହ ଶହ ଗ୍ରାମବାସୀଙ୍କ ପାଇଁ ଛୋଟ ଟ୍ରାନ୍ସଫର୍ମର : ଗରମରେ ହନ୍ତସନ୍ତ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**



କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଆୟବା ପଞ୍ଚାୟତରେ ଶହଶହ ଗ୍ରାମବାସୀଙ୍କ ପାଇଁ ଏକ ଛୋଟିଆ ଟ୍ରାନ୍ସଫର୍ମର ଖୁଣ୍ଟରେ ଝୁଲାଯାଇଛି । ଯାହା ଫଳରେ ଦିନକୁ ୫ ଥର ବିଦ୍ୟୁତ୍ କଟି ଯାଉଥିବା ବେଳେ ଘଣ୍ଟା ଘଣ୍ଟା ଧରି ଅନ୍ଧାର ଓ ଗରମରେ ଲୋକେ ରହୁଛନ୍ତି । ୧୦୦ରୁ ଊର୍ଦ୍ଧ୍ୱ ବିଜୁଳି ଉପଭୋକ୍ତା ଥିବାବେଳେ କେତେକ ବ୍ୟବସାୟ ପ୍ରତିଷ୍ଠାନ ମଧ୍ୟ ଏହି ଛୋଟିଆ ଟ୍ରାନ୍ସଫର୍ମର ଉପରେ ନିର୍ଭର କରୁଛି । ଏ ବିଷୟରେ ସ୍ଥାନୀୟ ଗ୍ରାମବାସୀ ଓ ସରପଞ୍ଚ ବିଜୁଳି ବିଭାଗ ଅଧିକାରୀମାନଙ୍କୁ ଜଣାଇ ଏକ ୧୦୦ କେଭିର ଟ୍ରାନ୍ସଫରମର ଲଗାଇବା ପାଇଁ ଦାବି କରି ଆସୁଥିଲେ ମଧ୍ୟ ବିଦ୍ୟୁତ୍ ବିଭାଗ ଏହାକୁ ଖାତିର କରୁ ନଥିବାରୁ ଗ୍ରାମବାସୀ ରାଜ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

## ଜେଇଇ-୨୦୨୪ରେ ଆର୍ଯ୍ୟଭଟ୍ଟର ରେକର୍ଡ

# ଅନୁନ୍ନତ ବର୍ଗର ଛାତ୍ରଛାତ୍ରୀଙ୍କୁ ଦେଉଛି ନିଃଶୁଳ୍କ ଶିକ୍ଷା

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଜେଇଇ ୨୦୨୪ ଅନ୍ତିମ ପର୍ଯ୍ୟାୟ ଫଳାଫଳ ପ୍ରକାଶ ପାଇଛି । ଏହି ଫଳାଫଳରେ ଆର୍ଯ୍ୟଭଟ୍ଟ, ବ୍ରହ୍ମପୁର, ଛାତ୍ରଛାତ୍ରୀମାନେ ଅଠର ବର୍ଷର ଉତ୍କର୍ଷତାର ପରମ୍ପରା ରକ୍ଷା କରିଛନ୍ତି । ଏହି ଫଳାଫଳରେ ବୈଭବ ଆଦିତ୍ୟ ରାଉଳ ୯୯.୫୭ ପ୍ରତିଶତ, ଲଳିତ ପଲେଇ ୯୯.୫୭ ପର୍ସେଣ୍ଟାଇଲ, ସୌମ୍ୟ ସ୍ୱରାଜ ସାହୁ ୯୯ ପ୍ରତିଶତ ରଖିଥିବାବେଳେ ଅନ୍ୟ ଅଠର ଜଣ ୯୫ ପ୍ରତିଶତରୁ ୯୯ ପ୍ରତିଶତ ଭିତରେ ରହିଛନ୍ତି । ଏବର୍ଷର ଆଡଭାନ୍ସ ପାଇଁ ସର୍ବନିମ୍ନ ପର୍ସେଣ୍ଟାଇଲ ୯୩.୨୩ ରୁ ୯୫ ପ୍ରତିଶତ ଭିତରେ ୭ଜଣ ରହିଛନ୍ତି । ଏତଦ୍ ବ୍ୟତୀତ ସଂରକ୍ଷିତ ବର୍ଗରେ ଅନ୍ୟ ୫ ଜଣ ଆଡ୍‌ଭାନ୍‌ସ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ପ୍ରକାଶ ଥାଉକି ୨୦୦୬ ରୁ ଆର୍ଯ୍ୟଭଟ୍ଟ ବ୍ରହ୍ମପୁର ରାଷ୍ଟ୍ରୀୟ ସ୍ତରର ଉଚ୍ଚତର ଶିକ୍ଷା ଅନୁଷ୍ଠାନ ମାନଙ୍କ ପ୍ରବେଶିକା ପରୀକ୍ଷା ପାଇଁ ଶିକ୍ଷାଦାନ ଓ ଛାତ୍ରଛାତ୍ରୀ ମାନଙ୍କ ମନରେ ପ୍ରତିଯୋଗିତାରେ ସଫଳ ହେବା ମାନସିକତା ସୃଷ୍ଟି କରି ଦକ୍ଷିଣ ଓଡ଼ିଶାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇଅଛି । ଏହା ବ୍ୟତୀତ ଅନୁନ୍ନତ ବର୍ଗର ଛାତ୍ରଛାତ୍ରୀଙ୍କୁ ନିଶୁଳ୍କ ଶିକ୍ଷା ଓ ଆବଶ୍ୟକସ୍ଥଳେ ଆର୍ଥୀକ ସହାୟତା ପ୍ରଦାନ କରି ଏହି ଶ୍ରେଣୀର ଅନେକ ଛାତ୍ରଛାତ୍ରୀଙ୍କୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରର ଉଚ୍ଚତର ଶିକ୍ଷା ଓ ବୈଷୟିକ ଶିକ୍ଷା ଅନୁଷ୍ଠାନରେ ଯୋଗ ଦେଇ ଶିକ୍ଷାଗ୍ରହଣ କରିବାପାଇଁ ସମର୍ଥ କରିପାରିଛି ।

ଏଠାକାର ପୁରାତନ ଛାତ୍ର ତଥା ଯୁକ୍ତରାଷ୍ଟ୍ର ଆମେରିକାରେ ଏକ ପ୍ରଦସ୍ଥ ଉଚ୍ଚତର ଗବେଷକ ଡ. ଅଭିଜିତ ସାହୁ ଙ୍କ ପିତା ଭୀମସେନ ସାହୁ ମତରେ ଜୀବିକା ନିର୍ବାହର ଶିକ୍ଷା ସହ ସୁସ୍ଥ ଜୀବନ ଯାପନର ଦୀକ୍ଷା ଏଠାରେ ଦିଆଯାଇ ବିଶ୍ୱରେ ଭଲ ନାଗରୀକ ହେବା ପାଇଁ ଏଠାରେ ପିଲା ମାନଙ୍କୁ ପ୍ରେରିତ କରାଯାଏ । ସୁତରାଂ ରାଉତ ସାର୍‌ଙ୍କ ବୌଦ୍ଧିକତା ପୂର୍ଣ୍ଣ ତ୍ୟାଗ ପୂତ ଜୀବନ ପିଲାଙ୍କ ପାଇଁ ଆଲୋକ ବର୍ତ୍ତୀକା ଭଳି କାମ କରେ ।

# ଲୁଣାନଦୀରେ ଭାସିଯାଇ ନବମ ଶ୍ରେଣୀ ଛାତ୍ରୀ ନିଖୋଜ, ଜଣେ ଉଦ୍ଧାର

**ମହାକାଳପଡ଼ା, ନ୍ୟୁଜ୍‌ବ୍ୟୁରୋ**

ମହାକାଳପଡ଼ା ଥାନା ଅଞ୍ଚଳରେ ଏକ ଦୁଃଖଦ ଘଟଣା ଘଟିଯାଇଛି । ଯାହାକୁ ନେଇ ପରିବାର, ଗାଁ ଓ ସହପାଠିନୀଙ୍କ ମଧ୍ୟରେ ପୁରା ଶୋକର ଛାୟା ଖେଳିଯାଇଛି । ଘଟଣାରୁ ପ୍ରକାଶ ମହାକାଳପଡ଼ା ଥାନା ଅଧୀନ ମଙ୍ଗଳପୁର ପଞ୍ଚାୟତ ବନ୍ଧପଡ଼ା ଗ୍ରାମର ଅମର ବେହେରାଙ୍କ ଝିଅ ଅଭିଲିପ୍ସା ବେହେରା (୧୫) ଓ ପବିତ୍ର ସେଠୀଙ୍କ ଝିଅ ରାଜଲକ୍ଷ୍ମୀ ସେଠୀ (୧୪) ସ୍ଥାନୀୟ ଲୁଣାନଦୀକୁ ଗାଧୋଇବାକୁ ଯାଇଥିଲେ । ସକାଳ ପ୍ରାୟ ୮ଟା ବେଳେ ଏମାନେ ଗାଧୋଉଥିବା ବେଳେ ନଦୀର ପ୍ରଖର ସ୍ରୋତରେ ଦୁଇ ନାବାଳିକା ଭାସିଯାଉଥିବା ବେଳେ କୌଶଳ କ୍ରମେ ରାଜଲକ୍ଷ୍ମୀଙ୍କୁ ପାଖରେ ଗାଧୋଉଥିବା ମହିଳାମାନେ ଉଦ୍ଧାର କରିଥିଲେ । କିନ୍ତୁ ଅଭିଲିପ୍ସାଙ୍କୁ ଉଦ୍ଧାର କରିବା ସମ୍ଭବ ହୋଇନଥିଲା । ତୁରନ୍ତ ରାଜଲକ୍ଷ୍ମୀଙ୍କୁ ଚିକିତ୍ସା ପାଇଁ ମହାକାଳପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । କିନ୍ତୁ ଅଭିଲିପ୍ସା ନିଖୋଜ ଥିଲେ । ଅଗ୍ନିଶମ ବାହିନୀ ଓ ଓଡ୍ରାଫ ଟିମ୍ ଲୁଣାନଦୀରେ ଖୋଜାଖୋଜି କରିଥିଲେ ।



# ବାଇକ୍ ଓ ଅଟୋ ମଧ୍ୟରେ ଧକ୍କା : ଜଣେ ଗୁରୁତର

**ରାଇଘର, ନ୍ୟୁଜ୍‌ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ରାଇଘର ଉମରକୋଟ ଯିବା ମୁଖ୍ୟ ରାସ୍ତା ବୁର୍ଜା ଛକ ନିକଟରେ ଏକ ଅଟୋ ଓ ବାଇକ୍ ମଧ୍ୟରେ ଧକ୍କା ହେବା ଫଳରେ ଜଣେ ବ୍ୟକ୍ତି ଆହତ ହୋଇଛନ୍ତି । ଆହତ ବ୍ୟକ୍ତି ଜଣକ ହେଲେ ରାଇଘରର ସୋମନାଥ ପଟ୍ଟନାୟକ (୫୨) । ସୂଚନା ଅନୁସାରେ ସୋମନାଥ ଅନ୍ୟ ଦୁଇ ଜଣଙ୍କ ସହ ବାଇକ୍ ଯୋଗେ କୌଣସି କାମରେ ଉମରକୋଟ ଆସି ରାଇଘର ଫେରୁଥିଲେ । ଏହି ସମୟରେ ବୁର୍ଜା ଛକ ନିକଟରେ ଏକ ଅଟୋ ସହିତ ଧକ୍କା ହୋଇଥିଲା । ଅଟୋ ସହିତ ଧକ୍କା ହେବା ଫଳରେ ରାସ୍ତାରେ ଛିଟିକି ପଡ଼ିଥିଲେ । ସାଥିରେ ଥିବା ଅନ୍ୟ ଦୁଇ ଜଣ ସୋମନାଥଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ସୋମନାଥଙ୍କ ବାମ ହାତ ଭାଙ୍ଗି ଯାଇଛି । ସୋମନାଥଙ୍କ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା ।

30 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୨୯ ଅପ୍ରେଲ ୨୦୨୪ ସୋମବାର





## ବର୍ଷାଙ୍କ ବିରୋଧରେ ଅନୁଭବଙ୍କ ମାମଲା

# ମେ ୧୩ରେ ହାଇକୋର୍ଟରେ ପରବର୍ତ୍ତୀ ଶୁଣାଣି

**କଟକ, ନ୍ୟୁଜ ବ୍ୟୁରୋ**

ପୁରୀଘାଟ ଥାନାରେ ୨୦୨୦ରେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ତରଫରୁ ଦାଖଲ ଏତଲା ଆଧାରରେ ପଞ୍ଜୀକୃତ ମାମଲା ରଦ୍ଦ କରିବାକୁ ଅଭିନେତା ତଥା ସାଂସଦ ଅନୁଭବ ମହାନ୍ତି ଦାୟର କରିଥିବା ଆବେଦନର ପରବର୍ତ୍ତୀ ଶୁଣାଣି ମେ ୧୩ରେ ହାଇକୋର୍ଟରେ ହେବ। ଜଷ୍ଟିସ ବି.ପି.ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଅନୁଭବଙ୍କ ଆବେଦନର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ ୨୦୨୦ ଡିସେମ୍ବର ୧୯ରେ ବର୍ଷାଙ୍କ ଏତଲା ଆଧାରରେ ଆଇପିସିର ଦଫା ୪୯୮-



କ, ୩୪୧, ୫୦୬ ଓ ୩୪ରେ ଅନୁଭବ ଓ ତାଙ୍କ ଦୁଇ ସହଯୋଗୀଙ୍କ ବିରୋଧରେ ପୁରୀଘାଟ ଥାନାରେ ମାମଲା ରୁଜୁ ହୋଇଥିଲା। ଏହି ମାମଲା ରଦ୍ଦ କରିବାକୁ ଅନୁଭବ ଗତ ବର୍ଷ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାରେ ରାଜ୍ୟ ସରକାର ଓ ବର୍ଷାଙ୍କୁ ପକ୍ଷଭୁକ୍ତ କରାଯାଇଛି। ହାଇକୋର୍ଟରେ ଏହି ମାମଲା ବିଚାରାଧୀନ ଥିବା ବେଳେ ୨୦୨୩ ସେପ୍ଟେମ୍ବର ୨୨ରେ ଅନୁଭବଙ୍କ ଛାଡ଼ପତ୍ର ଆବେଦନକୁ କଟକ ପରିବାର ଅଦାଲତ ଖାରଜ କରିଥିଲେ। ଏହାପରେ ପରିବାର ଅଦାଲତ ରାୟ ବିରୋଧରେ ଅନୁଭବ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୨୩ ଡିସେମ୍ବର ୨୩ରେ ହାଇକୋର୍ଟ ଅନୁଭବଙ୍କ ଆବେଦନକୁ ଗ୍ରହଣ କରି ତାଙ୍କୁ ଛାଡ଼ପତ୍ର ମଞ୍ଜୁର କରିଥିଲେ। ପରବର୍ତ୍ତୀ ସମୟରେ ପୁରୀଘାଟ ଥାନା ମାମଲାକୁ ରଦ୍ଦ ପାଇଁ ଦାୟର କରିଥିବା ଆବେଦନରେ କେତେକ ସଂଶୋଧନ ଆବଶ୍ୟକ ବୋଲି ଅନୁଭବଙ୍କ ତରଫରୁ ଦର୍ଶାଯାଇଥିଲା। ଏହି ମାମଲା ବିଚାରାଧୀନ ଥିବା ବେଳେ ପରିବର୍ତ୍ତିତ ପରିସ୍ଥିତି ସଂକ୍ରାନ୍ତରେ ତଥ୍ୟ ସମ୍ବଳିତ ଅନ୍ତରୀଣ ଆବେଦନ ଅନୁଭବଙ୍କ ତରଫରୁ ଦାଖଲ କରାଯାଇଛି। ମୂଳ ଆବେଦନ ସହିତ ଅନ୍ତରୀଣ ଆବେଦନର ମେ ୧୩ରେ ଶୁଣାଣି ହେବ।

## ୟୁପିଏସ୍‌ସି ଉତ୍ତୀର୍ଣ୍ଣ ପୁରାତନ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କଲା ନିଟ୍ ରାଉରକେଲା

**ରାଉରକେଲା, ୨୮/୦୪ ନ୍ୟୁଜ ବ୍ୟୁରୋ**

କେନ୍ଦ୍ର ଲୋକସେବା ଆୟୋଗ (ୟୁପିଏସସି) ଦ୍ୱାରା ପରିଚାଳିତ ସିଭିଲ ସେବା ପରୀକ୍ଷା-୨୦୨୩ରେ ସଫଳତା ହାସଲ କରିଥିବା ରାଉରକେଲା 'ଏନଆଇଟି'ର ପୁରାତନ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିଛି ସଂସ୍ଥାନ। ୟୁପିଏସସି ସିଭିଲ ସର୍ଭିସ୍ ପରୀକ୍ଷା-୨୦୨୩ରେ ରାଉରକେଲା 'ଏନ୍‌ଆଇଟି'ର ପୁରାତନ ଛାତ୍ରଛାତ୍ରୀଙ୍କ ଉଲ୍ଲେଖନୀୟ ସଫଳତାକୁ ନେଇ ବର୍ତ୍ତମାନ ଗୌରବମୟ ହୋଇଛି ସମଗ୍ର ରାଉରକେଲା ସହର। ସଂସ୍ଥାନର ୫ଜଣ ପୁରାତନ ଛାତ୍ରଛାତ୍ରୀ ଚଳିତ ଥର ସିଭିଲ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ବିଭିନ୍ନ ସେବା ପାଇଁ ଚୟନ ହୋଇଛନ୍ତି। ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ଅନିମେଶ ପ୍ରଧାନ, କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗରେ ଏନଆଇଟି ରାଉରକେଲାରୁ ୨୦୨୧ ମସିହାରେ ପାସଆଉଟ ହୋଇଥିଲେ। ସେହିପରି ପଦ୍ମନାଭ ମିଶ୍ର, ର୍‍ୟାଙ୍କ ୧୭୬ ରଖିଥିବା ବେଳେ ସଂସ୍ଥାନର ୨୦୧୮ ବ୍ୟାଚରେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗରୁ ଅଧ୍ୟୟନ ଶେଷ କରିଛନ୍ତି। ଅନ୍ୟତମ ସଫଳ ଛାତ୍ର ବିଶ୍ୱଜିତ ପଣ୍ଡା ର୍‍ୟାଙ୍କ ୩୪୩ରେ ରହିଛନ୍ତି। ସେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ୨୦୧୬ ମସିହାରେ ସଂସ୍ଥାନର ପାସଆଉଟ ହୋଇଥିଲେ। ସଂସ୍ଥାନର ଅନ୍ୟତମ ଛାତ୍ରୀ ଅନୁଷ୍କା ସରକାର ମଧ୍ୟ ସିଭିଲ ସେବାରେ ଚଳିତ ଥର ୪୨୬ ସ୍ଥାନରେ ରହିଛନ୍ତି। ଏମଏ- ଇନ-ଡେଭଲପମେଣ୍ଟ ଷ୍ଟଡିଜରେ ସେ ୨୦୧୯ ଏନ୍‌ଆଇଟି ରାଉରକେଲାରୁ ପାସ ଆଉଟ ହୋଇଥିଲେ। ର୍‍ୟାଙ୍କ ୯୯୨ରେ ରହିଛନ୍ତି କଲ୍ଲୋଳ ହଜାରିକା। ସେ ମେକାନିକାଲ୍ ଇଞ୍ଜିନିୟରିଂରେ ୨୦୧୬ ବ୍ୟାଚରେ ଏନ୍‌ଆଇଟି ରାଉରକେଲାରୁ ପାସଆଉଟ ହୋଇଥିଲେ। ଏହି ସମସ୍ତ କୃତି ଛାତ୍ରଛାତ୍ରୀଙ୍କୁ ସଂସ୍ଥାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି।

# ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଅଘଟଣ: ଆଖିବୁଜିଲା ସିଂହୀ ଶାବକ ଆକବର

**ବାରଙ୍ଗ, ନ୍ୟୁଜ ବ୍ୟୁରୋ**

ରବିବାର ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପାଇଁ ଅଶୁଭ ସାବ୍ୟସ୍ତ ହୋଇଛି। ପ୍ରାଣୀ ଚିକିତ୍ସାର ଉନ୍ନତିକୁ ନେଇ ବିଶ୍ୱ ସାରା ଉତ୍ସବ ପାଳନ କରାଯାଉଥିବା ବେଳେ ନନ୍ଦନକାନନରେ ଘଟିଛି ଏକ ଅଘଟଣ। ଜନ୍ତୁରକ୍ଷକମାନଙ୍କ ହେପାଜତରେ ପୃଥକୀକରଣ କେନ୍ଦ୍ରରେ ଥିବା ଏକ ମାସକର ସିଂହ ଛୁଆର ମୃତ୍ୟୁ ହୋଇଛି। ଗତମାସରେ ସିଂହୀ ରେବା ଗର୍ଭରୁ ଜନ୍ମ ନେଇଥିବା ଦ୍ୱିତୀୟ ଶାବକର ଅଚାନକ ମୃତ୍ୟୁ ହୋଇଛି। ଅମର-ଆକବର-ଅନ୍ଥୋନୀ ଭାବେ ଜଣାଶୁଣା ସିଂହୀ ରେବାର ୩ ଛୁଆଙ୍କ ମଧ୍ୟରୁ ଆକବର ଆଖି ବୁଜିଛି ବୋଲି କୁହାଯାଉଛି।

ଶନିବାର ସୁଦ୍ଧା ସିଂହ ଶାବକର



ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ସତ୍ତ୍ୱେ ରବିବାର ଆକସ୍ମିକ ଭାବେ ତା'ର ମୃତ୍ୟୁ ଘଟିଛି। ତେଣୁ କାରଣ ଜାଣିବା ପାଇଁ ନନ୍ଦନକାନନ ପ୍ରାଣୀ ଚିକିତ୍ସକ ଶବ ବ୍ୟବଚ୍ଛେଦ ଓ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଓୟୁଏଟି ପଠାଇଛନ୍ତି। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି କୁହାଯାଉଛି। ସିଂହ ରାଜେଶ ସହ ମିଳନ ପରେ ସିଂହୀ ରେବା ଗର୍ଭ ଧାରଣ କରିଥିଲା। ମାର୍ଚ୍ଚ ୨୪ ତାରିଖ ଦିନ ସେ ୩ଟି ଅଣ୍ଡିରା ଶାବକ ଜନ୍ମ ଦେଇଥିଲା। ତିନି ଛୁଆ ସୁସ୍ଥ ଥିଲେ। କିନ୍ତୁ ମା' ରେବା ଉପଯୁକ୍ତ ଯତ୍ନ ନ ନେବା ଦେଖି ନନ୍ଦନକାନନ କର୍ତ୍ତୃପକ୍ଷ ତିନି ଛୁଆଙ୍କୁ ମା'ଠାରୁ ଅଲଗା କରି ଜନ୍ତୁରକ୍ଷକଙ୍କ ଦାୟିତ୍ୱରେ ରଖିଥିଲେ। ସେତେବେଳେ ପିସିସିଏଫ୍ ସୁଶାନ୍ତ ନନ୍ଦ ଖୁସିରେ ସେମାନଙ୍କ ନାଁ ଅମର-ଆକବର-ଆନ୍ଥୋନୀ ବୋଲି ଟ୍ୱିଟ୍ କରିଥିଲେ। ଏହାଥିଲା ଅଣଆନୁଷ୍ଠାନିକ ନାମକରଣ। କାରଣ ନିୟମାନୁସାରେ ନନ୍ଦନକାନନରେ ଜନ୍ମିତ ଶାବକମାନଙ୍କର ନାମକରଣ ପ୍ରତିଷ୍ଠା ଦିବସ ବା ଶାବକମାନଙ୍କ ଜନ୍ମ ଦିବସରେ କରାଯାଇଥାଏ। ତେବେ ପିସିସିଏଫ୍ ଶ୍ରୀ ନନ୍ଦଙ୍କ ଅଣଆନୁଷ୍ଠାନିକ ନାଁରେ ୩ ସିଂହ ଛୁଆ ଜଣାଶୁଣା ହୋଇଯାଇଥିଲେ।

# ୨୯ରେ ପ୍ରକାଶ ପାଇବ ଓଡ଼ିଶାରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ବିଜ୍ଞପ୍ତି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ବିଧିବଦ୍ଧ ଭାବରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ(ସାମଗ୍ରିକ ଭାବେ ଦେଶରେ ଷଷ୍ଠ ପର୍ଯ୍ୟାୟ ନିର୍ବାଚନ) ପାଇଁ ବିଜ୍ଞପ୍ତି ଅପ୍ରେଲ ୨୯ ତାରିଖରେ ପ୍ରକାଶ ପାଇବ। ଏହି ଅବସରରେ ସଂସଦୀୟ କ୍ଷେତ୍ର ନାମ, ଜିଲ୍ଲା, ମହିଳା, ପୁରୁଷ ଓ ତୃତୀୟ ଲିଙ୍ଗ ଭୋଟର୍ ସଂଖ୍ୟା, ଜେଣ୍ଡର ରେସିଓ, ଯୁବ ଭୋଟର ସଂଖ୍ୟା, ପୋଲିଂ ବୁଥ୍ ସଂଖ୍ୟା ଓ ସି-ଭିଜିଲ ସମ୍ବନ୍ଧୀୟ ସୂଚନା ଜଣାଇ ଦିଆଯାଉଛି। ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ନିମନ୍ତେ ପ୍ରାର୍ଥୀପତ୍ର ଦାଖଲର ଶେଷ ତାରିଖ ୨୦୨୪ ମଇ ୬ ତାରିଖ(ସୋମବାର) ଧାର୍ଯ୍ୟ କରାଯାଇଥିବାବେଳେ ୨୦୨୪ ମଇ ୭ ତାରିଖ(ମଙ୍ଗଳବାର) ଦିନ ପ୍ରାର୍ଥୀପତ୍ର ଯାଂଚ କରାଯିବ। ୨୦୨୪ ମଇ ୯ ତାରିଖ(ଗୁରୁବାର) ଦିନକୁ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ଧାର୍ଯ୍ୟ କରାଯିବ। ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ୨୦୨୪ ମଇ ୨୫ ତାରିଖ(ଶନିବାର) ଦିନ ଅନୁଷ୍ଠିତ ହେବ ଏବଂ ୨୦୨୪ ଜୁନ୍ ୪ ତାରିଖ(ମଙ୍ଗଳବାର) ଦିନ ନିର୍ବାଚନ ଫଳ ଘୋଷଣା କରାଯିବ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଓଡ଼ିଶାରେ କଂଗ୍ରେସ...

ଅଙ୍ଗନୱାଡ଼ି ଦିଦିଙ୍କ ପାରିଶ୍ରମିକ ଦୁଇଗୁଣା କରିବୁ। ମନରେଗା ମଜୁରୀ ୪ ଶହ ଟଙ୍କା କରିବୁ। ଆଦିବାସୀଙ୍କୁ ଜଙ୍ଗଲ, ଜଳ, ଜମି ହସ୍ତାନ୍ତର କରାଯିବ ବୋଲି ରାହୁଲ ଗାନ୍ଧୀ ପ୍ରକାଶ କରିଛନ୍ତି।

## ରାଜ୍ୟରେ ତାତିର...

ପ୍ରବାହ ଯୋଗୁ ୨ରୁ ୪ ତାରିଖ ପର୍ଯ୍ୟନ୍ତ ତାପମାତ୍ରା ସାମାନ୍ୟ କମିପାରେ। ତେବେ ପାଣିପାଗରେ ବିଶେଷ କିଛି ପରିବର୍ତ୍ତନ ହେବନି। ଏହାପରେ ତାତି ବଢ଼ିବ ବୋଲି ସେ କରିଛନ୍ତି।

ସେପଟେ ଆଗାମୀ ୨୪ ଘଣ୍ଟା ପାଇଁ ମୟୂରଭଞ୍ଜ, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ଢେଙ୍କାନାଳ, ବୌଦ୍ଧ, ବଲାଙ୍ଗୀର, ସମ୍ବଲପୁର, ନୂଆପଡ଼ା, ଅନୁଗୁଳ, ଯାଜପୁର ଓ ଖୋର୍ଦ୍ଧା ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି କଟକ, ଜଗତସିଂହପୁର, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ସୋନପୁର, ମାଲକାନଗିରି, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ଗଜପତି, ନୟାଗଡ଼, ନବରଙ୍ଗପୁର, ଦେବଗଡ଼, ବରଗଡ଼ ଓ ରାୟଗଡ଼ା ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ଏହା ସହ କୋରାପୁଟ ଓ ପୁରୀ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

## ଓଡ଼ିଶାର ବିକାଶ...

ମୋଦିଙ୍କୁ ତୃତୀୟ ଥର ପ୍ରଧାନମନ୍ତ୍ରୀ କରନ୍ତୁ। ନବୀନ ସରକାର ଆୟୁଷ୍ମାନ ଭାରତ ଯୋଜନା ଓଡ଼ିଶାରେ ଲାଗୁ କରୁ ନାହାନ୍ତି। ଓଡ଼ିଶାରେ ବିଜେପି ସରକାର ଆସିଲେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ ହେବ।

ଶ୍ରୀ ନଡ୍ଡା କହିଛନ୍ତି, ମୋଦି ଆପଣଙ୍କୁ ଅବହେଳା କରି ନାହାନ୍ତି। ଆପଣଙ୍କୁ ଅଧିକାର ଦେଇଛନ୍ତି। ଆଇଆଇଏମ୍ ସମ୍ବଲପୁରର ସ୍ଥାୟୀ ପରିସର ନିର୍ମାଣ କରିଛନ୍ତି। ମୋଦି ସରକାର ଓଡ଼ିଶାରେ ୪୩୦୦କିମି ଜାତୀୟ ରାଜପଥ ନିର୍ମାଣ କରିଛନ୍ତି। ରାୟପୁର-ବିଶାଖାପାଟଣା ଗ୍ରୀନ କରିଡର ନିର୍ମାଣ କରାଯାଉଛି। ରେଳବାଇରେ ଓଡ଼ିଶାରେ ୧୨ ଗୁଣ ବଜେଟ ବଢ଼ାଯାଇଛି। ୨ଟି ବନ୍ଦେ ଭାରତ ଏକ୍ସପ୍ରେସ, ୪ଟି ବିମାନବନ୍ଦର ନିର୍ମାଣ କରାଯାଇଛି। ଅମୃତ ଭାରତ ଯୋଜନାରେ ୫୭ଟି ଷ୍ଟେସନ ନିର୍ମାଣ କରାଯାଉଛି। ରାଜ୍ୟରେ ବିଶ୍ୱସ୍ତରୀୟ ରେଳ ଷ୍ଟେସନ ନିର୍ମାଣ କରାଯାଉଛି।

ଅଟୋମୋବାଇଲ ଉତ୍ପାଦନ କ୍ଷେତ୍ରରେ ବିଶ୍ୱର ତୃତୀୟ ସ୍ଥାନରେ ପହଞ୍ଚିଛି ଭାରତ। ଜାପାନ ଭଳି ଦେଶକୁ ପଛରେ ପକାଇଛି। ଆଜି ସମସ୍ତଙ୍କ ପାଖରେ ସ୍ମାର୍ଟଫୋନ୍ ଅଛି। ଦଶ ବର୍ଷ ପୂର୍ବରୁ ମୋବାଇଲରେ ଲେଖାଯାଉଥିଲା ଚାଇନା, ଜାପାନ, କୋରିଆ, ତାଇୱାନ। ଏବେ କିନ୍ତୁ ଆପଣଙ୍କର ମୋବାଇଲରେ ଲେଖାହେଉଛି ଭାରତ। ମୋଦିଙ୍କ ନେତୃତ୍ୱରେ ସମାଜର ସବୁ ବର୍ଗର ଲୋକଙ୍କୁ ବଳ ମିଳିଛି। ଗାଁରେ ସଡ଼କ, ଅପଟିକାଲ ଫାଇବର, କମନ ସର୍ଭିସ ସେଣ୍ଟର ଖୋଲିଛି। ବିଶ୍ୱରେ ଭାରତ ପଞ୍ଚମ ଅର୍ଥ ବ୍ୟବସ୍ଥାର ଦେଶ ହୋଇଛି। ପୂର୍ବରୁ ଏହା ୧୧ ନମ୍ବରରେ ଥିଲା। ଏହା ପୂର୍ବରୁ ଶ୍ରୀ ନଡ୍ଡା ମହାପ୍ରଭୁ ଜଗନ୍ନାଥଙ୍କ ନାମ ନେଇ ଭାଷଣ ଆରମ୍ଭ କରିଥିଲେ। ସେ କହିଥିଲେ, ରବିବାର ମଧୁବାବୁଙ୍କ ଜୟନ୍ତୀ। ସେ ଓଡ଼ିଶାକୁ ଗଠନ କରିବାରେ ବଡ଼ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛି। ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ସମେତ ଓଡ଼ିଶା ଗଠନ କରିବାରେ ଯେଉଁମାନେ ନିଜକୁ ବାଜି ଲଗାଇଥିଲେ ସେମାନଙ୍କୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଜଣାଉଛି। ଶ୍ରୀ ନଡ୍ଡା ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକର୍ତ୍ତା ବୈଠକରେ ଯୋଗ ଦେଇଥିଲେ। ଏହି ବୈଠକରେ ବ୍ରହ୍ମପୁର, ଆସିକା, ନବରଙ୍ଗପୁର ଓ କୋରାପୁଟରେ ପ୍ରାର୍ଥୀ ହୋଇଥିବା ସମସ୍ତ ଲୋକସଭା ଓ ବିଧାନସଭା ଆସନର ପ୍ରାର୍ଥୀଙ୍କ ସମେତ ଜିଲ୍ଲା ସଭାପତି, ପଦାଧିକାରୀ ଯୋଗଦେଇଥିଲେ। ନଡ୍ଡା ବ୍ରହ୍ମପୁରରେ ରାତ୍ରିଯାପନ କରି ସୋମବାର ସକାଳେ ଭାୟା ଭୁବନେଶ୍ୱର ହୋଇ ଦିଲ୍ଲୀ ଫେରିବାର କାର୍ଯ୍ୟକ୍ରମ ରହିଛି।

## ନିର୍ବାଚନ ବେଳେ...

ନବୀନ ସରକାରଙ୍କ ବିରୋଧରେ ଦଳୀୟ କର୍ମୀଙ୍କୁ ଉତ୍ସାହିତ କରିବା ପାଇଁ ଭୁବନେଶ୍ୱର ଜନତା ମଇଦାନ ସମାବେଶରେ ଯେଉଁ ପ୍ରକାର ବଡ ଆହ୍ୱାନ-('ଏ ସରକାରକୁ ବଙ୍ଗୋପସାଗରରେ ଫିଙ୍ଗିଦିଅ') ବୋଲି ଦେଇଥିଲେ ସେହିପରି ଏବେ ୨୦୨୪ ନିର୍ବାଚନ ପରିପ୍ରେକ୍ଷୀରେ ଓଡ଼ିଶା ଗସ୍ତରେ ଆସି ପଶ୍ଚିମ ଓଡ଼ିଶାର ସୋନପୁରରେ ଅନୁରୂପ ଢଙ୍ଗରେ କହିଥିଲେ। ଦଳୀୟ କର୍ମୀ କେନ୍ଦ୍ରମନ୍ତ୍ରୀଙ୍କ ଏ ପ୍ରକାର ଭାଷଣ ଶୁଣି ପୁରା ମାତ୍ରାରେ ଉତ୍ସାହିତ ମଧ୍ୟ ହୋଇଥିବା ଲକ୍ଷ୍ୟ କରାଯାଇଛି। ହେଲେ ବାସ୍ତବ କଥା ହେଉଛି କେନ୍ଦ୍ର ଗୃହମନ୍ତ୍ରୀ ଭାଷଣରେ ଦେଇଥିବା ଆହ୍ୱାନର ଫଳସ୍ୱରୂପ ଗତ ଲୋକସଭା ନିର୍ବାଚନରେ ବିଜେପି ୮ଟି ଆସନ ପାଇବାକୁ ସକ୍ଷମ ହୋଇଥିବା ବେଳେ ବିଧାନସଭାରେ ମାତ୍ର ୨୩ଟି ଆସନ ପାଇଥିଲା। ଅନୁରୂପ ଭାବେ ଏଥର ଏହି ଆସନ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇବ ବୋଲି ଦଳୀୟ ନେତା ଓ କର୍ମୀମାନଙ୍କର ଦୃଢ଼ ବିଶ୍ୱାସ ଜନ୍ମିଥିଲେ ମଧ୍ୟ ତାହା ବାସ୍ତବ କ୍ଷେତ୍ରରେ ପ୍ରତିଫଳିତ ହୋଇନପାରେ ବୋଲି ରାଜନୈତିକ ସମୀକ୍ଷକ ମତ ରଖିଛନ୍ତି। ଆହୁରି ମଧ୍ୟ ଜଣାପଡିଛି ଯେ, ପ୍ରଧାନମନ୍ତ୍ରୀଙ୍କ ସମେତ ବିଜେପିର କେନ୍ଦ୍ରୀୟ ନେତାମାନେ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର କଥା ଉପରେ ବେଶି ଜୋର ଦେଉଥିଲେ ମଧ୍ୟ ତାହା ବି ସାକାର ହେବା ନେଇ ପ୍ରଶ୍ନ ଉଠିଛି। କାରଣ ଦୀର୍ଘ ୨୪ବର୍ଷ ଧରି ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପରିଚାଳିତ ସରକାରରେ ବିଭିନ୍ନ କ୍ଷେତ୍ରରେ ଯେଉଁ ଅଭୂତପୂର୍ବ ବିକାଶ ହୋଇଛି ସେଥିରେ ଓଡ଼ିଶାବାସୀ ଅଭିଭୂତ ହୋଇଛନ୍ତି। ଆଗକୁ ମଧ୍ୟ ଓଡ଼ିଶାରେ ଏକକ ଭାବେ ନବୀନ ସରକାର କାମ କରିବ ବୋଲି ବିଶ୍ୱାସ ରଖିଛନ୍ତି। କାରଣ ସାଢେ ୪ କୋଟି ଓଡ଼ିଶାବାସୀଙ୍କୁ ନବୀନ ନିଜର ପରିବାର ବୋଲି ଧରି ନେଇଛନ୍ତି ଏବଂ ସେମାନଙ୍କ ସେବାରେ ନିରନ୍ତର ଲାଗି ରହିଛନ୍ତି।

## 'ସାହିତ୍ୟ ମାସିକୀ' କାର୍ଯ୍ୟକ୍ରମ

# " ସଂଗୀତ ଓ ସାହିତ୍ୟ ପରସ୍ପର ନିର୍ଭରଶୀଳ, ଗୀତରେ ସାହିତ୍ୟ ଅଛି "

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗୀତ, ସଂଗୀତ ଓ ସାହିତ୍ୟ ପରସ୍ପର ନିର୍ଭରଶୀଳ। ଗୀତରେ ସାହିତ୍ୟ ଅଛି। ଗୀତି କବିତା ଓଡ଼ିଆ ସାହିତ୍ୟର ପ୍ରମୁଖ ଅଙ୍ଗ ବୋଲି ପ୍ରସିଦ୍ଧ ଗାୟକ ଓ ସଂଗୀତ ନିର୍ଦ୍ଦେଶକ ଦେବାଶୀଷ ମହାପାତ୍ର ମତବ୍ୟକ୍ତ କରିଛନ୍ତି। ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ "ସାହିତ୍ୟ ମାସିକୀ"ରେ ଅତିଥି ଭାବରେ ଯୋଗଦେଇ ଶ୍ରୀ ମହାପାତ୍ର ସୃଜନର ସମନ୍ୱିତ ବିକାଶ ଉପରେ ଗୁରୁତ୍ୱ ଦେଇଛନ୍ତି। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଶ୍ରୀ ରକ୍ଷକ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀ ମହାପାତ୍ର ତାଙ୍କ ଅର୍ଦ୍ଧଶତାବ୍ଦୀ ବ୍ୟାପୀ ସଂଗୀତ ଯାତ୍ରାର ବିସ୍ତୃତ ବିବରଣୀ ପ୍ରଦାନ କରି ତାଙ୍କ




ସଂଗୀତ ସାଧନାର ପ୍ରେରଣା, ପରିବେଶ, ଗୀତିକବିତା ଓ ସୁଗମ ସଂଗୀତରେ ତାରତମ୍ୟ, ସମ୍ମାନ ଓ ଅନୁଭୂତି ଉପରେ ଆଲୋକପାତ କରିଥିଲେ। ଡ. ପ୍ରଦୀପ୍ତ କୁମାର ବାରିକ, ଶ୍ରୀବାସ ମହାପାତ୍ର, ବିଭୂତି ପାଣିଗ୍ରାହୀ ଓ ଗିରୀଶ ପ୍ରସାଦ ସ୍ୱାଇଁ ପ୍ରମୁଖ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। 'ଏ ମାସର କଥାକାର' ଭାବରେ ଯୋଗଦେଇ ଅମ୍ବିକା ସ୍ୱାଇଁ ସ୍ୱରଚିତ ଗଳ୍ପ ପାଠ କରିଥିଲେ। ଡ. ଅଭୟ ନାରାୟଣ ନାୟକ, ଜୟଶ୍ରୀ ପଟ୍ଟନାୟକ ଓ ବିଜନବାଳା ପାଟଯୋଶୀଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ସତ୍ୟ ନାରାୟଣ ସିଂହ, ନନ୍ଦକିଶୋର ବିଶ୍ୱାଳ, ଭିକାରୀ ଧଳ, ମନମୋହନ ମିଶ୍ର, ନୃସିଂହ ତରାଇ, ଅନୁରାଧା ମିଶ୍ର, ମିନତୀ ମିଶ୍ର, ଇତିଶ୍ରୀ ପତି, ପ୍ରଦ୍ୟୁମ୍ନ ପଟ୍ଟନାୟକ, ରଶ୍ମୀ ରାଉତ, ସନ୍ତାପ ଜେନା, ସବିତା ଶତପଥୀ, ବିରଞ୍ଚି ନାରାୟଣ ଶତପଥୀ ଓ ଆଭାସ ବରାଳ ପ୍ରମୁଖ କବିତା ପାଠ କରିଥିଲେ।

## ଗୃହପାଳିତ ପଶୁଙ୍କ ପାଇଁ ସ୍ୱାସ୍ଥ୍ୟବୀମା ପ୍ରଚଳନ କରାଯାଉ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଶ୍ୱ ପ୍ରାଣୀ ଚିକିତ୍ସକ ଦିବସ ଅବସରରେ ରାଜ୍ୟର ୯୯ଲକ୍ଷ ଗୃହପାଳିତ ପଶୁପକ୍ଷୀଙ୍କ ପାଇଁ ବି.ଏସ୍.କେ.ୱାଇ. ଭଳି ଏକ ନୂଆ ସ୍ୱାସ୍ଥ୍ୟବୀମା ଯୋଜନା ପ୍ରଚଳନ ଦାବି କରି ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ପକ୍ଷରୁ ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପ୍ରମୁଖ ସଚିବଙ୍କୁ ଏକ ପତ୍ର ଲେଖାଯାଇଛି। ଏହାବ୍ୟତୀତ ରାଜ୍ୟରେ ଏକ ପ୍ରାଣୀ ଚିକିତ୍ସା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ୨୦୨୧ ମସିହାରେ ରାଜ୍ୟ ସରକାର ଯେଉଁ ମଞ୍ଜୁରୀ ପ୍ରଦାନ କରିଥିଲେ ତାହାକୁ ଅବିଳମ୍ବେ କାର୍ଯ୍ୟକାରୀ କରିବା, ଖାଲିପଡ଼ିଥିବା ପ୍ରାଣୀ ଚିକିତ୍ସକ ଓ ସ୍ୱାସ୍ଥ୍ୟକର୍ମୀ ପଦବୀରେ ତୁରନ୍ତ ନିଯୁକ୍ତି ଦେବାକୁ ମଧ୍ୟ ଏହି ପତ୍ରରେ ଦାବି କରାଯାଇଛି। ସଂଗଠନର ରାଜ୍ୟ ଅଧକ୍ଷ ରବି ବେହେରାଙ୍କ ଦ୍ୱାରା ଲିଖିତ ଏହି ପତ୍ରରେ କୁହାଯାଇଛି ଯେ, ଓଡ଼ିଶାର ଗ୍ରାମ୍ୟ ଅର୍ଥନୀତି ପ୍ରାଣୀ ସମ୍ପଦର ବିକାଶ ଉପରେ ନିର୍ଭରଶୀଳ।

# ବିଜୁ ଆଦର୍ଶ କଲୋନୀ ଏକତା ମଞ୍ଚ ଆନୁକୂଲ୍ୟରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭି. ଏସ. ଏସ. ନଗର ୱାର୍ଡ ନମ୍ବର - ୧୧ର ସମସ୍ତ ବିଜୁ ଆଦର୍ଶ କଲୋନୀର ମୁରବୀ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ଦ୍ୱାରା ମହାବୀର ବିଜୁ ଆଦର୍ଶ କଲୋନୀଠାରେ ଏକ ବିଶାଳ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଅଛି। ଏହି କର୍ମୀ ସମ୍ମିଳନୀରେ ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି କର୍ମୀ ସମ୍ମିଳନୀରେ ଧୃରୀକୁଟି, ମହାବୀର, ଗୋଜବାୟାଣୀ ଏବଂ ତ୍ରିନାଥ ବିଜୁ ଆଦର୍ଶ କଲୋନୀର ସମସ୍ତ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଆଗାମୀ ଦିନରେ ଏକତା ମଞ୍ଚ ସମଗ୍ର ୱାର୍ଡ ସ୍ତରରେ ସମସ୍ତ ଅଞ୍ଚଳକୁ ଯାଇ ନିଜର କାର୍ଯ୍ୟକ୍ରମ ଚାଲୁ ରଖିବ ବୋଲି ଏକତା ମଞ୍ଚର ସଭାପତି ନରେନ୍ଦ୍ର



କୁମାର ବିଶ୍ୱାଳ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ତଥା କାର୍ଯ୍ୟକ୍ରମକୁ ୱାର୍ଡର ପ୍ରତ୍ୟେକ ପରିବାର ପାଖରେ ପହଞ୍ଚାଇବାକୁ ମଞ୍ଚର କାର୍ଯ୍ୟକର୍ତ୍ତା ମତପ୍ରକାଶ କରିଥିଲେ। ଏହି ଅବସରରେ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଉତ୍ତରୀୟ ପ୍ରଦାନକରି ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମଞ୍ଚର ଉପଦେଷ୍ଟା ରାମଚନ୍ଦ୍ର ଦାସ, ଉପସଭାପତି ପରଂବ୍ରହ୍ମ ମାଣିକ, ସମ୍ପାଦକ ସଞ୍ଜୟ ମଲ୍ଲିକ, ସହ ସମ୍ପାଦକ ବଂଶୀଧର ନାୟକ, ପ୍ରଶାନ୍ତ କୁମାର ନାୟକ, କୋଷାଧକ୍ଷ ଦିଲ୍ଲୀପ ଘଡେଇ, ସଂଯୋଜକ ସୁରେଶ କୁମାର ପରମାଣିକ, ସୁଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସହ କୋଷାଧକ୍ଷ ଶ୍ରୀମାନ ସୌମ୍ୟ ରଞ୍ଜନ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।

# ଲୋକନୃତ୍ୟକୁ ପୁନରୁଦ୍ଧାର କରିବାକୁ ପ୍ରୟାସ : ଖୁବ୍‌ଶୀଘ୍ର ସବୁ ଜିଲ୍ଲାରେ ଖୋଲିବ ଡ୍ୟାନ୍ସ ସ୍କୁଲ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଚଳିତ ଆର୍ଥିକ ବର୍ଷ ୨୦୨୪-୨୫ରେ ରାଜ୍ୟର ୩ଟି ଜିଲ୍ଲାରେ ଖୋଲିବ ଲୋକନୃତ୍ୟ ପ୍ରଶିକ୍ଷଣ କେନ୍ଦ୍ର। ଏଥିପାଇଁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ସରକାରଙ୍କୁ ପ୍ରସ୍ତାବ ଦିଆଯିବ। ଏହାଦ୍ୱାରା ଜିଲ୍ଲାର ୩୦ଜଣ କଳାକାର ବର୍ଷତମାମ ପ୍ରଶିକ୍ଷଣ ପାଇବେ। ୨ଜଣ ଦକ୍ଷ ଗୁରୁ ସେମାନଙ୍କୁ ପ୍ରଶିକ୍ଷଣ ଦେବେ। ଏଥିପାଇଁ ସରକାର ଆର୍ଥିକ ସହାୟତା ଯୋଗାଇଦେବେ। ଫଳରେ ସେହି ଜିଲ୍ଲାର କଳାକାରମାନେ ଆର୍ଥିକ ସହାୟତା ପାଇବା ସହ ଉକ୍ତ କଳାକୁ ଆପଣେଇବା ପାଇଁ ସେମାନଙ୍କ ମଧ୍ୟରେ ଇଚ୍ଛାଶକ୍ତି ବୃଦ୍ଧି ପାଇବ। ଆଗାମୀ ଦିନରେ ନୂତନ ପିଢ଼ି ନିଜକୁ ଏ ଦିଗରେ ପ୍ରସ୍ତୁତ କରାଇ ପାରିବେ। ହଜି ଯାଉଥିବା ଲୋକକଳା ଓ ଲୋକନୃତ୍ୟର ପୁନରୁଦ୍ଧାର ନିମନ୍ତେ ଏକାଡେମୀ ପକ୍ଷରୁ ଏହି ଯୋଜନା କରାଯାଇଛି। ଲୋକନୃତ୍ୟ ହେଉଛି ଓଡ଼ିଶାର କଳା ଓ ସଂସ୍କୃତିର ପରିଚୟ। ପୂର୍ବରୁ ପର୍ବପର୍ବାଣିରେ ପାଲା, ଦାସକାଠିଆ, ଘୋଡ଼ା ନାଚ, ସଖୀ କଣ୍ଢେଇ ନୃତ୍ୟ, ଦଣ୍ଡ ନାଚ, କରମା ନାଚ, ରସରକେଲି ଆଦି ପାରମ୍ପରିକ ଲୋକନୃତ୍ୟର ଚାହିଦା ରହିଥିବା ବେଳେ ଧୀରେଧୀରେ ଏହା ଅପସରି ଗଲାଣି। ସେହିପରି ନାଗା ନାଚ, ଶୁଆ ନାଚ, ଡାଲଖାଇ, ମୁଣ୍ଡପୋତା, ଖରିଆ, ବାଉଁଶରାଣୀ ଆଦି ଲୋକନୃତ୍ୟ ଏବେ ପ୍ରାୟ ଲୁପ୍ତପ୍ରାୟ। ତେବେ ବିଦେଶରେ ଗଞ୍ଜାମର ଯୋଡ଼ିଶଙ୍ଖ, ଖୋର୍ଦ୍ଧାର ପାଇକ ଆଖଡ଼ା, କଳାହାଣ୍ଡିର ଘୁମୁରା, ମୟୂରଭଞ୍ଜର ଛଉ, ସମ୍ବଲପୁରର ସମ୍ବଲପୁରୀ, ଜଗତସିଂହପୁରର ଘଣ୍ଟ ପାଟୁଆ, ନୟାଗଡ଼ର ସିଂହ ବାଦ୍ୟ, କେନ୍ଦୁଝରର ଚାଙ୍ଗୁ ନୃତ୍ୟ, ଗଜପତିର ସଉରା ନାଚ, ବ୍ରହ୍ମପୁରର ଚଢ଼େୟା-ଚଢ଼େୟାଣୀ, ଦେଓଗଡ଼ର କରମାନାଚ, ନୂଆପଡ଼ାର ଗନାବାଜା, ଝାରସୁଗୁଡ଼ାର ଡାଲଖାଇ ନୃତ୍ୟ ବିଶେଷ ଲୋକପ୍ରିୟତା ହାସଲ କରିଛି। ତଥାପି କିଛି ଲୋକନୃତ୍ୟ ଏବେ ବି ବିଲୁପ୍ତପ୍ରାୟ। ଧୀରେଧୀରେ ସମୟର ପରିବର୍ତ୍ତନ ଓ ଆଧୁନିକତାର ଛାପରେ ଏହି ଲୋକନୃତ୍ୟ ଲୋକପ୍ରିୟତା ହରାଉଥିବା ବେଳେ ଏହାର ପୁନରୁଦ୍ଧାର ପାଇଁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏହି କ୍ରମରେ ଚଳିତ ଆର୍ଥିକ ବର୍ଷ ୨୦୨୪-୨୫ରେ କୋରାପୁଟ, ସମ୍ବଲପୁର ଓ ଭଦ୍ରକ ଜିଲ୍ଲାରେ ଖୋଲିବ ଲୋକନୃତ୍ୟ ପ୍ରଶିକ୍ଷଣ କେନ୍ଦ୍ର। କୋରାପୁଟ ଜିଲ୍ଲାରେ ଢେମ୍‌ସା ନୃତ୍ୟକୁ ଅଧିକ ଲୋକାଦୃତ କରିବା ସହ ସମ୍ବଲପୁରରେ ଡାଲଖାଇ ଏବଂ ଭଦ୍ରକ ଜିଲ୍ଲାରେ ମୋଗଲ ତାମସାକୁ ନେଇ ପ୍ରଶିକ୍ଷଣ କେନ୍ଦ୍ରରେ ନୃତ୍ୟ ପ୍ରଶିକ୍ଷଣ ଦେବେ ୨ଜଣ ଗୁରୁ। ଏଥିପାଇଁ ସରକାର ସମସ୍ତ ଆର୍ଥିକ ସହାୟତା ଯୋଗାଇଦେବେ। ସେହିପରି ଆଗାମୀ ଦିନରେ ୩୦ଟି ଜିଲ୍ଲାରେ ୩୦ଟି ଆର୍ଟ ଫର୍ମକୁ ନେଇ ପ୍ରଶିକ୍ଷ କେନ୍ଦ୍ର ଖୋଲାଯିବାର ମଧ୍ୟ ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଯୋଜନା କରାଯାଇଛି। ପ୍ରତ୍ୟେକ ଜିଲ୍ଲାର ସ୍ୱତନ୍ତ୍ର ପରିଚୟ ରହିଛି। ସେହି ଲୋକକଳା କିଭଳି ଉକ୍ତ ଜିଲ୍ଲାର ପରିଚୟ ପାଲଟିବ, ସେଥିପାଇଁ ଏକାଡେମୀ ଉଦ୍ୟମ କରୁଥିବା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ କହିଛନ୍ତି। ଶ୍ରୀ ରଥ କହିଛନ୍ତି ଯେ ୨୦୨୩-୨୪ ଆର୍ଥିକ ବର୍ଷରେ ଏକାଡେମୀରେ ନିର୍ମାଣ ହୋଇଛି ଫୋକ୍ କରିଡର ବା ଲୋକକଳା କରିଡର। ଓଡ଼ିଶାରେ ମୋଟ୍ ୧୮୨ଟି ଲୋକକଳା ରହିଥିବା ବେଳେ ସେଥିମଧ୍ୟରୁ ଏହି ଫୋକ୍ କରିଡରରେ ୭୫ଗୋଟି ଲୋକକଳାକୁ ସାମିଲ କରାଯାଇଛି। ଆଗାମୀ ଦିନରେ ଓଡ଼ିଶାର ସମସ୍ତ ଲୋକକଳା ଓ ଲୋକନୃତ୍ୟକୁ ଏହି କରିଡରରେ ସାମିଲ କରାଯିବ। ଏହାସହ ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ମଧ୍ୟ ପଦକ୍ଷେପ ନିଆଯାଇଛି। ଆଗାମୀ ଦିନରେ ପ୍ରତ୍ୟେକ ଜିଲ୍ଲାରେ ଡ୍ୟାନ୍ସ ସ୍କୁଲ ଖୋଲାଯିବ। ବର୍ତ୍ତମାନ 'ଦିକ୍ଷାଶାଳା' ମାଧ୍ୟମରେ ୧୫ରୁ ୩୦ଜଣ କଳାକାରଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଓଡ଼ିଶୀ ନୃତ୍ୟ କିଭଳି ଉପାନ୍ତ ଅଞ୍ଚଳରେ ଲୋକପ୍ରିୟତା ହାସଲ କରିବ ସେଥିପାଇଁ ଦକ୍ଷ ଗୁରୁମାନେ ଜିଲ୍ଲାକୁ ଯାଇ ସେଠାରେ ୱାର୍କସପ୍ ମାଧ୍ୟମରେ ପ୍ରଶିକ୍ଷଣ ଦେଉଛନ୍ତି। ଏହାବ୍ୟତୀତ ଆଦିବାସୀ ନୃତ୍ୟଶିଳ୍ପୀଙ୍କୁ ମଧ୍ୟ ଦୀକ୍ଷାନ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରୋତ୍ସାହନ ଦିଆଯାଉଛି। ଏହା ମାଧ୍ୟମରେ କଳାକାରମାନେ ସିଧାସଳଖ ସରକାରଙ୍କ ଠାରୁ ସହାୟତା ପାଇ ପାରୁଛନ୍ତି।

## ଜଙ୍ଗଲରେ ନିଆଁ ଲାଗିବାରେ ୭ ଦିନରେ ଓଡ଼ିଶା ଦେଶରେ ପ୍ରଥମ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଜଳୁଛି ବିଭିନ୍ନ ଜଙ୍ଗଲ। ଜଙ୍ଗଲରେ ନିଆଁ ଲାଗିବାର ୭ ଦିନ ମଧ୍ୟରେ ଓଡ଼ିଶା ଦେଶରେ ପ୍ରଥମ। ତେବେ ବନ ବିଭାଗର ପଦକ୍ଷେପ ଯୋଗୁ ଗତବର୍ଷ ତୁଳନାରେ ଏବର୍ଷ ରାଜ୍ୟରେ ଜଙ୍ଗଲ ନିଆଁ କମ୍ ରହିଛି। ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ- ଏଫ୍‌ଏସ୍‌ଆଇ ତଥ୍ୟାନୁସାରେ, ସାରା ଦେଶରେ ଶନିବାର ୧୪୦ଟି ସ୍ଥାନରେ ବଡ଼ ଧରଣର ଜଙ୍ଗଲ ନିଆଁ ଲାଗିଥିଲା। ଓଡ଼ିଶାରେ ସର୍ବାଧିକ ୪୧ଟି ସ୍ଥାନରେ ନିଆଁ ଲାଗିଛି। ତେବେ ବଡ଼ ଧରଣର ଜଙ୍ଗଲ ନିଆଁ ଲାଗିବାରେ ଗତ ୨୦ ତାରିଖରୁ ୭ ଦିନ ମଧ୍ୟରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନରେ ରହିଛି। ଗତବର୍ଷ ଏହି ସମୟରେ ୩୮ ହଜାରରୁ ଉର୍ଦ୍ଧ୍ୱ ସ୍ଥାନରେ ନିଆଁ ଲାଗିଥିବା ବେଳେ ଚଳିତ ବର୍ଷ ୧୬ ହଜାରରୁ ଅଧିକ ସ୍ଥାନରେ ନିଆଁ ଚିହ୍ନଟ ହୋଇଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଜଙ୍ଗଲରେ ଚଳିତ ବର୍ଷ ଶନିବାର ସୁଦ୍ଧା ୩୧୮ଟି ପଏଣ୍ଟ ରେ ନିଆଁ ଚିହ୍ନଟ ହୋଇଛି। ଏଫ୍‌ଏସ୍‌ଆଇର ଗତ ୫ବର୍ଷର ତଥ୍ୟକୁ ଦେଖିଲେ ଶିମିଳିପାଳରେ ମଧ୍ୟ କମ୍ ସ୍ଥାନରେ ନିଆଁ ଲାଗିଛି। ୨୦୨୦ରେ ଜାନୁଆରୀରୁ ଏପ୍ରିଲ ମାସ ଭିତରେ ୫୯୯ଟି ସ୍ଥାନରେ ଜଙ୍ଗଲ ନିଆଁ ଚିହ୍ନଟ ହୋଇଥିଲା। ୨୦୨୧ରେ ୨ ହଜାର ୮୬୧, ୨୦୨୨ ରେ ୩୧୯, ୨୦୨୩ରେ ୧ ହଜାର ୪୫୬ଟି ସ୍ଥାନରେ ନିଆଁ ଲାଗିଥିବା ଚିହ୍ନଟ ହୋଇଛି। ଗତ ଜାନୁଆରୀରୁ ଏପ୍ରିଲ ୨୭ ତାରିଖ ମଧ୍ୟରେ ଶିମିଳିପାଳରେ ୩୧୮ଟି ସ୍ଥାନରେ ନିଆଁ ଲାଗିଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଶିମିଳିପାଳରେ ୩୦୦ ଫାୟାର ସ୍କ୍ୱାଡ ନିୟୋଜିତ ଥିବା ବେଳେ ୩୦ ଜଣ ପୂର୍ବତନ କର୍ମଚାରୀ, ଓତ୍ରାଫର ୫୨ ଜଣ, ୨୨ଟି ସ୍ୱତନ୍ତ୍ର ଗାଡ଼ି, ଫାୟାର ସ୍କ୍ୱାଡ ପାଇଁ ୨୦ଟି ଗାଡ଼ି, ଫାୟାର ବ୍ଲୋୟର୍ସ ୪୬୦ଟି ଇତ୍ୟାଦି ଦିଆଯାଇଛି। ସେପଟେ ଜଙ୍ଗଲ ନିଆଁ ୯୦ପ୍ରତିଶତ ମନୁଷ୍ୟକୃତ ବୋଲି କୁହାଯାଉଛି। ଶିକାର ପାଇଁ ହେଉ ବା ମହୁଲ ଆଣିବା ପାଇଁ ଜଙ୍ଗଲରେ ଲୋକ ନିଆଁ ଲଗାଇ ଦେଉଛନ୍ତି। ଏଭଳି ସ୍ଥଳରେ ସେମାନଙ୍କୁ ଧରିବା ପାଇଁ ମଧ୍ୟ ବନ ବିଭାଗ କଡ଼ା ପଦକ୍ଷେପ ନେଇଛି। ୬୦ରୁ ଅଧିକ ଲୋକଙ୍କୁ ବନ ବିଭାଗ ଧରିସାରିଲାଣି।

## କର୍ଲାପାଟ ଅଭୟାରଣ୍ୟରେ ମାତିଛନ୍ତି ଜନ୍ତୁ ଶିକାରୀ: ୩ ଗିରଫ

**ଭବାନୀପାଟଣା, ନ୍ୟୁଜ ବ୍ୟୁରୋ**

ସଚେତନତା ସତ୍ତ୍ୱେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ବନ୍ୟଜନ୍ତୁ ଶିକାର। କଳାହାଣ୍ଡି ଜିଲ୍ଲା କର୍ଲାପାଟ ଅଭୟାରଣ୍ୟରେ ମାତିଛନ୍ତି ଜଙ୍ଗଲୀ ଜନ୍ତୁ ଶିକାରୀ। ଶୁକ୍ରବାର ଦିନ ବନ୍ୟପ୍ରାଣୀ ଶିକାର ବେଳେ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି ବନ ବିଭାଗ। ସେମାନଙ୍କ ଠାରୁ ୨ ଦେଶୀ ବନ୍ଧୁକ ଓ ଧନୁତୀର ମଧ୍ୟ ଜବତ କରାଯାଇଛି। ଏନେଇ ସାଉଥ୍ ଡିଭିଜନ ଏସିଏଫ ପ୍ରଫୁଲ୍ଲ କୁମାର ଦଳେଇ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ କର୍ଲାପାଟ ଅଭୟାରଣ୍ୟ ବନ ବିଭାଗ କର୍ମଚାରୀ ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ୩ ଜଣ ଜଙ୍ଗଲୀ ଜନ୍ତୁ ଶିକାରୀ ମାରଣାସ୍ତ୍ର ଧରି ଜଙ୍ଗଲରେ ବୁଲୁଥିବା ଖବର ପାଇଥିଲେ। ଘଟଣାସ୍ଥଳରେ ବନ ବିଭାଗ ଟିମ ପହଞ୍ଚିବା ପରେ ବିଳମ୍ବିତ ରାତିରେ ଅନ୍ଧକାରର ସୁଯୋଗ ନେଇ ଶିକାରୀମାନେ ଫେରାର ହୋଇଯାଇଥିଲେ। ପରେ ବନ ବିଭାଗ କର୍ମଚାରୀ ଏକ ସ୍ୱତନ୍ତ୍ର ଟିମ୍ କରି ଏହି ତିନି ଜଣଙ୍କୁ ଧରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ଶିକାରୀମାନଙ୍କ ଘରେ ଚଢ଼ାଉ କରି ସେମାନଙ୍କୁ ଗିରଫ କରିବା ସହ ଶିକାରରେ ବ୍ୟବହୃତ ମାରଣାସ୍ତ୍ର ମଧ୍ୟ ଜବତ କରିଛି ଟିମ୍।

ଭୁବନେଶ୍ୱର
୨୯ ଅପ୍ରେଲ
ସୋମବାର, ୨୦୨୪

RNI Regd. No. : 52640/94
Postal Regd. No. : BN/60/22-24



ଭୁବନେଶ୍ୱର : ସ୍ଥାନୀୟ ୟୁନିଟ୍-୬ ନଂ ସ୍ଥିତ ଶ୍ରୀମତୀ କଳ୍ପନା ରାଉତଙ୍କ ଆଇ.ଭି.ଆର-୨୬୧ କ୍ୱାର୍ଟରରେ ଫଳିଥିବା ବିଶାଳକାୟ ଆମ୍ବକୁ ବାବନ ସ୍ୱାଇଁ ପ୍ରଦର୍ଶନ କରୁଛନ୍ତି। ଗତ ୩ଦଶନ୍ଧି ଧରି ଏହି କ୍ୱାର୍ଟରରେ ଏହି ଭଳି ବିଶାଳକାୟ ଆମ୍ବ ଦେଖିବାକୁ ମିଳୁଛି। ସ୍ୱର୍ଗତ ରବିନ୍ଦ୍ର ନାଥ ରାୟ ଏବଂ ଶ୍ରୀମତୀ ସୁପ୍ରଭା ରାୟ ଏହି କ୍ୱାର୍ଟରରେ ୧୯୫୮ ମସିହାରୁ ୧୯୮୮ ମସିହା ପର୍ଯ୍ୟନ୍ତ ରହି ଆସିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ରସୁଲଗଡ ସ୍ଥିତ ସରକାରୀ ଜିଲ୍ଲା ଶିକ୍ଷକେନ୍ଦ୍ର କାର୍ଯ୍ୟାଳୟରେ କାର୍ଯ୍ୟରତ ବରିଷ୍ଠ ଅଧିକାରୀ ଶ୍ରୀମତୀ କଳ୍ପନା ରାଉତ ଏହି କ୍ୱାର୍ଟରରେ ଦୀର୍ଘ ବର୍ଷ ଧରି ରହିଆସୁଛନ୍ତି। ଏହି ଗଛର ଆମ୍ବ ପ୍ରାୟ ୨କେ.ଜିରୁ ଉର୍ଦ୍ଧ୍ୱ ଓଜନ ହୋଇଥାଏ। ଭୁବନେଶ୍ୱରରେ ଆୟୋଜିତ ବିଭିନ୍ନ ଫଳ ପ୍ରଦର୍ଶନୀରେ ଏହି ବିଶାଳକାୟ ଆମ୍ବ ପୁରସ୍କୃତ ହୋଇ ଆସୁଛି। (ଫଟୋ : ସମ୍ବାଦ କଳିକା)

## ଟ୍ରକ୍ ପଛରେ ପିଟିହେଲା ବସ୍: ଡ୍ରାଇଭର, ହେଲପର ମୃତ



ସୋନପୁର, ୨୮।୪
ନ୍ୟୁଜ ବ୍ୟୁରୋ

ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥର ସୋନପୁର ଥାନା ହରଡ଼ଖୋଲ ନିକଟରେ ଶନିବାର ବିଳମ୍ବିତ ରାତିରେ ଦୁର୍ଘଟଣା ଘଟିଛି। ପ୍ରଧାନ ନାମକ ଯାତ୍ରୀବାହୀ ବସ୍ ଏକ ଅଜଣା ଟ୍ରକ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ବସ୍‌ର ଡ୍ରାଇଭର ଏବଂ ହେଲ୍ପର ଚାପି ହୋଇ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। ରାତି ୧ ଟା ୩୦ ସମୟରେ ଏହି ଦୁର୍ଘଟଣା ଘଟିଛି। ମୃତ ଡ୍ରାଇଭରଙ୍କ ନାମ ଡମ୍ବରୁଧର ସ୍ୱାଇଁ (୫୩)। ତାଙ୍କ ଘର ଭୁବନେଶ୍ୱର ଖଣ୍ଡଗିରିର ଡୁମୁଡୁମା ଅଞ୍ଚଳରେ। ସେହିପରି ମୃତ ହେଲପରଙ୍କ ନାମ ଶିବରାମ ଗୌଡ଼ (୩୨)। ତାଙ୍କ ଘର ଗଞ୍ଜାମ ଜିଲ୍ଲାର ବଡ଼ାଗାଁ ଅଞ୍ଚଳରେ। ଏହି ଯାତ୍ରୀବାହୀ ବସ୍ ଜୟପୁରରୁ କଟକ ଯାଉଥିଲା। ଏଥିରେ ୪୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଥିଲେ। ତେବେ ସୌଭାଗ୍ୟକ୍ରମେ ସମସ୍ତ ଯାତ୍ରୀ ଅକ୍ଷତେ ବର୍ତ୍ତି ଯାଇଛନ୍ତି। ହରଡ଼ଖୋଲ ଫାଣ୍ଡି ପୋଲିସ ବସ୍‌କୁ ଜବତ କରିଛି। ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଏ ସମ୍ପର୍କରେ ସୋନପୁର ଥାନାରେ ଏକ ମାମଲା ରୁଜୁ ହୋଇଛି।



ଭୁବନେଶ୍ୱର : ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୬ ତମ ଜୟନ୍ତୀ ଅବସରରେ ରାଜଭବନ ସମ୍ମୁଖ ସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ନିକଟରେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି ରାଜ୍ୟପାଳ ରଘୁବର ଦାସ। (ଫଟୋ : ସମ୍ବାଦ କଳିକା)

# ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଦିଆଯିବ ଆଇଏଫ୍‌ଏ ବଟିକା

ଭୁବନେଶ୍ୱର, ୨୮।୪
ନ୍ୟୁଜ ବ୍ୟୁରୋ

ଖରା ଛୁଟିରେ ଛାତ୍ରଛାତ୍ରୀଙ୍କୁ ଆଇରନ୍ ଓ ଫଲିକ୍ ଏସିଡ୍ (ଆଇଏଫ୍‌ଏ) ବଟିକା ବାଣ୍ଟିବେ ଶିକ୍ଷକ ଶିକ୍ଷୟିତ୍ରୀ। ଆନେମିଆ (ରକ୍ତହୀନତା) ମୁକ୍ତ ଲକ୍ଷ୍ୟ ଅଭିଯାନ (ଅମ୍ଳାନ୍) କାର୍ଯ୍ୟକ୍ରମରେ ରାଜ୍ୟକୁ ଆନେମିଆ ମୁକ୍ତ କରିବା ପାଇଁ ଏପରି ପଦକ୍ଷେପ ନିଆଯାଇଛି। ସ୍କୁଲ ଖୋଲିବା ପୂର୍ବରୁ ଆଇଏଫ୍‌ଏ ଟାବଲେଟ୍ ବାଣ୍ଟିବାକୁ ଲକ୍ଷ୍ୟ



ରଖାଯାଇଛି। ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଏହି ବଟିକା ବଣ୍ଟନ କରାଯିବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚିଠି ହୋଇଛି। ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ମାନଙ୍କରେ ଏହାକୁ ବଣ୍ଟନ କରାଯିବ। ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ପାଇଁ ଆଇଏଫ୍ (ଗୋଲାପୀ) ବଟିକା, ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଇଁ ଆଇଏଫ୍‌ଏ (ନୀଳ) ବଟିକା ଦିଆଯିବ।

ଅଭିଭାବକଙ୍କ ଉପସ୍ଥିତିରେ ଏକ୍ସପାରୀ ତାରିଖ ତଦାରଖ କରି ପ୍ରଦାନ କରାଯିବ। ବଟିକା ଦେବା ପୂର୍ବରୁ କାର୍ଯ୍ୟକାରିତା ସଂପର୍କରେ ଅଭିଭାବକଙ୍କୁ ଅବଗତ କରାଯିବ। ଖରାଛୁଟିର ପ୍ରତି ସପ୍ତାହର ସୋମବାର ଏହା ଦିଆଯିବ। ପିଲାମାନେ ଖରାବେଳ ଖାଦ୍ୟ କିମ୍ବା ରାତି ଖାଦ୍ୟ ଖାଇବା ପରେ ବଟିକା ଖାଇବେ । ଦରକାର ପଡ଼ିଲେ ଆଇଏଫ୍‌ଏ ବଟିକା ବିତରଣର ତଦାରଖ ସ୍କୁଲ୍ ପରିଚାଳନା କମିଟି କରିବ । ଖରାଛୁଟିରେ ବଣ୍ଟନ ହୋଇଥିବା ବଟିକାର ସମସ୍ତ ତଥ୍ୟକୁ ଦାଖଲ ହେବ। ଏହାର ଦାୟିତ୍ୱ ବ୍ଲକ ଶିକ୍ଷା ଅଧିକାରୀମାନେ ନେବେ।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ପୁରୀ ରେଳ ଷ୍ଟେସନରେ ନିର୍ମାଣାଧୀନ କୋଠା ଛାତ ଭୁଶୁଡ଼ି ୪ ଗୁରୁତର

ପୁରୀ, ୨୮/୦୪ ନ୍ୟୁଜ ବ୍ୟୁରୋ

ପୁରୀ ରେଳୱେ ଷ୍ଟେସନରେ ଅଘଟଣ। ଏଠାରେ ଏକ ନିର୍ମାଣାଧୀନ ବିଲ୍ଡିଂର ଛାତ ଭୁଶୁଡ଼ି ପଡିବାରୁ ୪ ଜଣ ଶ୍ରମିକ ଗୁରୁତର ହୋଇଥିବା ସୂଚନା ମିଳିଛି। ଷ୍ଟେସନ ସମ୍ମୁଖରେ ଗୋଟିଏ ନୂତନ ବିଲ୍ଡିଂ ନିର୍ମାଣ ଚାଲିଥିବା ବେଳେ ଏହାର ଛାତ ରବିବାର ଭୁଶୁଡ଼ି ପଡିଛି । ସମସ୍ତ ଗୁରୁତରଙ୍କୁ ଚିକିତ୍ସା ନିମନ୍ତେ ପୁରୀ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଗୁରୁତର ଶ୍ରମିକମାନେ ନିର୍ମାଣାଧୀନ ବିଲ୍ଡିଂ କାର୍ଯ୍ୟରେ ନିୟୋଜିତ ଥିଲେ। ଘଟଣାସ୍ଥଳରେ ଉଦ୍ଧାରକାରୀ ଦଳ ଓ ଅଗ୍ନିଶମ ବାହିନୀ ନିୟୋଜିତ ଥିଲେ। ଆହତ ଶ୍ରମିକ ହେଉଛନ୍ତି ବିଶୁ ମଣ୍ଡଳ, ଶଙ୍କର ବେରା, ଶମ୍ଭୁ ବେରା ଓ କୁନୁ ଗୌଡ଼ । ତେବେ ଆହତଙ୍କ ମଧ୍ୟରୁ ୩ ଜଣ ମେଦିନପୁରର ହୋଇଥିବା ବେଳେ କୁନୁ ଗୌଡ ଗଞ୍ଜାମ ଜିଲ୍ଲା ନିବାସୀ ଅଟନ୍ତି । ସେପଟେ ଏହି ଦୁର୍ଘଟଣାର କାରଣ ଜାଣିବା ପାଇଁ ତଦନ୍ତ କମିଟିକୁ ନିର୍ଦ୍ଦେଶ ଦେଇଛି ପୂର୍ବତଟ ରେଳପଥ । ମିଳିଥିବା ସୂଚନା ଅନୁଯାୟୀ, ରବିବାର ସକାଳେ ବିଲ୍ଡିଂରେ କାମ ଚାଲିଥିଲା । ୬ ଜଣ ଶ୍ରମିକ କାମ କରୁଥିବା ବେଳେ ହଠାତ୍ ଛାତ ପାଇଁ ଲାଗିଥିବା ସେଣ୍ଟ୍ରିଂ



ଭୁଶୁଡି ପଡିଥିଲା । ଫଳରେ ୬ ଶ୍ରମିକଙ୍କ ମଧ୍ୟରୁ ୪ ଜଣ ଆହତ ହୋଇଥିଲେ । ଏନେଇ ଖବର ପାଇବା ପରେ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଶ୍ରମିକଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ଡାକ୍ତରଙ୍କ ପକ୍ଷରୁ କୌଣସି ଖବର ହସ୍ତଗତ ହୋଇନାହିଁ । ନିର୍ମାଣାଧୀନ ବିଲ୍ଡିଂଟି ପୁରୀ ରେଳୱେ ଷ୍ଟେସନ ସମ୍ମୁଖରେ ରହିଛି । ଜିଆରପି ଅଧିକାରୀ ସନ୍ତୋଷ ବାହିନୀପତି ଘଟଣା ସମ୍ପର୍କରେ କହିଛନ୍ତି, " ରବିବାର ସକାଳ ୯ଟା ୩୦ରୁ ୯ଟା ୪୫ ମିନିଟ ମଧ୍ୟରେ ବିଲ୍ଡିଂର ଛାତ ଭୁଶୁଡି ପଡିଥିଲା । ଏନେଇ ଖବର ପାଇବା ପରେ ଘଟଣାସ୍ଥଳରେ ଉଦ୍ଧାରକାରୀ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ୩ ଜଣ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସେମାନଙ୍କ ଅବସ୍ଥା ଗୁରୁତର ରହିଛି । ପୋଲିସ ମଧ୍ୟ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ଆହତ ଶ୍ରମିକମାନଙ୍କ ପରିଚୟ ଜଣାପଡିଛି ।'' ପୁରୀ ରେଳ ଷ୍ଟେସନ ଦୁର୍ଘଟଣା ସମ୍ପର୍କରେ ସ୍ପଷ୍ଟୀକରଣ ଦେଇଛି ପୂର୍ବତଟ ରେଳପଥ। ପୁରୀ ରେଳ ଷ୍ଟେସନରେ ଏକ ନିର୍ମାଣାଧୀନ ଷ୍ଟେସନ କୋଠାର ସମ୍ମୁଖ ପର୍ଟିକୋ ଭୁଶୁଡ଼ି ପଡ଼ିବାରୁ ଅଭାବନୀୟ ଦୁର୍ଘଟଣା ଘଟିଛି । ଘଟଣା ସମୟରେ ଘଟଣାସ୍ଥଳରେ ୬ ଜଣ ଶ୍ରମିକ କାମ କରୁଥିଲେ, ସେମାନଙ୍କ ମଧ୍ୟରୁ ୪ ଜଣ ଆହତ ହୋଇଥିଲେ । ଆହତ ଶ୍ରମିକଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସେମାନେ ଏବେ ବିପଦମୁକ୍ତ ଅଛନ୍ତି । ଦୁର୍ଘଟଣାର କାରଣ ଜାଣିବା ପାଇଁ ଏକ ତଦନ୍ତ କମିଟିକୁ ନିର୍ଦ୍ଦେଶ ଦିଆଯାଇଥିବା ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଉଛି। ଏହି ଅଘଟଣ ପରେ ଯୁବ କଂଗ୍ରେସ ନେତା ସୁଜିତ୍ ମହାପାତ୍ର ପୁରୀ ରେଳୱେ ଷ୍ଟେସନ ଆସି ଘଟଣା ସ୍ଥଳ ପରିଦର୍ଶନ କରିଥିଲେ। ବିଲ୍ଡିଂ ଛାତ ଭୁଶୁଡିବା ନେଇ ସେ ସୁରକ୍ଷା ବ୍ୟବସ୍ଥାକୁ ଦାୟୀ କରିଥିଲେ । ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥାର ଅଭାବ ପାଇଁ ଏପରି ଅଘଟଣ ଘଟିଛି । ଉପଯୁକ୍ତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ସହ ଶ୍ରମିକଙ୍କୁ କ୍ଷତି ପୂରଣ ଦେବାକୁ ଯୁବ କଂଗ୍ରେସ ନେତା ସୁଜିତ୍ ମହାପାତ୍ର ଦାବି କରିଛନ୍ତି ।

## ଅବକାରୀ ବିଭାଗ ପକ୍ଷରୁ ଚଢଉ : ୨୨୦ କି.ଗ୍ରା ଗଞ୍ଜେଇ ଜବତ, ଜଣେ ମହିଳା ଗିରଫ

ଫୁଲବାଣୀ, ୨୮/୦୪
ନ୍ୟୁଜ ବ୍ୟୁରୋ



କନ୍ଧମାଳ ଜିଲ୍ଲା ସଦର ଅବକାରୀ ବିଭାଗକୁ ମିଳିଛି ସଫଳତା । ଅବକାରୀ ଅଧିକ୍ଷକ ଝାସକେତନ ବରିହାଙ୍କ ନିର୍ଦ୍ଦେଶ କ୍ରମେ କୌଣସି ସୂତ୍ରରୁ ଖବର ପାଇ ଗୋଛାପଡା ଥାନା ଅନ୍ତର୍ଗତ ବୁଡେନପଙ୍ଗା ଗ୍ରାମର ବବିତା କହଁରଙ୍କ ଘର ବାଡ଼ିରେ ଥିବା କଦଳୀ ବଗିଚାରେ ଏଗାରଟି ବସ୍ତାରେ ଗଞ୍ଜେଇ ଚାଲାଣ କରିବା ଉଦ୍ଦେଶ୍ୟରେ ରଖାଯାଇ ଥିବା ଜାଣି ଅବକାରୀ ବିଭାଗ ପକ୍ଷରୁ ଚଢଉ କରି ୨୨୦ କିଗ୍ରା ଗଞ୍ଜେଇ ଜବତ କରିଥିଲେ। ଏଥିସହିତ ବବିତା କହଁରକୁ ଗିରଫ କରି ଏକ ମାମଲା ଥାନା କେଶ ନମ୍ବର ୦୪/୨୪ରେ ରୁଜୁ କରିବା ସହ କୋର୍ଟ ଚାଲାଣ କରିଥିବା ଅବକାରୀ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ଏସ୍.ଆଇ ପୂର୍ଣ୍ଣଚନ୍ଦ୍ର ବେହେରା, ଏ.ଏସ.ଆଇ ଭବାନୀ ଶଙ୍କର ସେଠୀ, ଏସ.ଆଇ ମୋବାଇଲ ସୁଜିତ କୁମାର ମୁଦୁଲି ଏବଂ ଭୃଗୁପତି ଦିଗାଲ, ଏସ.ଆଇ ସଦାଶିବ ରଣା, ଏମ ସଞ୍ଜୀବ କୁମାର, ମିନତୀ ଗୁନ୍ତିଆ, ସଚିନ ଗୁରୁ ଏକ୍ସଆଇଜ କନେଷ୍ଟବଲ ଏବଂ ଷ୍ଟାଫ କଟ୍ରିଙ୍ଗିଆ ମୁଖ୍ୟ ରାସ୍ତାରେ ପାଟ୍ରୋଲିଂ କରୁଥିବା ସମୟରେ ଖବର ପାଇ ମିଳିତ ଭାବେ ଚଢଉ କରିଥିଲେ।



କଟକ : ଓଡ଼ିଶା ଗସ୍ତ ଅବସରରେ ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧୁବାବୁଙ୍କ ଜନ୍ମସ୍ଥଳୀ ସତ୍ୟଭାମାପୁରରେ ପହଞ୍ଚି ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସାଲେପୁର ଠାରେ ଆୟୋଜିତ ସଭାରେ ଦଳର ରାଜ୍ୟସ୍ତରୀୟ ନେତାମାନଙ୍କ ଗ୍ରହଣରେ ଉପସ୍ଥିତ ଅଛନ୍ତି। (ଫଟୋ : ସମ୍ବାଦ କଳିକା)

## ପ୍ରକାଶ ଅପେକ୍ଷାରେ...

'କଥାକଳିକା'ର ମେ' ମାସ ସଂଖ୍ୟା, ୨୦୨୪




ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ବରଦା ପ୍ରସନ୍ନ ଦାସ
**ସମକାଳର କଥା :** ପୁଷ୍ପାଞ୍ଜଳି କର, ଶଶିଭୂଷଣ ମହାନ୍ତି, ପ୍ରଭାତ ସିହ୍ନା, ବିଜନବାଳା ପାଟଯୋଶୀ, ଗଙ୍ଗାଧର ବିଶ୍ୱାଳ, ସନ୍ତୋଷୀ ସ୍ୱାଇଁ।
**ଅନ୍ୟଭାଷାର କଥା :** ସାରଦା ରଥ।
**ଯୁବ ମାନସର କଥା :** କ୍ଷୀରୋଦ ବିହାରୀ ବିଶ୍ୱାଳ, କିରଣ ମିଶ୍ର, ଦୀପକ କୁମାର ମହାନ୍ତି, ରଜନୀକାନ୍ତ ମିଶ୍ର, ବିଧ୍ୟାଧର ଗୁରୁ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣସ୍ଥ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ – (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା–୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/– (୨ଟି ବିଶେଷ ସଂଖ୍ୟା ସହ)




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ୩ ମାସରେ ରାଜଧାନୀରୁ ୧୬ କୋଟି ଟଙ୍କା: ଅମୁନି ସାଇବର ଲୁଟ୍

ଭୁବନେଶ୍ୱର, ୨୮/୦୪ ନ୍ୟୁଜ ବ୍ୟୁରୋ

ଭୁବନେଶ୍ୱର ଏବେ ଅନ୍ତର୍ଜାତୀୟ ସାଇବର ଲୁଟେରାଙ୍କ ନଜରରେ। ସାଇବର ଲୁଟ୍ ଦିନକୁ ଦିନ ଏଠାରେ ବଢ଼ିବାରେ ଲାଗିଛି। ଗତ ୩ ମାସର ହିସାବ ରାଜଧାନୀରେ ସାଇବର ଲୁଟ୍‌ର ସାଂଘାତିକ ଚିତ୍ର ସାମ୍ନାକୁ ଆଣିଛି। ଆଶ୍ଚର୍ଯ୍ୟର କଥା ଗତ ୩ ମାସ ଭିତରେ ସାଇବର ଲୁଟେରାମାନେ କେବଳ ଭୁବନେଶ୍ୱରରୁ ୧୬ କୋଟିରୁ ଅଧିକ ଟଙ୍କା ଲୁଟି ନେଲେଣି। ଫେଡେକ୍ସ ଓ ଟେଲିଗ୍ରାମ୍ ଆପ୍‌ରେ ଆକାଉଣ୍ଟ ଖାଲି ହୋଇଯାଉଛି। ଲୋଭର ବଶବର୍ତ୍ତୀ ହୋଇ ଅନ୍‌ଲାଇନ୍ ଟ୍ରେଡିଂ କରୁକରୁ ଲୋକେ ଠକାମିର ଶିକାର ହେଉଛନ୍ତି। ସବୁ ମାମଲାରେ କେବଳ ଉଚ୍ଚଶିକ୍ଷିତ ବ୍ୟକ୍ତିମାନେ ହିଁ ସାଇବର ଲୁଟେରାଙ୍କ ଶିକାର ହେଉଛନ୍ତି। ଇଂଜିନିୟର, ଡାକ୍ତର, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀଙ୍କ ଭଳି ପଦସ୍ଥ ଅଧିକାରୀମାନେ ହିଁ ବେଶି ଠକାମିର ଶିକାର ହେଉଛନ୍ତି। ଏମିତିକି ଚାର୍ଟର୍ଡ ଆକାଉଣ୍ଟାଣ୍ଟ ବି ସାଇବର ଠକଙ୍କ ମାୟାଜାଲରେ ପଡ଼ି ବିପୁଳ ଅର୍ଥ ହରାଉଛନ୍ତି। ସାଇବର ପୁଲିସ କିଛି କିଛି ସାଇବର ଲୁଟେରାଙ୍କୁ ବାନ୍ଧୁଛି ସତ, କିନ୍ତୁ ଟଙ୍କା ଫେରସ୍ତ ହେବା ସମ୍ଭବ ହେଉନାହିଁ। ଯେଉଁ କିଛି ମାମଲାରେ ଟଙ୍କା ମିଳୁଛି, ତାହା ଲୁଟ୍ ଅର୍ଥର ୨୦%ରୁ ଅଧିକ ନୁହେଁ। ତେଣୁ ଲୁଟ୍ ଅର୍ଥ ଯେତିକି ଉଦ୍ଧାର ହେଉଛି, ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। ଚଳିତ ବର୍ଷ ଜାନୁଆରୀରୁ ମାର୍ଚ୍ଚ ମାସ ଭିତରେ ଭୁବନେଶ୍ୱରରେ ସାଇବର ଠକେଇ ବଢ଼ିଛି। ଜାନୁଆରୀରେ ୩୦ ସାଇବର ଠକେଇ ମାମଲାରେ



୫ କୋଟି ୨୦ ଲକ୍ଷ ୬୩ ହଜାର ୩୧୬ ଟଙ୍କା ଠକେଇ ହୋଇଛି। ତା' ଭିତରୁ ୩ କୋଟି ୧୯ ଲକ୍ଷ ୪୬ ହଜାର ୬୮୬ ଟଙ୍କା ଠକେଇ ପୂର୍ବରୁ ବ୍ଲକ୍ ହୋଇପାରିଛି। ୪ ଲକ୍ଷ ୬୫ ହଜାର ୯୦୫ଟଙ୍କା ଠକାମିର ଶିକାର ବ୍ୟକ୍ତିଙ୍କ ଆକାଉଣ୍ଟକୁ ଫେରିଛି। ଜାନୁଆରୀର ହିସାବ କହୁଛି ଏଠାରେ ଦୈନିକ ୫ ଲକ୍ଷରୁ ଅଧିକ ଟଙ୍କା ସାଇବର ଲୁଟେରାମାନେ ଲୁଟି ନେଉଛନ୍ତି। ସେହିପରି ଫେବ୍ରୁୟାରୀରେ ୨୧ ସାଇବର ଠକେଇ ମାମଲା ହୋଇଛି। ଏଥିରେ ୪ କୋଟି ୭୨ ଲକ୍ଷ ୨୮ ହଜାର ୦୧୯ ଟଙ୍କା ଠକେଇ ହୋଇଥିବା ରେକର୍ଡ କହୁଛି। ସେହି ମାସରେ ୮୭ ଲକ୍ଷ ୫୩ ହଜାର ୭୭୮ଟଙ୍କା ବ୍ଲକ୍ କରାଯାଇଛି ଏବଂ ମାତ୍ର ୨ ଲକ୍ଷ ୩୬ ହଜାର ୨୯୧ ଟଙ୍କା ଠକାମିର ଶିକାର ବ୍ୟକ୍ତିଙ୍କ ଆକାଉଣ୍ଟକୁ ଆସିପାରିଛି। ସେହିପରି ମାର୍ଚ୍ଚରେ ୩୧ ସାଇବର ଠକେଇ ମାମଲା ରୁଜୁ ହୋଇଛି ଏବଂ ୫ କୋଟି ୨୪ ଲକ୍ଷ ୧୦ ହଜାର ୮୮୧ ଟଙ୍କା ସାଇବର ଲୁଟେରାଙ୍କ ଆକାଉଣ୍ଟକୁ ଯାଇଛି। ସେଥିରୁ ୧ କୋଟି ୩୩ ଲକ୍ଷ ୭୪ ହଜାର ୨୬୮ ଟଙ୍କା ବ୍ଲକ୍ କରାଯାଇଛି ଏବଂ ମାତ୍ର ୨ ଲକ୍ଷ ୭୬ ହଜାର ଟଙ୍କା ସାଇବର ଲୁଟେରାଙ୍କ ଶିକାର ବ୍ୟକ୍ତିଙ୍କ ଆକାଉଣ୍ଟକୁ ଫେରିଛି। ତିନି ମାସର ହିସାବ ଅନୁସାରେ ୮୧ଟି ଲୁଟ୍ ମାମଲାରେ ୧୬ କୋଟିରୁ ଅଧିକ ଟଙ୍କା ସାଇବର ଲୁଟେରାମାନେ ଭୁବନେଶ୍ୱରରୁ ହିଁ ଲୁଟ୍ କରିବାରେ ସଫଳ ହୋଇଛନ୍ତି। ସେଥିରୁ ମାତ୍ର ସାଢ଼େ ୪ କୋଟି ଟଙ୍କା ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରୁ ଉଡ଼ିଯିବା ପୂର୍ବରୁ ବ୍ଲକ୍ କରାଯାଇପାରିଛି। ସେଥିରେ ପୁଣି ବ୍ଲକ୍ ହୋଇଥିବା ଟଙ୍କା କ୍ଷତିଗ୍ରସ୍ତଙ୍କ ଆକାଉଣ୍ଟକୁ ଫେରିପାରିନାହିଁ। ଆଇନଗତ ସମସ୍ୟା ରହୁଥିବାରୁ ସାଇବର କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରସ୍ତ ମିଳିବା ସହଜ ହେଉନାହିଁ। ଭୁବନେଶ୍ୱର ସାଇବର ଥାନା ଅଧିକାରୀଙ୍କ କହିବା କଥା ଲୋଭ ଗ୍ରାସ କରୁଥିବାରୁ ଶିକ୍ଷିତମାନେ ହିଁ ଏଭଳି ଠକାମିରେ ପଡ଼ୁଛନ୍ତି। ବହୁ କ୍ଷେତ୍ରରେ ଅଳ୍ପ ପରିଶ୍ରମରେ ଘରେ ବସି ବିପୁଳ ରୋଜଗାର କରିବାର ମୋହ ହିଁ କାଳ ହେଉଛି। ଲୋକେ ଫେକ୍ ସାଇଟ୍‌କୁ ଯାଇ ବେଆଇନ ଟ୍ରେଡିଂରେ ମୁଣ୍ଡ ପୂରାଉଛନ୍ତି। ପୁଞ୍ଜି ବିନିଯୋଗ କରିବା ପୂର୍ବରୁ ଅଭିଜ୍ଞମାନଙ୍କଠାରୁ ପରାମର୍ଶ ନେବା ଦରକାର। କିନ୍ତୁ ଲୁଚାଛପାରେ ଅଧିକ ରୋଜଗାର କରିବାକୁ ଯାଇ ଏବଂ ଅତିଶୟ ଲୋଭ ସେମାନଙ୍କୁ ସାଇବର ଠକଙ୍କ ମାୟାଜାଲରେ ଛନ୍ଦି ଦେଉଛି। କୋଉଠୁ କ'ଣ ଗିଫ୍ଟ ଆସିଲା, କିଛି ନ ଜାଣି ଲୋକମାନେ ଫସୁଛନ୍ତି।